୬

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

29 YEARS

# ସମ୍ବାଦ କଳିକା

# The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper

NS-EN ISO 9001:2008

ଆଠ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages, ₹2.00

• ବର୍ଷ–୩୦ • ସଂଖ୍ୟା–୩୩୫ • ୪ ଜାନୁଆରୀ ୨୦୨୪, ଗୁରୁବାର • ଭୁବନେଶ୍ୱର • Vol -30 • Issue-335 • 4th January 2024, Thursday • Bhubaneswar

Licensed to post without pre-payment of postage No- BN-60/22-24



ଟେଷ୍ଟ କ୍ୟାରିୟରରେ ୧୦୦୦ ରନ୍ ପୂର୍ଣ୍ଣ କଲେ ଶୁଭମନ ଗିଲ୍

## ବଲାଙ୍ଗୀରର ବିକାଶରେ ନୂଆ ଇତିହାସ

# ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧

ନ୍ୟୁଜ୍‌ବ୍ୟୁରୋ

ନୂଆ ବର୍ଷରେ ମୋର ପ୍ରଥମ ଗସ୍ତ ବଲାଙ୍ଗୀରରୁ ଆରମ୍ଭ କରି ମୁଁ ବହୁତ ଖୁସି। ଆପଣମାନେ ଖୁସି ତ ? ଲୋକଙ୍କ ଉଚ୍ଛ୍ୱସିତ ଧ୍ୱନି, କରତାଳି ଓ ହୁଳହୁଳି ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ବଲାଙ୍ଗୀରରେ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ଲୋକାର୍ପିତ କରିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଲୋୟର ସୁକତେଲ ପ୍ରକଳ୍ପ ଦ୍ୱାରା ବଲାଙ୍ଗୀରର ଚାଷୀଭାଇ ମାନଙ୍କର ଜଳ କଷ୍ଟ ଦୂର ହେଲା। ସୁକତେଲ ପ୍ରକଳ୍ପ ବଲାଙ୍ଗୀରର ଜଳସେଚନ କ୍ଷେତ୍ରରେ, କୃଷି କ୍ଷେତ୍ରରେ ରୂପାନ୍ତର ଆଣିବ ବୋଲି ସେ ମତ ଦେବା ସହିତ କହିଥିଲେ ଯେ ଚାଷୀର ବିକାଶରେ ରାଜ୍ୟର ବିକାଶ। ବଲାଙ୍ଗୀର ଜିଲ୍ଲାର ବିକାଶରେ ଏହି ପ୍ରକଳ୍ପ ନୂଆ ଯୁଗ ଆଣିବ।



ସୂଚନାଯୋଗ୍ୟ ଯେ ଏହି ପ୍ରକଳ୍ପ ରାଜ୍ୟର ନବମ ସର୍ବବୃହତ୍ ବନ୍ଧ। ଏହାର ଉଚ୍ଚତା ୩୧ ମିଟର। ଏହାଦ୍ୱାରା ବଲାଙ୍ଗୀର ଓ ସୋନପୁର ଦୁଇ ଜିଲ୍ଲାର ୨୦୩ଟି ଗାଁ ର ଏକ ଲକ୍ଷ ଏକର ଜମିକୁ ପାଣି ମିଳିବ। ୮୦ହଜାରରୁ ଅଧିକ ଚାଷୀ ଉପକାର ପାଇବେ। ଜିଲ୍ଲାର ୭୦ହଜାରରୁ ଅଧିକ ଲୋକ ପିଇବା ପାଣି ସୁବିଧା ମଧ୍ୟ ପାଇବେ ।

୨୦୧୯ ମସିହାରୁ ୫–ଟି ଉପକ୍ରମରେ ପ୍ରକଳ୍ପ ତ୍ୱରାନ୍ୱିତ କରାଯାଇ କାମ ସଂପୂର୍ଣ୍ଣ କରାଯାଇଛି। ଟେକ୍ନୋଲୋଜି ବ୍ୟବହାର କରାଯାଇ ଅଣ୍ଡରଗ୍ରାଉଣ୍ଡ ପାଇପ୍‌ଲାଇନ୍ ଜରିଆରେ ଜଳସେଚନର ବ୍ୟବସ୍ଥା କରାଯାଉଛି। ଏହାଦ୍ୱାରା ଜଳସେଚନ ପାଇଁ କୌଣସି ବିସ୍ଥାପନ ହେବ (ପୃଷ୍ଠା ୭ରେ)

# ମହାକାଶ ଗବେଷଣା କ୍ଷେତ୍ରରେ ଭାରତର ଆଉ ଏକ ସଫଳତା

## ଲଞ୍ଚ୍ ହେବ ଜିଏସ୍‌ଏଟି–୨୦ ଉପଗ୍ରହ

ନୂଆଦିଲ୍ଲୀ,୩।୧

ମହାକାଶ ଗବେଷଣା କ୍ଷେତ୍ରରେ ଭାରତ ଆଉ ଏକ ବଡ଼ ସଫଳତା ଆଡ଼କୁ ଅଗ୍ରସର ହେଉଛି। ସ୍ପେସ୍‌ଏକ୍ସର ଫାଲକନ–୯ ରକେଟ୍ ସାହାଯ୍ୟରେ ଜିସାଟ୍–୨୦ ସାଟେଲାଇଟ୍‌କୁ ଲଞ୍ଚ୍ କରିବାକୁ ଯାଉଛି ଭାରତ। ଏନେଇ ନ୍ୟୁସ୍ପେସ୍ ଇଣ୍ଡିଆ ଲିମିଟେଡ୍ ସୂଚନା ଦେଇଛି।

ଏନ୍‌ଏସ୍‌ଆଇଏଲ୍ ଭାରତୀୟ ମହାକାଶ ଗବେଷଣା କେନ୍ଦ୍ର ଇସ୍ରୋର ଏକ ବାଣିଜ୍ୟିକ ଶାଖା। ଏହି କମ୍ପାନୀକୁ ଆବଶ୍ୟକତା ପୂରା କରିବା ପାଇଁ ଡିମାଣ୍ଡ ଡ୍ରିଭେନ୍ ମୋଡ଼(ରପ୍ତାନୀ ଶୃଙ୍ଖଳ–ଚାହିଦା ଅନୁସାରେ ସଞ୍ଚାଳିତ)ରେ ଉପଗ୍ରହ ନିର୍ମାଣ, ପ୍ରକ୍ଷେପଣ ଓ ସଞ୍ଚାଳନ କାର୍ଯ୍ୟ ଦିଆଯାଇଛି।

ଜୁନ ୨୦୨୨ରେ ଜିସାଟି–୨୪ର ସଫଳ ମୁତୟନ ପରେ ଏନ୍‌ଏସ୍‌ଆଇଏଲ୍ ପକ୍ଷରୁ ଏହି ମିଶନକୁ ସମ୍ପୂର୍ଣ୍ଣ ଭାବେ ହାତକୁ ନିଆଯାଇଥିଲା। ଏନ୍‌ଏସ୍‌ଆଇଏଲ୍ ଟାଟାପ୍ଲେ ସହଯୋଗରେ ଏବେ ଜିସାଟ–୨୦କୁ ମହାକାଶକୁ ନିକ୍ଷେପ କରିବାକୁ ଯୋଜନା କରୁଛି।

୨୦୨୪ ବର୍ଷର ଦ୍ୱିତୀୟ ତ୍ରୟ ମାସିକରେ ଜିସାଟ–୨୦କୁ ନିକ୍ଷେପ କରିବାକୁ ଯୋଜନା କରାଯାଉଥିବା ବେଳେ ଏହା ସଫଳ ହେଲେ ଭାରତରେ ବ୍ରଡ୍‌ବ୍ୟାଣ୍ଡ କନେକ୍ଟିଭିଟି ଆହୁରି ମଜଭୁତ ହେବ। ଏଥିସହିତ ଫ୍ଲାଇଟ୍ ଓ ମାରିଟାଇମ କନେକ୍ଟିଭିଟିକୁ ସପୋର୍ଟ ଓ ପୂରା ଦେଶରେ ସେଲୁଲାର ବ୍ୟାକହଲ ସେବାକୁ ମଜଭୁତ କରିବ।



ଜିସାଟ୍–୨୦ ଉପଗ୍ରହ ୪୮ ଜିବିପିଏସର ପ୍ରଭାବଶାଳୀ ଏଚ୍‌ଟିଏସ୍ କ୍ଷମତା ରହିବା ସହ ଏଥିରେ ୩୨ ବିମ୍ ରହିଛି। ଯାହା ଆଣ୍ଡାମାନ, ନିକୋବାର ଓ ଲାକ୍ଷାଦ୍ୱୀପ ସମେତ ପୂରା ଭାରତ ଉପମହାଦ୍ୱୀପଗୁଡ଼ିକ କଭର କରିବ। ଏହି ଉପଗ୍ରହର ଉଚ୍ଚମାନର ବ୍ୟାଣ୍ଡୱିଥ ଯୋଗୁ ଭରାତୀୟ ସେବା ପ୍ରଦାନକାରୀ କମ୍ପାନୀଗୁଡ଼ିକ କନେକ୍ଟିଭିଟି ନେବାକୁ ଆଗୁଆ ବୁକ୍ କରିସାରିଲେଣି। ୪୭୦୦ କେଜିର ଜିସାଟ୍–୨୦କୁ ଇସ୍ରୋର ବିଶେଷଜ୍ଞମାନେ ବିକଶିତ କରିଛନ୍ତି। ସ୍ପେସ୍‌ଏକ୍ସର ଫାଲକନ–୯ ରକେଟ୍‌ରେ ଏହାକୁ ନିକ୍ଷେପ କରାଯିବ। ଏନେଇ ଇଲନ ମସ୍କଙ୍କ କମ୍ପାନୀ ସ୍ପେସ୍‌ଏକ୍ସ ମଧ୍ୟରେ ଚୁକ୍ତି ହୋଇଛି। ଏହି ଚୁକ୍ତି ଭାରତରେ ମହାକାଶ ଗବେଷଣା କ୍ଷେତ୍ରରେ ଅନ୍ତର୍ଜାତୀୟ ଭାଗିଦାରିକୁ ଦର୍ଶାଉଛି।

ବିଶେଷ କରି ଉପାନ୍ତ ଅଞ୍ଚଳଗୁଡ଼ିକରେ ଯେଉଁଠାରେ ଇଣ୍ଟରନେଟ୍ କିମ୍ବା ଅନ୍ୟ କୌଣସି ସଂଯୋଗ ହୋଇପାରୁ ନାହିଁ ସେହିସବୁ ସ୍ଥାନଗୁଡ଼ିକରେ ସଂଯୋଗ ସେବାକୁ ଦୃଢ଼ କରିବା ସହ ମୌଳିକ ସୁବିଧା ପହଞ୍ଚାଇବା ଜିସାଟ୍–୨୦ର ମୁଖ୍ୟ ଲକ୍ଷ୍ୟ।

## ରାଜସ୍ୱ ଆଦାୟ ନେଇ ବିଏମ୍‌ସି କମିଶନରଙ୍କ କଡ଼ା ଆଭିମୁଖ୍ୟ




ଭୁବନେଶ୍ୱର,୩।୧

ନ୍ୟୁଜ୍‌ବ୍ୟୁରୋ

ରାଜଧାନୀରେ ବାସଗୃହ ନିର୍ମାଣ କରି ଯଦି ବ୍ୟବସାୟିକ ଅନୁଷ୍ଠାନ ଭାବେ ବ୍ୟବହାର କରୁଛନ୍ତି ତେବେ ହୋଇ ଯାଆନ୍ତୁ ସାବଧାନ। କାରଣ ସଠିକ୍ ସମୟରେ ହୋଲ୍‌ଡିଂ ଟ୍ୟାକ୍ସ, କମର୍ସିଆଲ ହୋଲ୍‌ଡିଂ ଟ୍ୟାକ୍ସ ନଦେଲେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବିଏମ୍‌ସି। ରାଜସ୍ୱ ଆଦାୟ ନେଇ ବିଏମ୍‌ସି କମିଶନର କଡା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଥିପାଇଁ ଲୋକଙ୍କୁ ସଚେତନ କରିବାକୁ ଖୁବ୍‌ଶୀଘ୍ର ରାଜସ୍ୱ ରଥ ବୁଲିବ ବୋଲି କୁହାଯାଇଛି।

ରାଜସ୍ୱ ଆଦାୟ ଓ ଏ ସମ୍ପର୍କୀତ ସର୍ବେକ୍ଷଣକୁ ନେଇ ବିଏମ୍‌ସି ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଚଳିତବର୍ଷ ୧୧୫ କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ରଖାଯାଇଥିବା ବେଳେ (ପୃଷ୍ଠା ୭ରେ)

TATA MOTORS

Light Commercial Vehicles Dealers

24 hours help line :

Sales : 7873770000

# ଏଣିକି ଏସ୍‌ସିବି ମେଡିକାଲରେ କରାଯିବ ଲିଭର ପ୍ରତିରୋପଣ

କଟକ,୩।୧

ନ୍ୟୁଜ୍‌ବ୍ୟୁରୋ

କଟକ ଏସ୍‌ସିବି ମେଡିକାଲରେ ଏଣିକି କରାଯିବ ଲିଭର ପ୍ରତିରୋପଣ। ଏଥିପାଇଁ ହାଇଦ୍ରାବାଦ ସ୍ଥିତ ଏସିଆ ଇନଷ୍ଟିଚ୍ୟୁଟ୍ ଅଫ ଲିଭର ଟ୍ରାନ୍ସପ୍ଲାଣ୍ଟ ସହ ବୁଝାମଣା ହୋଇଛି। ଏହା ସମ୍ଭବ ହେଲେ ରୋଗୀ ତାଙ୍କ ସମ୍ପର୍କୀୟଙ୍କୁ ଆଉ ବାହାର ରାଜ୍ୟର ହସ୍ପିଟାଲ ଉପରେ ନିର୍ଭର କରିବାକୁ ପଡ଼ିବ ନାହିଁ। ସମ୍ପୂର୍ଣ୍ଣ ମାଗଣାରେ ଏଠାରେ ହେବ ବ୍ୟୟବହୁଳ ଲିଭର ପ୍ରତିରୋପଣ। ଆସନ୍ତା ୫ ତାରିଖରେ ହାଇଦ୍ରାବାଦରୁ ବିଶେଷଜ୍ଞ ଟିମ୍ ଆସି ଏସ୍‌ସିବିରେ ଭିତ୍ତିଭୂମିର ସମୀକ୍ଷା କରିବେ ।

କଟକ ବଡ଼ ମେଡିକାଲ ଅତ୍ୟାଧୁନିକ ଚିକିତ୍ସା କ୍ଷେତ୍ରରେ ନୂଆ ମାଇଲଷ୍ଟୋନ ସୃଷ୍ଟି କରିଛି। ଏଠାରେ କିଡ୍‌ନୀ ପରେ ଏଣିକି ଲିଭର ପ୍ରତିରୋପଣ କରାଯିବ। ରୋଗୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ମିଳିବ ବ୍ୟବହୁଳ ଚିକିତ୍ସା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨୦୨୩ରୁ ଏହି ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏଥିପାଇଁ ହାଇଦ୍ରାବାଦ ସ୍ଥିତ ଏସିଆ ଇନଷ୍ଟିଚ୍ୟୁଟ ଅଫ ଲିଭର ଟ୍ରାନ୍ସପ୍ଲାଣ୍ଟ ସହିତ ଅନୁବନ୍ଧିତ ହୋଇଛି ଏସସିବି। ଏକ ଡାକ୍ତରୀ ଟିମ ହାଇଦ୍ରାବାଦ ଯାଇ ପ୍ରତିରୋପଣ ବ୍ୟବସ୍ଥାର ସମସ୍ତ ସୋପାନକୁ ଅନୁଶୀଳନ କରିଛନ୍ତି। ସେହି ଅନୁଯାୟୀ ଏସସିବିରେ ପ୍ରତିରୋପଣ ପାଇଁ ଆବଶ୍ୟକ ବ୍ୟବସ୍ଥା କରାଯାଇଛି। ୫ ତାରିଖ ଦିନ ହାଇଦ୍ରାବାଦରୁ ଏକ୍ସପର୍ଟ ଟିମ୍ ଆସି ଏସସିବିର ଭିତ୍ତିଭୂମି ଯାଞ୍ଚ କରିବା ପରେ ଆରମ୍ଭ ହେବ ପ୍ରକ୍ରିୟା।




ଏସସିବି ମେଡିକାଲ (ପୃଷ୍ଠା ୭ରେ)

## ରାଜ୍ୟରେ ୫ ନୂଆ କୋଭିଡ୍ ପଜିଟିଭ୍ ଚିହ୍ନଟ, ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୭

ଭୁବନେଶ୍ୱର,୩।୧

ନ୍ୟୁଜ୍‌ବ୍ୟୁରୋ

ରାଜ୍ୟରେ ଆଉ ୫ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାଫଳରେ ଏବେ ସକ୍ରିୟ ଆକ୍ରାନ୍ତଙ୍କ ସଂଖ୍ୟା ୨୭ରେ ପହଞ୍ଚିଛି। ଓଡ଼ିଶାରେ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବୃଦ୍ଧିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି ଯେ, କୋଭିଡ ଟେଷ୍ଟିଙ୍ଗ ବଢ଼ିଛି। ବର୍ତ୍ତମାନ ରାଜ୍ୟରେ ଯେଉଁ ଆକ୍ଟିଭ (ପୃଷ୍ଠା ୭ରେ)



# କିରେଇରେ ୫–ଟି ଅଧ୍ୟକ୍ଷ

ସୁନ୍ଦରଗଡ଼,୩।୧

ନ୍ୟୁଜ୍‌ବ୍ୟୁରୋ

୫–ଟି ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ବୁଧବାର ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ଆସି ସଦର ନିର୍ବାଚନ ମଣ୍ଡଳୀର କିରେଇ ଠାରେ ଜନସଭାକୁ ସମ୍ବୋଧିତ କରିଥିଲେ। 'ଆପଣମାନେ କେମିତା ଅଛନ' କହି ଲୋକଙ୍କୁ ନୂଆ ବର୍ଷର ଶୁଭକାମନା ଜଣାଇଥିଲେ ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ। ଗତ ମାର୍ଚ୍ଚ ୧୨ ତାରିଖରେ ସୁନ୍ଦରଗଡ଼ ଜିଲ୍ଲା ଗସ୍ତରେ ସେ ଆସିଥିଲେ। ଗସ୍ତକୁ ୮ ମାସରୁ ଅଧିକ ସମୟ ବିତିଥିବାବେଳେ ୧୬୦ଟି ଦରଖାସ୍ତ ମିଳିଛି। ୧୬୦ ଦରଖାସ୍ତରୁ ୧୪୦ଟିର ସମାଧାନ ହୋଇଛି। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, କମ୍ୟୁନିଟି ସେଣ୍ଟର ପାଇଁ ଅର୍ଥ ଅନୁମୋଦନ କରାଯାଇଛି ।

ବିକାଶମୂଳକ କାମରେ ଲୋକଙ୍କ ସେ ସହଯୋଗ ଲୋଡ଼ିଛନ୍ତି । ସହଯୋଗ କଲେ କାମ ସ୍ୱଚ୍ଛତାରେ ହେବ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ହେମଗିରି ବ୍ଲକରେ ଥିବା ହାୟର ସେକଣ୍ଡାରୀ ସ୍କୁଲରେ ବିଜ୍ଞାନ ଏବଂ ବାଣିଜ୍ୟ ଷ୍ଟ୍ରିମ୍ ଖୋଲିବା ଦାବିକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି ବୋଲି ସେ କହିଛନ୍ତି। ଏଇ ବର୍ଷ କଲେଜରେ ଦୁଇଟି ଷ୍ଟ୍ରିମ ଖୋଲାଯିବ। ଇବ୍ ନଦୀ ଉପରେ ଇନଷ୍ଟ୍ରିମ ଷ୍ଟୋରେଜ୍ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି ମୁଖ୍ୟମନ୍ତ୍ରୀ। ଏଥିଲାଗି ୨୬୦ କୋଟି ଟଙ୍କା (ପୃଷ୍ଠା ୭ରେ)




## ନର୍ସିଂ, ଫାର୍ମାସୀ ଓ ଆଲାଏଡ୍ ମେଡିକାଲ ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡ ରାଶି ବୃଦ୍ଧି କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୩।୧

ନ୍ୟୁଜ୍‌ବ୍ୟୁରୋ

ନର୍ସିଂ, ଫାର୍ମାସୀ ଓ ଆଲାଏଡ ମେଡିକାଲ ଛାତ୍ରଛାତ୍ରୀଙ୍କ ମାସିକ ଷ୍ଟାଇପେଣ୍ଡ ରାଶି ବୃଦ୍ଧି କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏମକେସିଜି ଗସ୍ତ ବେଳେ ୫–ଟି ଅଧ୍ୟକ୍ଷ ଭି.କେ.ପାଣ୍ଡିଆନଙ୍କୁ ଛାତ୍ରଛାତ୍ରୀମାନେ ସେମାନଙ୍କ ଷ୍ଟାଇପେଣ୍ଡ ବୃଦ୍ଧି ପାଇଁ ଅନୁରୋଧ କରିଥିଲେ। ଛାତ୍ରଛାତ୍ରୀଙ୍କ ଅନୁରୋଧକୁ ବିଚାରକୁ ନେଇ ଏବଂ ସେମାନଙ୍କ ଦ୍ୱାରା ଦିଆଯାଉଥିବା ସେବାର ଗୁରୁତ୍ୱକୁ ଧ୍ୟାନରେ ରଖି ମୁଖ୍ୟମନ୍ତ୍ରୀ ଛାତ୍ରଛାତ୍ରୀଙ୍କ ସପକ୍ଷରେ ଷ୍ଟାଇପେଣ୍ଡ ରାଶି ବୃଦ୍ଧି କରିବାକୁ ଅନୁମୋଦନ କରିଛନ୍ତି।

ଏହି ଛାତ୍ରଛାତ୍ରୀମାନେ ନିମ୍ନଲିଖିତ ପଦ୍ଧତିରେ ପ୍ରତିମାସରେ ଷ୍ଟାଇପେଣ୍ଡ ପାଇବେ। ଡି.ଫାର୍ମା–୫୦୦ ଟଙ୍କା, ଏଏନଏମ–୨୦୦୦ ଟଙ୍କା, ବିଏସ୍‌ସି (ଏନ୍) ଇଣ୍ଟର୍ଣ୍ଣସିପ୍ ପାଇଁ ୫୦୦୦ ଟଙ୍କା, କ୍ଲିନିକାଲ ସାଇକୋଲୋଜି (ଏମଫିଲ୍)–୧୦,୦୦୦ ଟଙ୍କା, ସାଇକାଟ୍ରିକ୍ ସୋସିଆଲ ୱାର୍କ (ଏମ୍.ଫିଲ୍)–୧୦,୦୦୦ ଟଙ୍କା ଆକାରରେ ପାଇବେ। ଉପରୋକ୍ତ ବର୍ଗର ଛାତ୍ରଛାତ୍ରୀ ମାନଙ୍କୁ ପୂର୍ବରୁ ଡି.ଫାର୍ମା ପାଇଁ ମାସିକ ୨୫୦/- ଟଙ୍କା, ଏଏନଏମ ପାଇଁ ୧୦୦୦/- ଟଙ୍କା, ବିଏସସି(ଏନ) ଇଣ୍ଟର୍ନସିପ୍ ପାଇଁ ୨୫୦୦/- ଟଙ୍କା, କ୍ଲିନିକାଲ ସାଇକୋଲୋଜିରେ (ପୃଷ୍ଠା ୭ରେ)

## ଏକାଳ ସକାଳ



ଆମେ କରିଥିଲୁ ଆମେ କରୁଥିଲୁ
କରିଦେବୁ ଏସା ତେସା
ନିଜେ ନିଜର ତାରିଫ କରିବାକୁ
ନେତାଙ୍କ ଅଭାବ ଭାଷା
ଇଏତ ତାଙ୍କର ପେସା
ଯେତେଯାହା ଆମେ କେଞ୍ଚାକେଞ୍ଚ କଲେ
ଉତୁରିବନି ଏ ନିଶା।



29 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୪ ଜାନୁଆରୀ ୨୦୨୪ ଗୁରୁବାର





# ପ୍ରତି ଜିଲ୍ଲାରେ ହେବ ହୃଦ୍‌ରୋଗ ଚିକିତ୍ସା, କମାଣ୍ଡ ସେଣ୍ଟରରେ ପହଞ୍ଚିବ ଚିକିତ୍ସାଧୀନ ପ୍ରତ୍ୟେକ ରୋଗୀଙ୍କ ତଥ୍ୟ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଛୋଟ ପିଲା ହୁଅନ୍ତୁ ଅବା ବୟୋଜ୍ୟେଷ୍ଠ, ରୋଗୀ ହୁଅନ୍ତୁ ଅବା ଯୁବଗୋଷ୍ଠୀ, ସମସ୍ତଙ୍କୁ ଡରାଉଛି ହୃଦଘାତ। କାହାକୁ କେତେବେଳେ ହୃଦଘାତ ହେବ କହିବା ମୁସ୍କିଲ; କିନ୍ତୁ ଆସନ୍ତା ବର୍ଷରୁ ହୃଦରୋଗ ଚିକିତ୍ସାରେ ନୂଆ କିର୍ତ୍ତୀମାନ ରଚିତ ଓଡ଼ିଶା। ହବ୍ ଆଣ୍ଡ ସ୍ପୋକ୍ ମଡେଲ୍‌ରେ ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ଉଦ୍ୟମ କରାଯିବ। ଅର୍ଥାତ୍ ଜିଲ୍ଲାସ୍ତରରେ ହିଁ ହୃଦରୋଗୀଙ୍କ ଉତ୍ତମ ଚିକିତ୍ସାରେ ସହୟତା ଦେବେ ବଡ଼ ଡ଼ାକ୍ତରଖାନାରେ ବସିଥିବା ହୃଦରୋଗ ବିଶେଷଜ୍ଞ। ଆମ୍ବୁଲାନ୍ସରେ ଜିଲ୍ଲାରୁ ବଡ଼ ଡାକ୍ତରଖାନା ପହଞ୍ଚିବାରେ ସମୟର ଅପଚୟ ବନ୍ଦ ହେବ ଆଉ ସେହି ସମୟରେ ରୋଗୀଙ୍କ ଚିକିତ୍ସା ଜାରି ରହିବ। ଏନେଇ ପ୍ରସ୍ତୁତି ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ସ୍ୱାସ୍ଥ୍ୟ ବିଭାଗ ସୂତ୍ରରୁ ଜଣାପଡିଛି। ସୂଚନା ଅନୁସାରେ ବିଭିନ୍ନ ମେଡିକାଲ କଲେଜ, କ୍ୟାପିଟାଲ ହସ୍ପିଟାଲ, ରାଉରକେଲାର ଆରଜିଏଚ୍ ଭଳି ଡାକ୍ତରଖାନାରେ କୋର୍ଡିଓଲୋଜି ହବ୍ ପ୍ରତିଷ୍ଠା କରାଯିବ। ସେଠାରେ ହୃଦରୋଗ ବିଶେଷଜ୍ଞ ଉପସ୍ଥିତ ରହିବେ। ଜିଲ୍ଲାସ୍ତରରେ ହୃଦରୋଗୀଙ୍କ ଚିକିତ୍ସା ପାଇଁ ଉତ୍ତମ ବ୍ୟବସ୍ଥା ସୁନିଶ୍ଚିତ କରାଯାଇଛି। ତେଣୁ ଜିଲ୍ଲା ଡାକ୍ତରଖାନାରେ ପହଞ୍ଚିବା ପରେ ରୋଗୀଙ୍କର ବିଭିନ୍ନ ପରୀକ୍ଷା ରିପୋର୍ଟ ଅନ୍‌ଲାଇନ୍ ମାଧ୍ୟମରେ ହବ୍‌ରେ ବସିଥିବା ବିଶେଷଜ୍ଞଙ୍କ ନିକଟରେ ପହଞ୍ଚିବ। ବିଶେଷଜ୍ଞଙ୍କ ପରାମର୍ଶ ଆଧାରରେ ଜିଲ୍ଲାରେ ଥିବା ଡାକ୍ତର ରୋଗୀଙ୍କ ଚିକିତ୍ସା କରିବେ। ଅର୍ଥାତ୍ ଜିଲ୍ଲାସ୍ତରରେ ହୃଦରୋଗ ବିଶେଷଜ୍ଞ ନଥିଲେ ସୁଦ୍ଧା ସ୍ପେଶାଲିଷ୍ଟଙ୍କ ପରାମର୍ଶ ଆଧାରରେ ରୋଗୀଙ୍କୁ ଶୀଘ୍ର ଓ ଉପଯୁକ୍ତ ଚିକିତ୍ସା ମିଳିବ। ଯଦ୍ଦ୍ୱାରା ରୋଗୀଙ୍କ ଜୀବନ ରକ୍ଷା ସମ୍ଭବ ହୋଇପାରିବ । ସ୍ୱାସ୍ଥ୍ୟ ବିଭାଗର ଜଣେ ଅଧିକାରୀ କହିଛନ୍ତି, ପ୍ରତ୍ୟେକ ରୋଗୀଙ୍କ ନିଦାନ ଏବଂ ଚିକିତ୍ସା ସମ୍ପର୍କରେ ତଥ୍ୟ ସଂଗ୍ରହ କରାଯାଇ କେନ୍ଦ୍ରୀୟ ସର୍ଭରରେ ଅପଲୋଡ୍ କରାଯିବ। ରୋଗୀଙ୍କ ଇସିଜି କରିବା ପରେ ସେହି ରିପୋର୍ଟ ୨୪ ଘଣ୍ଟିଆ ସେଣ୍ଟ୍ରାଲାଇଜଡ୍ କମାଣ୍ଡ ସେଣ୍ଟରକୁ ପଠାଯିବ। ଏହି କମାଣ୍ଡ ସେଣ୍ଟରରେ ମେଡିସିନ୍ ଅବା ହୃଦରୋଗ ବିଶେଷଜ୍ଞ ଉପସ୍ଥିତ ରହିବେ ଏବଂ ଆବଶ୍ୟକ ହେଲେ ଚିକିତ୍ସା କରୁଥିବା ଡାକ୍ତରଙ୍କୁ ପରାମର୍ଶ ଦେବେ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଇସିଜି ବ୍ୟବସ୍ଥା ସହିତ ଚେଷ୍ଟ ପେନ୍ କ୍ଲିନିକ୍ ବ୍ୟବସ୍ଥା ହେଉଛି। ଏମ୍‌ଡି, ମେଡିସିନ୍/ଏମ୍‌ବିବିଏସ୍ ଡାକ୍ତର, ଇସିଜି ଟେକ୍ନିସିଆନ୍ ଏବଂ ଷ୍ଟାଫ୍ ନର୍ସଙ୍କୁ ନିଯୁକ୍ତ କରାଯିବ। ସେହିପରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଉପକରଣ, ଜରୁରୀକାଳୀନ ଔଷଧ ମହଜୁଦ ରଖିବା ସହିତ ଥ୍ରୋମ୍ବୋଲିସିସ୍ ଚିକିତ୍ସା ପାଇଁ ବ୍ୟବସ୍ଥା କରାଯିବ। ସ୍ୱାସ୍ଥ୍ୟ କେନ୍ଦ୍ରରେ ଇସିଜି ବ୍ୟବସ୍ଥା ସହିତ ଚେଷ୍ଟ ପେନ୍ କ୍ଲିନିକ୍ ରହିବ। ଏଥିସହ କ୍ୟାଥ୍ ଲ୍ୟାବ୍, କ୍ରିଟିକାଲ କେୟାର ୟୁନିଟ୍ (ସିସିୟୁ) ଆଦି ରହିବ । ହୃଦ ରୋଗର ନିଦାନ ଏବଂ ଚିକିତ୍ସା ପାଇଁ ଡାକ୍ତର ଏବଂ ସ୍ୱାସ୍ଥ୍ୟ କର୍ମଚାରୀଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଉପରେ ବିଭାଗ ଗୁରୁତ୍ୱ ଦେଉଛି। ଡାକ୍ତର ଏବଂ ମେଡିକାଲ ଅଫିସରମାନଙ୍କୁ ଇ-ସଞ୍ଜିବନୀ ପୋର୍ଟାଲ ମାଧ୍ୟମରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଉଛି। ଦକ୍ଷତା ବୃଦ୍ଧି ଲାଗି ମୁଖ୍ୟତଃ ଏମ୍ସ୍ କିମ୍ବା ତତ୍ତୁଲ୍ୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ସହାୟତା ନିଆଯିବ। ରୋଗୀଙ୍କ ସୁବିଧା ପାଇଁ ରାଜ୍ୟ ଅବା ଜିଲ୍ଲାସ୍ତରରେ ଏକ ୨୪ ଘଣ୍ଟିଆ ସୂଚନା କେନ୍ଦ୍ର ପ୍ରତିଷ୍ଠା କରାଯିବ ଓ ଆବଶ୍ୟକସ୍ଥଳେ ସରକାରୀ ଘରୋଇ ଭାଗିଦାରୀ (ପିପିପି) ମୋଡ୍‌ରେ ସେବା ପ୍ରଦାନକାରୀ ସଂସ୍ଥାକୁ ନିଯୁକ୍ତ କରାଯାଇ ପାରିବ। ଯଦି ଜିଲ୍ଲା, ସବ୍ ଡିଭିଜନ୍ ଅବା ସିଏଚ୍‌ସି ସ୍ତରରେ ଚିକିତ୍ସା ସମ୍ଭବ ନ ହୁଏ ତା ହେଲେ ସମ୍ପୃକ୍ତ ରୋଗୀଙ୍କୁ ନିକଟସ୍ଥ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରିବା ପାଇଁ ସମ୍ପୃକ୍ତ ଡାକ୍ତର/ମେଡିକାଲ ଅଫିସର ପଦକ୍ଷେପ ନେବେ। ରୋଗୀଙ୍କ ପରିବହନ ପାଇଁ ୧୦୮ ଆମ୍ବୁଲାନ୍ସ ବ୍ୟବହାର କରାଯିବ। ଗୁରୁତର ରୋଗୀଙ୍କ ପାଇଁ ଜୀବନ ରକ୍ଷାକାରୀ ସୁବିଧା ଥିବା ଆମ୍ବୁଲାନ୍ସ ବ୍ୟବହାର କରାଯିବ ଏବଂ ସେଥିରେ ଜଣେ ପ୍ରଶିକ୍ଷିତ ଫାର୍ମାସିଷ୍ଟ ରହିବେ। ସେହିପରି ୧୦୪ ସ୍ୱାସ୍ଥ୍ୟ ହେଲ୍ପ ଲାଇନ୍ ନମ୍ବରକୁ ମଧ୍ୟ ହୃଦରୋଗ ସେବା ସହିତ ସଂଯୋଗ କରାଯାଇ ପାରିବ।



# ମିଶନ ଶକ୍ତି ବିଭାଗ ଉପଦେଷ୍ଟାଙ୍କ ବୌଦ୍ଧ ଜିଲ୍ଲା ଗସ୍ତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ଅନ୍ତର୍ଗତ ହରଭଙ୍ଗା ବ୍ଲକ ସମ୍ମିଳନୀ କକ୍ଷରେ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡଃ ଲୋପାମୁଦ୍ରା ବକ୍ସିପାତ୍ରଙ୍କ ଗସ୍ତ ଦିବସରେ ମିଶନ ଶକ୍ତି କାର୍ଯ୍ୟକ୍ରମର ଅନୁଶୀଳନ ନିମନ୍ତେ ଏକ ବୈଠକ ଅନୁଷ୍ଠିତ ହୋଇ ଯାଇଛି । ମିଶନ ଶକ୍ତି ଓ ବିଭିନ୍ନ ବିଭାଗର ସହଭାଗିତାରେ ମହିଳା ଗୋଷ୍ଠୀ ମାନଙ୍କ ଦ୍ୱାରା କରାଯାଉଥିବା ବିଭିନ୍ନ ଜୀବିକା ସମ୍ବନ୍ଧୀୟ କାର୍ଯକ୍ରମର ଅନୁଶୀଳନ କରାଯିବା ସହିତ ସଚେତନତା ଉପରେ ଆଲୋଚ଼ନା କରାଯାଇଥିଲା। ଏହି କାର୍ଯ୍ୟକ୍ରମ ପରିପ୍ରେକ୍ଷୀରେ ମହିଳା ଗୋଷ୍ଠୀଙ୍କ କାର୍ଯ୍ୟଶୈଳୀ ଏବଂ ବିଭିନ୍ନ ସମସ୍ୟାର ସମାଧାନ ଉପରେ କେନ୍ଦ୍ରୀଭୂତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମିଶନ ଶକ୍ତି ବିଭାଗର ଉପଦେଷ୍ଟା ଡଃ ଲୋପାମୁଦ୍ରା ବକ୍ସିପାତ୍ର, ଡିପିସି ମିଶନ ଶକ୍ତି, ହରଭଙ୍ଗା ବିଡିଓ, ହରଭଙ୍ଗା ସିଡ଼ିପିଓ, ବ୍ଲକ ପ୍ରୋଜେକ୍ଟ ମ୍ୟାନେଜର, ବ୍ଲକ ପ୍ରୋଜେକ୍ଟ କୋଅର୍ଡିନେଟର, ଜିଲ୍ଲା, ବ୍ଲକ ଓ ପଞ୍ଚାୟତ ସ୍ତରୀୟ ମହାସଂଘର ସଭ୍ୟା ମାନଙ୍କ ସମେତ ବ୍ଲକ ର କ୍ୟାଡର ସମୂହ ଅଂଶ ଗ୍ରହଣ କରିଥିଲେ। ଡଃ ବକ୍ସିପାତ୍ର ବ୍ଲକ ପରିସରରେ ଥିବା ମିଶନ ଶକ୍ତି କାଫେ, ଲୁଣିବାହାଲ ର ଭୈରବୀ ଉତ୍ପାଦକ ଦଳ, ଚ଼ମ୍ପାପୁର ର ଶ୍ରୀ ଜଗନ୍ନାଥ ଉତ୍ପାଦକ ଦଳ ଓ ବାମଣ୍ଡା ସ୍ଥିତ ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କ ଦ୍ୱାରା କରାଯାଉଥିବା କାର୍ଯ୍ୟକୁ ଅନୁଧ୍ୟାନ କରି ଆଗକୁ ବଢିବା ପାଇଁ ଉପଦେଶ ଦେଇଥିଲେ। ଭୈରବୀ ଉତ୍ପାଦକ ଦଳ, ଲୁଣିବାହାଲ ଦ୍ୱାରା କରାଯାଉଥିବା ଋତୁ କାଳୀନ ଛତୁ ଉତ୍ପାଦନର ଚ଼ାହିଦା ଓ ଅଗ୍ରଗତି ସହିତ ବୌଦ୍ଧ କୃଷକ ବଜାରରେ ବିକ୍ରି ବ୍ୟବସ୍ଥାର କାର୍ଯ୍ୟାନୁଷ୍ଠାନ ନିମନ୍ତେ ନିଶ୍ଚିତ କରାଇଥିଲେ। ଶ୍ରୀ ଜଗନ୍ନାଥ ଉତ୍ପାଦକ ଦଳ, ଚ଼ମ୍ପାପୁର ଦ୍ୱାରା କରାଯାଉଥିବା ହସ୍ତତନ୍ତ ବ୍ୟବସାୟ ଓ ବଜରଙ୍ଗୀ ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା କରାଯାଇଥିବା ବ୍ରଏଲର୍ ଫାର୍ମ କାର୍ଯ୍ୟ କୁ ପ୍ରଶଂସା କରିବା ସହିତ ଆହୁରି ସୁଦୃଢ଼ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହାପରେ ମଧ୍ୟାହ୍ନରେ ଡଃ ବକ୍ସିପାତ୍ର ବୌଦ୍ଧ ବ୍ଲକ ଗସ୍ତ କରି ବ୍ଲକ ସମ୍ମିଳନୀ କକ୍ଷରେ ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତିର ଜିଲ୍ଲା ଓ ବ୍ଲକ୍ ସ୍ତରୀୟ କର୍ମକର୍ତ୍ତାଙ୍କ ସହିତ ମିଶନ ଶକ୍ତି କାର୍ଯ୍ୟର ଅନୁଶୀଳନ କରିବା ସହିତ ବିଭିନ୍ନ ପଞ୍ଚାୟତ ଗସ୍ତ କରି ମହିଳା ମାନଙ୍କର ବିଭିନ୍ନ କାର୍ଯ୍ୟ ବିଷୟରେ ଆଲୋଚ଼ନା କରିଥିଲେ।



# ବୌଦ୍ଧ ମହାନଦୀ ଆଳତୀ ଘାଟରେ ଶ୍ରୀମନ୍ଦିର ପ୍ରତିନିଧି ମଣ୍ଡଳୀ



**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଋଷିକେଶ, ହରିଦ୍ୱାର, ବନାରସ ଓ ଓଡ଼ିଶାର ପୁରୀ ମୋହଦଧି ଆଳତୀ ଅନୁଷ୍ଠିତ ହେଉଅଛି । ଚ଼ଳିତ ବର୍ଷ ବୌଦ୍ଧଜିଲ୍ଲା ଦେଇ ମହାନଦୀ ପ୍ରବାହିତ ହେଉଥିବାରୁ ମା ମହାନଦୀ ଦିବ୍ୟ ଆଳତୀ ଆରମ୍ଭ କରାଯାଇଛି । ଜିଲ୍ଲା ପ୍ରଶାସନ ତରଫରୁ ମହାନଦୀ ଆଳତୀ ଘାଟକୁ ଆଧ୍ୟାତ୍ମିକ ପର୍ଯ୍ୟଟନ କ୍ଷେତ୍ର କରିବା ପାଇଁ ଯୋଜନା ପ୍ରସ୍ତୁତ କରାଯାଇଛି ।୫୭ ନମ୍ବର ଜାତୀୟ ରାଜପଥରୁ ମହାନଦୀ ରୋଡ ଦେଇ ଶ୍ରୀଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ହେରିଟେଜ ରୋଡ କରିବା ପାଇଁ ପ୍ରସ୍ତାବ ରହିଛି । ମହାନଦୀ ଆଳତୀ ଘାଟ ପରିଦର୍ଶନରେ ଆସୁଥିବା ପର୍ଯ୍ୟଟକ ଦେଖି ଅଭିଭୂତ ହେଉଥିବା ପ୍ରକାଶ କରିଛନ୍ତି । ବୁଧବାର ଉତ୍ତରପ୍ରଦେଶ ପ୍ରୟାଗରାଜରୁ ଫଳାହାରୀ ମଠର ବାବା ରାମନାରାୟଣ ଦାସ ମହାରାଜ ପରିଦର୍ଶନ କରିଥିଲେ । ମହାନଦୀକୁ ଗଙ୍ଗା ସହିତ ତୁଳନା କରି ପୂଜାପାଠ କରିଥିଲେ ।ମହାନଦୀ ଆଳତୀ ଏବଂ ଯୋଗାଭ୍ୟାସ କାର୍ଯ୍ୟକ୍ରମ ହେଉଥିବା ଜାଣି ନିଜର ଖୁସିବ୍ୟକ୍ତ କରିଥିଲେ । ଅପରାହ୍ନରେ ଶ୍ରୀକ୍ଷେତ୍ର ପରିକ୍ରମା ଉତ୍ସବ ପାଇଁ ବୌଦ୍ଧଜିଲ୍ଲାକୁ ନିମନ୍ତ୍ରଣ ଦେଇ ଆସିବା ଅବସରରେ ମହାନଦୀ ଆଳତୀ ଘାଟ ପରିଦର୍ଶନ କରିଥିଲେ । ସ୍ୱତନ୍ତ୍ର ପ୍ରତିନିଧି ମଣ୍ଡଳୀରେ ପୁରୀ ଶ୍ରୀମନ୍ଦିରରୁ ରାଜକିଶୋର ପଣ୍ଡା, ଜଗବନ୍ଧୁ ମହାସୁଆର, ଲୋକନାଥ ଖୁଣ୍ଟିଆ, ଜିଲ୍ଲା ମଙ୍ଗଳ ଅଧିକାରୀ ବିକାଶ କୁମାର ମହାନ୍ତି ଆସିଥିଲେ । ମହାନଦୀ ଆଳତୀ ଘାଟ ପ୍ରକଳ୍ପ ଏବଂ ଅନୁଷ୍ଠିତ ହେଉଥିବା ଆଧ୍ୟାତ୍ମିକ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ । ରାଜ୍ୟ ସରକାରଙ୍କୁ ଏହାର ବିକାଶ ପାଇଁ ଅନୁରୋଧ କରାଯିବ ବୋଲି କହିଥିଲେ । ଏହି ଅବସରରେ ବାବା ଚନ୍ଦ୍ରଚୂଡ଼ ମନ୍ଦିରରେ ଠାକୁରଙ୍କୁ ଦର୍ଶନ କରିଥିଲେ ।

# କଂଗ୍ରେସରେ ଯୋଗ ଦେଲେ ଇଂ ସିଦ୍ଧାର୍ଥ ଓ ସର୍ବେଶ୍ୱର

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ରାଜନଗର ନିର୍ବାଚନ ମଣ୍ଡଳୀ ଅଧିନ ପଟ୍ଟାମୁଣ୍ଡାଇ ନରସିଂହପୁର ର ଯୁବ ଇଂ ସିଦ୍ଧାର୍ଥ ସ୍ୱରୂପ ଦାଶ ଓ ପାଟକୁରା ନିର୍ବାଚନ ମଣ୍ଡଳୀ ଅଧିନ ବଟିରା ପଂଚାୟତର ଦଳିତ ନେତା ସର୍ବେଶ୍ୱର ବେହେରା କଂଗ୍ରେସରେ ଯୋଗ ଦେଇଛନ୍ତି । ଆଜି ଦଳର ପ୍ରତିଷ୍ଠା ଦିବସରେ ଉଭୟ ନେତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇ ଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସଭାପତି ଅଂଶୁମାନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ଓ ବରିଷ୍ଠ କଂଗ୍ରେସ ନେତା ତଥା ମୁଖପାତ୍ର ପ୍ରଫୁଲ୍ଲ ଦାସ, ଆକବର ଅଲ୍ଲୀ, ରତୀକାନ୍ତ କାନୁନଗୋ, ରାଜେଶ ମହାନ୍ତି ପ୍ରମୁଖ ଉଭୟ ନେତାଙ୍କୁ ଫୁଲତୋଡା ଓ ଉତରୀୟ ପ୍ରଦାନ କରି ସ୍ୱାଗ ସମ୍ବର୍ଦ୍ଧନା ଜଣାଇଥିଲେ । ଏହି ଯୋଗଦାନ ଫଳରେ ଉଭୟ ନିର୍ବାଚନ ମଣ୍ଡଳୀରେ କଂଗ୍ରେସ ସଂଗଠନ ଅଧିକ ସୁଦୃଢ଼ ହେବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି ।

# ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୬ ବ୍ୟାଚ୍‌ର ବନ୍ଧୁ ମିଳନ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**

ତିର୍ତ୍ତୋଲ ବ୍ଲକ ଅଧୀନ କନିମୁଳ ପଂଚାୟତରେ ଥିବା ପୁରାତନ ବାୟା ଅବଧୂତ ସରକାରୀ ଉଚ୍ଚ ବିଦ୍ୟାଳୟ ୧୯୮୬ ବ୍ୟାଚର ବନ୍ଧୁମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ କିଳିପାଳ ଗ୍ରାମ କୁନିଆ ନନାଙ୍କ କାଜୁବାଦାମ ଫାର୍ମ ପରିସରରେ ପୁରାତନ ଛାତ୍ର ମାନେ ଉପସ୍ଥିତ ରହି ଆନନ୍ଦ ଉଲ୍ଲାସ ସହିତ ବନ୍ଧୁମିଳନ ଉତ୍ସବ ପାଳନ କରିଥିଲେ। ଏହି ବ୍ୟାଚ ଦୀର୍ଘବର୍ଷ ହେବ ବନ୍ଧୁମିଳନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଥିବାବେଳେ ଉପସ୍ଥିତ ସହକର୍ମୀ ମାନେ ନିଜ ନିଜ ଅନୁଭୂତି ବଖାଣିଥିଲେ। ଏହି କାର୍ଯ୍ୟକ୍ରମରେ ସାଗର ମହାପାତ୍ର, ସନାତନ ଦଳାଇ, ଗଗନ ବିହାରୀ ସ୍ୱାଇଁ, ପ୍ରଶାନ୍ତ ରାଉତ, ନିରଞ୍ଜନ ଗ୍ରହଚାର୍ଯ୍ୟ, ଅଶୋକ ସାହୁ, ବୈକୁଣ୍ଠ ସାହୁ, ସଂଗ୍ରାମ ସ୍ୱାଇଁ, ଗଗନ ବିହାରୀ ଦାସ, ଅରବିନ୍ଦ ମହାପାତ୍ର, ରଞ୍ଜନ ମହାରଣା, ଅଜୟ ସ୍ୱାଇଁ, ପ୍ରଶାନ୍ତ କାନୁନଗୋ, ଶିଶିର ଗ୍ରହଚାର୍ଯ୍ୟ, ଦିଲ୍ଲୀପ ସ୍ୱାଇଁ, ରତ୍ନାକର ସୁତାର, ସୁବାଷ ସାହୁ, ବିଜନ ପରିଜା, ସୁଶାନ୍ତ ସୁତାର, ଶ୍ୱେତ କୁମାର ବେହେରା, ତ୍ରିଲୋଚନ ବେହେରା, ବସନ୍ତ ବେହେରା, ପ୍ରଶାନ୍ତ ମହାନ୍ତି, ପ୍ରଣତ ମହାପାତ୍ର, ସନାତନ ଜେନା, ରାଜେନ୍ଦ୍ର ସେଠି, ନାରାୟଣ ବେହେରା, କରୁଣାକର ଓଝା, ବିନ ନାୟକ, ଅଶ୍ୱିନୀ ମହାପାତ୍ର, ସନ୍ତୋଷ ବାରିକ, ପ୍ରଦୀପ୍ତ ନାୟକ ଙ୍କ ସମେତ ୫୦ରୁ ଉର୍ଦ୍ଧ ପୁରାତନ ଛାତ୍ରମାନେ ଉପସ୍ଥିତ ରହି ବନ୍ଧୁମିଳନ ଉତ୍ସବ ପାଳନ କରିଥିଲେ।

# ବୌଦ୍ଧ ସେବା ସମବାୟ ସମିତିର ଧାନ କ୍ରୟ କେନ୍ଦ୍ର ଶୁଭାରମ୍ଭ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ ଜିଲ୍ଲା ପ୍ରଶାସନ, ଯୋଗାଣ ବିଭାଗ ଓ ବୌଦ୍ଧ ନିୟନ୍ତ୍ରିତ ବଜାର କମିଟି ଆନୁକୂଲ୍ୟରେ ବୌଦ୍ଧ ସେବା ସମବାୟ ସମିତି ପକ୍ଷରୁ ବୁଟୁପାଲି ହାଇସ୍କୁଲ ପଡିଆ ଠାରେ ଖରିଫ ଧାନ କ୍ରୟ ମଣ୍ଡି ଶୁଭାରମ୍ଭ ହୋଇଯାଇଛି । ମୁଖ୍ୟ ଅତିଥି ଭାବରେ ବୌଦ୍ଧ କନ୍ଧମାଳ ସମବାୟ ଉପ ନିବନ୍ଧକ ଯୁଗଳ କିଶୋର ଦାଶ ଯୋଗଦେଇ ଶୁଭାରମ୍ଭ କରିଥିଲେ । ସମ୍ମାନୀତ ଅତିଥି ଭାବରେ ଭୁବନେଶ୍ୱର ଠାରେ ଥିବା ମଧୁସୁଦନ ଦାସ ସମବାୟ ତାଲିମ୍ କେନ୍ଦ୍ରର ନିର୍ଦ୍ଦେଶକ ଦିଲ୍ଲୀପ କୁମାର ଦାଶ, ଗୋପାଳପୁର ସମବାୟ ତାଲିମ୍ କେନ୍ଦ୍ରର ଅଧକ୍ଷା ଚ଼ିନ୍ମୟୀ ଚ଼ାରୁ ଦର୍ଶୀନୀ, ବୌଦ୍ଧ ସର୍କଲ ସମବାୟ ସହକାରୀ ନିବନ୍ଧକ ହାଡିବନ୍ଧୁ ମହାକୁଡ ପ୍ରମୁଖ ଯୋଗ ଦେଇଥିଲେ । ବୌଦ୍ଧ ସେବା ସମବାୟ ସମିତିର ସଭାପତି ସତ୍ୟଜିତ କୁମାର ପଣ୍ଡା, ସମ୍ପାଦକ ସତ୍ୟଜିତ କର, ପରିଚ଼ାଳନା କମିଟିର ସଦସ୍ୟ, ନିରଦ କୁମାର ସେଠୀ, ଚିତ୍ତରନ ଦନାୟକ୍, ଗୟା ଚ଼ାନ୍ଦ ତରିଆ ଓ ଚ଼ାଷୀମାନେ ଉପସ୍ଥିତ ଥିଲେ ।



# ବୀର ହନୁମାନଜୀଉ ଡିଗ୍ରୀ ମହା ବିଦ୍ୟାଳୟରେ 'ନୂଆ-ଓ' କାର୍ଯ୍ୟକ୍ରମ ଉଦ୍‌ଯାପନୀ ଉତ୍ସବ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ବ୍ଲକ ନିକିରାଇ ସ୍ଥିତ ବୀର ହନୁମାନଜୀଉ ଡିଗ୍ରୀ ମହା ବିଦ୍ୟାଳୟରେ ଦୀର୍ଘ ୧ ମାସ ଧରି ଚାଲିଥିବା ନୂତନ ଓଡିଶା ନୂତନ ଅଭିଳାଷର ଉଦ୍‌ଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ୫ନଂ ଜୋନର ଜିଲ୍ଲା ପରିଷଦ ସଭ୍ୟା ଲିଳିତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବରେ ଅବସର ପ୍ରାପ୍ତ ଅଧ୍ୟକ୍ଷ ବଳରାମ କର ଯୋଗ ଦେଇଥିଲେ । ମୁଖ୍ୟ ବକ୍ତା ଭାବେ କଥାକାର ଜଗଦାନନ୍ଦ ଜେନା ଯୋଗ ଦେଇଥିଲେ । କଲେଜ ଅଧ୍ୟକ୍ଷ ପ୍ରଫେସର ଜଳଧର ଦାସଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଦୀର୍ଘ ୧ ମାସ ଧରି ବିଭିନ୍ନ କ୍ରୀଡା ପ୍ରତିଯୋଗିତା କଲେଜର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମକୁ ନୋଡାଲ ଅଫିସର ଭାବେ ଅଧ୍ୟାପକ ନସିମ ଅଖତର, ଅଧ୍ୟାପିକା ପ୍ରୀତିପ୍ରଜ୍ଞା ସାମଲ, କେଦାରଗୌର ଜେନା ବିବରଣୀ ପାଠ କରିଥିଲେ । ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ଅତିଥି ମାନେ ପୁରସ୍କୃତ କରିଥିଲେ । ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅଧ୍ୟାପକ ବିକ୍ରମ ଚରଣ ପରିଡା, ଅଖିଳ କୁମାର ରାଉତ, ଦିଲିପ କୁମାର ସାହୁଙ୍କୁ କଲେଜ ତରଫରୁ କ୍ରୀଡା ପରିଚାଳନାରେ ସହଯୋଗ କରିଥିବାରୁ ଧନ୍ୟବାଦ ଅର୍ପଣ କରାଯାଇ ଥିଲା ।

# ଅଯୋଧ୍ୟା ଅଭିମୁଖେ ଯାତ୍ରା କରୁଥିବା ପଦଯାତ୍ରୀ ମନୋଜଙ୍କୁ ସ୍ୱାଗତ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଓଡିଶାରୁ ଅଯୋଧ୍ୟା ଅଭିମୁଖେ ଶ୍ରୀରାମ ମନ୍ଦିର ଉଦଘାଟନ ଉତ୍ସବରେ ଯୋଗ ଦେବାକୁ ପଦଯାତ୍ରାରେ ବାହାରିଥିବା ମନୋଜ ବେହେରାଙ୍କୁ ବୌଦ୍ଧରେ ସ୍ୱାଗତ କରାଯାଇଛି । ଦୀର୍ଘ ୫୦୦ ବର୍ଷ ସଂଘର୍ଷ ପରେ ପ୍ରଭୁ ଶ୍ରୀରାମଙ୍କ ପବିତ୍ର ଜନ୍ମଭୂମି ଅଯୋଧ୍ୟାରେ ଆସନ୍ତା ଜାନୁଆରୀ ୨୨ ତାରିଖ ଦିନ ଭବ୍ୟ ମନ୍ଦିର ଉଦ୍‌ଘାଟନ ହେବାକୁ ଯାଉଛି। ଏହା ବିଶ୍ୱର ସମସ୍ତ ରାମ ଭକ୍ତଙ୍କ ପାଇଁ ଆନନ୍ଦର ବିଷୟ । ଏହି ଉପଲକ୍ଷେ ଖୋର୍ଦ୍ଧା ଅଞ୍ଚଳର ଜଣେ ରାମ ଭକ୍ତ ମନୋଜ କୁମାର ବେହେରା ହଳଦିଆ ତଡକି ମୁଣ୍ଡିଆ ସ୍ଥିତ ଶ୍ରୀରାମଙ୍କ ପାଦଚ଼ିହ୍ନ ସ୍ଥାନରୁ ମାଟି ଏବଂ ବରୁଣେଇ ପାହାଡ଼ର ସୀତା କୁଣ୍ଡରୁ ପବିତ୍ର ଜଳ ନେଇ ଶ୍ରୀରାମଙ୍କ ଭବ୍ୟ ମନ୍ଦିର ଉଦ୍‌ଘାଟନ ଉତ୍ସବରେ ଯୋଗ ଦେବା ନିମନ୍ତେ ଅଯୋଧ୍ୟା ପଦଯାତ୍ରା ଆରମ୍ଭ କରିଛନ୍ତି । ସେ ଖୋର୍ଦ୍ଧାରୁ ନୟାଗଡ଼, ବୌଦ୍ଧ, ରେଢ଼ାଖୋଲ, ସମ୍ବଲପୁର, ରାଉଲକେଲା ଦେଇ ଛତିଶଗଡ, ମଧ୍ୟପ୍ରଦେଶ ପରେ ଉତ୍ତର ପ୍ରଦେଶରେ ପ୍ରବେଶ କରିବେ ବୋଲି କହିଛନ୍ତି । ଏହି ଯାତ୍ରା ସମୟରେ ରାମ ଭକ୍ତ ମନୋଜ ବେହେରାଙ୍କୁ ଦେବାଶିଷ ପ୍ରଧାନ, ଦେବାଶିଷ ସେଠୀ, ଶଶାଙ୍କ ଶେଖର ବେହେରା ପ୍ରମୁଖ ରାମଭକ୍ତ ମାନେ ବୌଦ୍ଧ ବ୍ରିଜ ଛକ ଠାରେ ଭବ୍ୟ ସ୍ୱାଗତ କରିଛନ୍ତି । ମନୋଜ ସପ୍ତମ ଦିନର ବିଶ୍ରାମ ବୌଦ୍ଧ ଠାରେ କରିଛନ୍ତି।



# ଧାନର ମାନ ନିର୍ଦ୍ଧାରଣ ପାଇଁ ତାଲିମ କାର୍ଯ୍ୟକ୍ରମ

**କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ନିୟନ୍ତ୍ରିତ ବଜାର କମିଟି ସମ୍ମିଳନୀ କକ୍ଷରେ ଧାନର ମାନ ନିର୍ଦ୍ଧାରଣ ପାଇଁ ତାଲିମ ଶିବିର ଜିଲ୍ଲା ଯୋଗାଣ ଓ ବେସାମରିକ ଅଧିକାରୀ ଶ୍ରୀନିବାସ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଜିଲ୍ଲା ଏ.ଆର.ସି.ଏସ୍ ସନ୍ତୋସ ଦାଶ ଅତିରିକ୍ତ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦିପ କୁମାର ମହାପାତ୍ର, ଏ.ଆର.ସି.ଏସ୍ ପୁନମ ଜେନା ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ସମସ୍ତ ମଣ୍ଡିରେ ଧାନ ଦେବାକୁ ଆସୁଥିବା ଚାଷୀ ମାନଙ୍କର ଧାନର ମାନ ପରୀକ୍ଷା ପାଇଁ ତାଲିମ ଦିଆଯାଇଛି । ଏଫ୍.ଏ.କ୍ୟୁ ଧାନରେ କେତେ ପରିମାଣର ଅଗାଡି, ବାଲି, ଗୋଡି, କୁଟା, କାଠି ଅଛି ତାହା ଜାଣିବା ପାଇଁ ଏହି ତାଲିମ ପ୍ରଦାନ କରାଯାଇଛି ।



ଏସ୍.କେ ସାହିଲ ଓ ଏସ୍ ପରିଡା ପ୍ରମୁଖ ପ୍ରଶିକ୍ଷକ ଭାବେ ଯୋଗ ଦେଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ସଂପାଦକ ବୈରାଗୀ ଚରଣ ସାହୁ, ଶ୍ରୀହର୍ଷ ମହାନ୍ତି, ହେମନ୍ତ ପାତ୍ର, କାଳନ୍ଦୀ ବିଶ୍ୱାଳ, ପ୍ରେମାନ ସାହୁ, ସୁବୋଧ ଲେଙ୍କା, ବିଜୟ ବାରିକ ଙ୍କ ସମେତ ଜିଲ୍ଲାର ସମସ୍ତ ପ୍ୟାକ୍ସର ସଂପାଦକ ଏସ୍.ଆର.ସି.ଏସ୍, ଆଇ.ସି.ଏସ୍ ପ୍ରମୁଖ ଯୋଗ ଦେଇ ପ୍ରଶିକ୍ଷଣ ନେଇଥିଲେ । ଏହି କାର୍ଯ୍ୟକ୍ରମ କୁ ନିୟନ୍ତ୍ରିତ ବଜାର କମିଟି ସଂପାଦକ ସଚ୍ଚିଦାନନ୍ଦ ଜେନା ପରିଚାଳନା କରିଥିଲେ ।

# ବର୍ଷୀୟାନ ସାମ୍ବାଦିକ ଜ୍ୟୋତି ରଂଜନ ଦାସଙ୍କ ପତ୍ନୀବିୟୋଗ

**ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ**

ବ୍ରହ୍ମପୁର ଗଣମାଧ୍ୟମ ଜଗତର ବର୍ଷୀୟାନ ସାମ୍ବାଦିକ ଜ୍ୟୋତି ରଂଜନ ଦାସଙ୍କ ପତ୍ନୀ ତଥା ବରିଷ୍ଠ ସାମ୍ବାଦିକ ସୁନିଲ ପଟ୍ଟନାୟକଙ୍କ ଭଉଣୀ ଭାରତୀ ପଟ୍ଟନାୟକଙ୍କ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୫୫ବର୍ଷ ବୟସ ହୋଇଥିଲା । ଅସୁସ୍ଥତା କାରଣରୁ ସେ ଦିର୍ଘ ସମୟ ଧରି ବ୍ରହ୍ମପୁର ଏମକେସିଜି ମେଡିକାଲରେ ଚିକିତ୍ସିତ ହୋଇ ନିଜ ଘରକୁ ଫେରିଥିଲେ । ତେବେ କିଛି ଦିନର ବ୍ୟବଧାନ ପରେ ଭାରତୀ ପଟ୍ଟନାୟକଙ୍କ ସ୍ୱାସ୍ଥ୍ୟବସ୍ଥା ଖରାପ ହେବା ପରେ ତାଙ୍କୁ ଏମକେସିଜି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଖବର ପାଇବା ପରେ ବ୍ରହ୍ମପୁର ସହରର ସମସ୍ତ ଗଣମାଧ୍ୟମ ର ପ୍ରତିନିଧି ଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରିଥିଲେ ।

# କେନ୍ଦ୍ରୀୟ ବିଦ୍ୟାଳୟ ପ୍ରବନ୍ଧନ ସମିତି ବୈଠକ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ବୌଦ୍ଧ କେନ୍ଦ୍ରୀୟ ବିଦ୍ୟାଳୟ ପରିସରରେ ଚ଼ଳିତ ୨୦୨୩-୨୪ ଶିକ୍ଷାବର୍ଷ ପାଇଁ ପ୍ରବନ୍ଧନ ସମିତିର ଦ୍ୱିତୀୟ ବୈଠକ ଅଧ୍ୟକ୍ଷ ତଥା ଜିଲ୍ଲାପାଳ ନୃସିଂହ ଚ଼ରଣ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରୀୟ ବିଦ୍ୟାଳୟର ଅଧ୍ୟକ୍ଷ ସନକ ମେହେର ସମିତିର ସଦସ୍ୟ ମାନଙ୍କୁ ସ୍ୱାଗତ କରିଥିଲେ । ବିଦ୍ୟାଳୟର ସୁପରିଚ଼ାଳନା ପାଇଁ ଆବଶ୍ୟକ ପ୍ରସ୍ତାବ ଗୁଡିକ ଅଧ୍ୟକ୍ଷଙ୍କ ଦ୍ୱାରା ସମିତି ସମ୍ମୁଖରେ ଆଲୋଚ଼ନା ପାଇଁ ଉପସ୍ଥାପିତ ହୋଇଥିଲା ।

# ତାଲା ଭାଙ୍ଗି ଘରୁ ସୁନା ଗହଣା ଲୁଟିନେଲେ ଦୁର୍ବୃତ୍ତ

**ରାୟଗଡ଼ା, ନ୍ୟୁଜ ବ୍ୟୁରୋ**

ତାଲା ପଡ଼ିଥିବା ଘରକୁ ଏବେ ଟାର୍ଗେଟ କରୁଛନ୍ତି ଦୁର୍ବୃତ୍ତ। ଅଳ୍ପ କିଛି ଦିନ ବ୍ୟବଧାନରେ ଘଟାଉଛନ୍ତି ଏଭଳି ଲୁଟ୍। ରାୟଗଡ଼ା ସହରରେ ଯଦି ଘର ମାଲିକ ଘରେ ତାଲା ଦେଇ କିଛି ଦିନ ପାଇଁ ବାହାରକୁ ଯାଆନ୍ତି ତେବେ କଥା ସରିଲା। ଦୁର୍ବୃତ୍ତଙ୍କ ଲୁଟର ଶିକାର ହେବା ଥୟ। ଯାହାର ଜ୍ୱଳନ୍ତ ଉଦାହରଣ ବାରମ୍ବାର ରାୟଗଡ଼ା ସହରରେ ଘଟୁଥିଲେ ବି ପୁଲିସ ସମ୍ପୂର୍ଣ୍ଣ ନିଷ୍କ୍ରିୟ। ଏଭଳି ବାରମ୍ବାର ତାଲା ଭାଙ୍ଗି ଲୁଟ ଘଟଣାକୁ ନେଇ ସହରବାସୀଙ୍କ ପୁଲିସ ଉପରୁ ଭରସା ତୁଟି ଯାଇଛି। ସୂଚନା ଅନୁଯାୟୀ କିଛି ଦିନ ପୂର୍ବରୁ ସାଇପ୍ରିୟା ନଗର ରୋଇତ କଲୋନୀ ଅଞ୍ଚଳରେ ଏଭଳି ଘଟଣା ଘଟିଥିବା ବେଳେ ରାୟଗଡ଼ାର ସବୁଠାରୁ ସୁରକ୍ଷିତ ସ୍ଥାନ କୁହାଯାଉଥିବା ବ୍ରାହ୍ମଣ ସାହିରେ ତାଲା ଭାଙ୍ଗି ଲୁଟ ଘଟଣା ପରେ ସହରବାସୀଙ୍କ ପୁଲିସ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ହରାଇଥିବା ସାଧାରଣରେ ଚର୍ଚ୍ଚା ଜୋର ଧରିଛି।

# ଜିଲ୍ଲାପାଳଙ୍କୁ କଂଗ୍ରେସର ୧୦ଦଫା ଦାବିପତ୍ର ପ୍ରଦାନ

**ବୌଦ୍ଧ, ନ୍ୟୁଜ ବ୍ୟୁରୋ**

ଜାତୀୟ କଂଗ୍ରେସ ଦଳର ୧୩୯ ତମ ପ୍ରତିଷ୍ଠା ଦିବସ ପାଳନ ଉପଲକ୍ଷେ ଆଜି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ କମିଟି ସଭାପତି ନବ କୁମାର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସାମ୍ବାଦିକ ସମ୍ମିଳନୀରେ ପର୍ଯ୍ୟବେକ୍ଷକ ପିସିସି ସଭ୍ୟ ବିସ୍ମୟ ମହାପାତ୍ର, ବରିଷ୍ଠ କଂଗ୍ରେସ ନେତା ସୁଧୀର କୁମାର କର୍ଣ୍ଣ ଉପସ୍ଥିତ ଥିଲେ । ଜିଲ୍ଲା କଂଗ୍ରେସ କମିଟି ମୁଖ୍ୟ ପ୍ରବକ୍ତା ଶାନ୍ତନୁ କୁମାର ମହାପାତ୍ର ସାମ୍ବାଦିକମାନଙ୍କୁ ୧୦ ଦଫା ଦାବି ନେଇ ଅବଗତ କରିଥିଲେ । ଦାବିଗୁଡିକ ମଧ୍ୟରେ ଜିଲ୍ଲାର ପଞ୍ଚାୟତ, ଗ୍ରାମ୍ୟ ଉନ୍ନୟନ, ଜଳସେଚନ, ପୂର୍ତ୍ତବିଭାଗରେ ଚାଲିଥିବା ଦୁର୍ନୀତି, କୋଟିକୋଟି ଟଙ୍କାର ଅନୁଦାନକୁ ବିଭିନ୍ନ ଭାବେ ଆତ୍ମସାତ ଅଭିଯୋଗରେ ସ୍ୱତନ୍ତ୍ର ଅଡିଟ କରାଯାଇ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ବିରୁଦ୍ଧରେ ଦୃଢ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ, ଗମ୍ଭୀରା ଦରହ ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ, ଜିଲ୍ଲାରେ କପାଚାଷୀଙ୍କ ପାଇଁ ମଣ୍ଡି ଖୋଲିବାକୁ ଏବଂ ସୂତାକଳ ସ୍ଥାପନ, ଜିଲ୍ଲାର ଭିତିଭୂମିର ବିକାଶ ପାଇଁ ଦୁଇଟି ସବଡିଭିଜନ, ତିନିରୁ ୬ଟି ବ୍ଲକ, ୬୯ ରୁ ୧୨୧ଟି ନୂତନ ଗ୍ରାମପଞ୍ଚାୟତ ଗଠନ, ବୌଦ୍ଧ ଏନଏସିକୁ ତୁରନ୍ତ ମ୍ୟୁନସିପାଲଟି ମାନ୍ୟତା ସହିତ ମନମୁଣ୍ଡା, କଣ୍ଟାମାଳ ଏବଂ ପୁରୁଣାକଟକ-ଚାରିଛକକୁ ଏନଏସି ମାନ୍ୟତା ପ୍ରଦାନ, ଜିଲ୍ଲାରେ ଥିବା ୭ଗୋଟି ଥାନାକୁ ବୃଦ୍ଧି କରାଯାଇ ଶଗଡା, ବଘିଆପଡା ଓ ଆଡେଣିଗଡ ଫାଣ୍ଡିକୁ ଥାନାର ମାନ୍ୟତା ପ୍ରଦାନ ସହ ଦପଲା, ପଳସାଗୋରା, ମର୍ଜାକୁଦ, ଧଳପୁର, ବୀରନରସିଂହପୁର ଓ ମହାଲିକପଡା ଠାରେ ଫାଣ୍ଡି ସ୍ଥାପନ, ପୁରାତନ ଜଗନ୍ନାଥ ସଡକର ତୁରନ୍ତ ଉନ୍ନତିକରଣ, ଜିଲ୍ଲାର ସାମୁହିକ ବିକାଶ ପାଇଁ ମାଷ୍ଟର ପ୍ଲାନ, କୃଷିଭିତ୍ତିକ ଜିଲ୍ଲା ହୋଇଥିବାରୁ କୃଷି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଏବଂ ବୌଦ୍ଧ ପଞ୍ଚାୟତ କଲେଜ ତଥା ମହିଳା ମହାବିଦ୍ୟାଳୟକୁ ସରକାରୀ ଘୋଷଣା, ଶିକ୍ଷା ସ୍ୱାସ୍ଥ୍ୟ ଓ କୃଷିକୁ ଗୁରୁତ୍ୱ ଦିଆଯାଇ ସାଧାରଣ ଭାବେ ସାମାଜିକ ନ୍ୟାୟ ପ୍ରତିଷ୍ଠା କରାଯାଇ ଜିଲ୍ଲାବାସୀଙ୍କୁ ନ୍ୟାୟ ପ୍ରଦାନ ପ୍ରମୁଖ ରହିଛି । ଏହି ଦାବିପତ୍ରକୁ ଜିଲ୍ଲା କଂଗ୍ରେସ ତରଫରୁ ଏକ ପ୍ରତିନିଧି ଦଳ ଜିଲ୍ଲାପାଳ ନୃସିଂହ ଚରଣ ସ୍ୱାଇଁଙ୍କୁ ପ୍ରଦାନ କରିଥିଲେ । ଶେଷରେ ଉପସଭାପତି ସୋମରେଶ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ରମ୍ଭା ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆଁ -ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା' ଉଦ୍‌ଯାପିତ

**ରମ୍ଭା, ନ୍ୟୁଜ ବ୍ୟୁରୋ**

ସ୍ଥାନୀୟ ଶ୍ରୀଜଗନ୍ନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧ୍ୟକ୍ଷ ଡ଼ଃ ରଞ୍ଜନ କୁମାର ଦାଶଙ୍କ ସଭାପତିତ୍ୱରେ ଏବଂ ନୋଡାଲ ଅଫିସର ଇଂରାଜୀ ଅଧ୍ୟାପକ ଅମ୍ବିକା ପ୍ରସାଦ ସାମନ୍ତରାୟଙ୍କ ନେତୃତ୍ୱରେ ଶିକ୍ଷାନୁଷ୍ଠାନର କଳାକାର ଛାତ୍ର ଛାତ୍ରୀଙ୍କୁ ନେଇ ରଙ୍ଗା ରଙ୍ଗ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଛତ୍ରପୁର ବିଧାୟକ ସୁବାଷ ଚନ୍ଦ୍ର ବେହେରା, ମୁଖ୍ୟ ବକ୍ତା ମେଜର ରମକ୍ଷରମାଣ ପାଢ଼ୀ,ସମ୍ମାନିତ ଅତିଥି ରମ୍ଭା ଏନ. ଏ. ସି. ଅଧ୍ୟକ୍ଷା



ଶ୍ରୀମତୀ ମାନସୀ ସ୍ୱାଇଁ, ସୁବାଷ ଚନ୍ଦ୍ର ପଣ୍ଡା, +୩ ଓଡ଼ିଆ ଅଧ୍ୟକ୍ଷ ଡ଼ଃ ଭାସ୍କର ଚନ୍ଦ୍ର ମୁଦୁଲି ପ୍ରମୁଖ ମଞ୍ଚାସିନ ହୋଇ ଉପସ୍ଥିତ ଛାତ୍ର ଛାତ୍ରୀଙ୍କୁ ଅଭିଭାଷଣ ମାଧ୍ୟମରେ କାର୍ଯ୍ୟକ୍ରମର ରୁପ ରେଖ, ଲକ୍ଷ୍ୟ, ଉଦ୍ଦେଶ୍ୟ, କ୍ରୀଡା, ସାଂସ୍କୃତିକ, ସମାଜ ମଙ୍ଗଳ କାର୍ଯ୍ୟକ୍ରମ, ୫ଟି ଓଡିଶାକୁ ବାରମ୍ବାର ଦୁର୍ବିପାକ ଆସୁଥିବା, ଦାରିଦ୍ର ଦୂରୀକରଣ, ଅନାହାର, ଅପପୃଷ୍ଟି, ମାତୃ ମୃତ୍ୟୁ ହକ୍ଷର ସମେତ ଅନେକ ପଦକ୍ଷେପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଦୂରୀକରଣ କରାଯାଇଥିବା ବିଧାୟକ ପ୍ରକାଶ କରିଛନ୍ତି । ସାମୁହିକ ପ୍ରଦୀପ ପ୍ରଜ୍ୱଳନ ସହ ବେଦପାଠ ସୁରେନ୍ଦ୍ର ନାଥ ମିଶ୍ର ଶର୍ମା ଓ ପ୍ରାରମ୍ଭିକ ସଙ୍ଗୀତ ସୌଦାମିନୀ, ଲକ୍ଷ୍ମୀ, ମିନା, ଅର୍ପିତା, ଅଙ୍କିତା, ଆରତୀ ତନିଷା, ପ୍ରମୁଖ ଗାନ କରିଥିଲେ । ଏଥି ସହିତ ମାନ୍ୟଗଣ୍ୟ ବ୍ୟକ୍ତି, ଗଣମାଧ୍ୟମ ପ୍ରତିନିଧି ଓ ନିମନ୍ତ୍ରିତ ଅତିଥି ମାନେ ଉପସ୍ଥିତ ରହିଥିଲେ । ଅନ୍ୟମାନଙ୍କ ମଧ୍ୟରେ କଲେଜର ଅଧ୍ୟାପକ / ଅଧ୍ୟାପିକା ଡ଼ଃ ଗୋବିନ୍ଦ ଚନ୍ଦ୍ର ପଣ୍ଡା, ଡ଼ଃ ଶିବ କୁମାର ମିଶ୍ର, ଡ଼ି. ତ୍ରିନାଥ ପ୍ରଧାନ, ଶରତ ଚନ୍ଦ୍ର ଯୋଶୀ, ବିଚିତ୍ରା ନନ୍ଦ ସାହୁ, ରୀନା କୁମାରୀ ପାଣିଗ୍ରାହୀ, ରାଜେନ୍ଦ୍ର ନାହାକ, ସତ୍ୟବାନ ପଣ୍ଡା, ବିଶ୍ୱନାଥ ରଥ, କାଳିଆ ବେହେରା, ରାମଚନ୍ଦ୍ର ନାହାକ,ମାଗୁଣି, ସାବିତ୍ରୀ, ବୈକୁଣ୍ଠ ନାୟକ, ଧରଣୀ, ଲଳିତେନ୍ଦୁ, ପ୍ରମୋଦ, ଶିବଶଙ୍କର, ପୂର୍ଣ୍ଣଚନ୍ଦ୍ର, ଦୁର୍ଯ୍ୟୋଧନ ପ୍ରମୁଖ କାର୍ଯ୍ୟକ୍ରମ ସଂଚାଳନରେ ସହଯୋଗ କରିଥିଲେ। ପୂର୍ବରୁ ଅନୁଷ୍ଠିତ ବିଭିନ୍ନ ଖେଳ କୁଦର କୃତକାର୍ଯ୍ୟ ଛାତ୍ର ଛାତ୍ରୀ ମାନଙ୍କୁ ମଞ୍ଚାସିନ ବ୍ୟକ୍ତିମାନଙ୍କ ଦ୍ୱାରା ମାନପତ୍ର ଓ କପ ପ୍ରଦାନ କରାଯାଇଥିଲା । ଶେଷରେ ମହିଷାସୁର ମର୍ଦ୍ଦିନୀ ନୃତ୍ୟ ନାଟିକା ଓ ନୃତ୍ୟର ତାଳେ ତାଳେ କଳାକାର ଛାତ୍ର ଛାତ୍ରୀ ମାନଙ୍କର ଡେଙ୍ଗରେ ଦୁଲୁକି ଥିଲା ମଞ୍ଚ ।








**ଭୁବନେଶ୍ୱର:** ସ୍ୱାଧୀନତା ସଂଗ୍ରାମୀ ଦିବସ ପାଳନ ଅବସରରେ ସ୍ୱାଧୀନତା ସଂଗ୍ରାମୀ ପଡ଼ିଆରେ ଓଡ଼ିଶା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ ସଭାରେ ଉପସ୍ଥିତ ଅତିଥିମାନେ **(ଫଟୋ: ସମ୍ବାଦ କଳିକା)**

## ସୁବର୍ଣ୍ଣପୁର ସଡ଼କ ସୁରକ୍ଷା ସଚେତନତା ସପ୍ତାହ

# ଦୁର୍ଘଟଣା ମୃତ୍ୟୁ ଶୂନ୍ୟ କରିବାକୁ ଜିଲ୍ଲାପାଳଙ୍କ ଗୁରୁତ୍ୱ

**ସୁବର୍ଣ୍ଣପୁର, ନ୍ୟୁଜ୍ ବ୍ୟୁରୋ**

୧ ତାରିଖ ଠାରୁ ୭ ତାରିଖ ପର୍ଯ୍ୟନ୍ତ ସପ୍ତାହବ୍ୟାପି ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ୨୦୨୪ ର ପ୍ରଥମ ତଥା ଉଦ୍‌ଘାଟନୀ ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଆଞ୍ଚଳିକ ପରିବହନ ଅଧିକାରୀ ସୁବର୍ଣ୍ଣପୁରଙ୍କ କାର୍ଯ୍ୟାଳୟ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟ ଓ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ହେମନ୍ତ କୁମାର ପାଢ଼ୀ ଯୋଗଦାନ କରି ସଡକ ସୁରକ୍ଷା ଉପରେ ଅନେକ ମୂଲ୍ୟବାନ ପରାମର୍ଶ ପ୍ରଦାନ କରିବା ସହିତ ଏମଭିଆଇ ବିଶ୍ୱ ରଞ୍ଜନ ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ



ଶୋଭାଯାତ୍ରା ଓ ସଚେତନତା ରଥକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଛନ୍ତି । ଏତଦ୍ ବ୍ୟତୀତ କାର୍ଯ୍ୟାଳୟ ଠାରେ ନବ ନିର୍ମିତ ଆଧୁନିକ ଏଲଏଲ ପରୀକ୍ଷା କେନ୍ଦ୍ର ତଥା ସର୍ବସାଧାରଣ ସୁବିଧା କେନ୍ଦ୍ରକୁ ମଧ୍ୟ ଜିଲ୍ଲାପାଳ ଶ୍ରୀ ରାୟ ଉଦ୍‌ଘାଟନ କରିଛନ୍ତି । ଅନୁଷ୍ଠିତ ଶୋଭାଯାତ୍ରାରେ ଛାତ୍ରଛାତ୍ରୀ ମାନେ ସଚେତନତା ବାର୍ତ୍ତା ପ୍ଲା କାର୍ଡ ପ୍ରଦର୍ଶନ କରି ସହର ପରିକ୍ରମା କରିଥିଲେ । ସେହିପରି ସଚେତନତା ରଥ ସୋନପୁର ସହର ତଥା ବ୍ଲକ ଅଞ୍ଚଳ ପରିକ୍ରମା କରି ଜନସାଧାରଣଙ୍କୁ ସଚେତନତା କରାଇବ । କାର୍ଯ୍ୟକ୍ରମ ଅବସରରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ସାମ୍ବାଦିକ ସ୍ୱାଧୀନ କୁମାର ମେହେର, ମୃତ୍ୟୁଞ୍ଜୟ ଶତପଥୀ, ସଞ୍ଜୟ ସାହୁ, ପିତାମ୍ବର ମହାପାତ୍ର, ରଞ୍ଜନ ବାରିକ ଓ ବସ୍ ମାଲିକ ସଂଘ ସଭାପତି ପୁରୁଷୋତ୍ତମ ପାଣିଗ୍ରାହୀ, ରେଆର ସମ୍ପାଦକ ଅନଙ୍ଗ ନେଗୀ, ନେହେରୁ ଯୁବକ ସଂଘ ସଭାପତି କୃପାସିନ୍ଧୁ ଭୋଇ ଓ ସଦସ୍ୟ, ବୁଢାରଜା ୟୁଥ୍ ଏସୋସିଏସନ୍‌ର ସଦସ୍ୟ ସଦସ୍ୟା, କାର୍ଯ୍ୟାଳୟର ଚିତ୍ତରଞ୍ଜନ ଭୋଇ ତଥା ସମସ୍ତ କର୍ମଚାରୀ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ ।

## କେନ୍ଦୁଝର ଜିଲ୍ଲାରେ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ

**କେନ୍ଦୁଝର, ନ୍ୟୁଜ୍**

୨୦୨୪ ମସିହା ଜାନୁଆରୀ ମାସ ପାଇଁ ଜିଲ୍ଲାପାଳ ଓ ଏସ୍.ପି.ଙ୍କ ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ପ୍ରକାଶ ପାଇଛି । ୧ ତାରିଖ ସୋମବାର ଦିନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ଦରବାରହଲ୍ ଠାରେ ଜନଶୁଣାଣି ହୋଇଥିବା ବେଳେ ୮ ତାରିଖ ସୋମବାର ଦିନ ଚମ୍ପୁଆ ବ୍ଲକ୍ କାର୍ଯ୍ୟାଳୟ ଠାରେ ୧୬ ତାରିଖ ମଙ୍ଗଳବାର ଦିନ ସାହାରପଡା ବ୍ଲକ୍ କାର୍ଯ୍ୟାଳୟ ଠାରେ, ୨୨ ତାରିଖ ସୋମବାର ଦିନ ଘସିପୁରା ବ୍ଲକ୍ କାର୍ଯ୍ୟାଳୟ ଠାରେ ଏବଂ ୨୯ ତାରିଖ ସୋମବାର ଦିନ ଯୋଡା ବ୍ଲକ୍ କାର୍ଯ୍ୟାଳୟ ଠାରେ ମିଳିତ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ତରଫରୁ ସୂଚନା ଦିଆଯାଇଛି । ଏହି ମିଳିତ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ସମ୍ପର୍କରେ ବିହିତ ପଦକ୍ଷେପ ନେବାକୁ ଜିଲ୍ଲାପାଳ ଆଶିଷ ଠାକରେ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏତଦ୍‌ବ୍ୟତୀତ କାର୍ଯ୍ୟସୂଚୀ ଅନୁଯାୟୀ ଅଭିଯୋଗ ଶୁଣାଣି ସ୍ଥାନମାନଙ୍କରେ ଚିକିତ୍ସା, ଜାତୀୟ ସ୍ୱାସ୍ଥ୍ୟ ମିଶନ, ଶ୍ରମ, ଉଠାଜଳସେଚନ, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ, ଯୋଗାଣ ବିଭାଗ, ଜଳଛାୟା ବିଭାଗ ତରଫରୁ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ଜିଲ୍ଲାପାଳ ଆଶିଷ ଠାକରେ ନିର୍ଦ୍ଦେଶ ଦେଇଛନ୍ତି ।

# ଆଜିଠୁ ସମ୍ବଲପୁର ଲୋକମହୋତ୍ସବ

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**

ସମ୍ବଲପୁର, ନ୍ୟୁଜ ବ୍ୟୁରୋ; ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମ୍ବଲପୁର ଲୋକମହୋତ୍ସବ ୨୦୨୪ ସକାଶେ ସାମ୍ବାଦିକ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ଲୋକମହୋତ୍ସବର ମିଡିଆ ଉପସମିତିର ଆବାହକ ସାମ୍ବାଦିକ ସୁକାନ୍ତ କରଙ୍କ ସଂଯୋଜନାରେ ହୋଇଥିବା ଏହି ସଭାରେ ଲୋକମହୋତ୍ସବ ଆୟୋଜନ ଉପରେ ଆଲୋଚନା କରାଯାଇଥିଲା । ଆସନ୍ତା ଜାନୁଆରୀ ୪, ୫ ଓ ୬ ତିନିଦିନ ଧରି ପାଳିତ ହେବାକୁ ଥିବା ଏହି ସାଂସ୍କୃତିକ ମହାକୁମ୍ଭରେ ଛଅଟି ସ୍ଥାନୀୟ ଦଳ ସମେତ ଆଠଟି ରାଜ୍ୟସ୍ତରୀୟ ଓ ଛଅଟି ଜାତୀୟ ଲୋକନୃତ୍ୟ ଦଳ ତାଙ୍କ ନୃତ୍ୟ ପ୍ରଦର୍ଶନ କରିବାକୁ ଯାଉଛନ୍ତି । ଏତଦ୍ ବ୍ୟତିତ ଥାଇଲାଣ୍ଡରୁ ଏକ ଅନ୍ତର୍ଜାତୀୟ ଲୋକନୃତ୍ୟ ଦଳ ମଧ୍ୟ ତାଙ୍କ ନୃତ୍ୟ ପ୍ରଦର୍ଶନ କରିବେ । ପ୍ରଥମ ଦିନ ପୂର୍ବାହ୍ନ ୧୦ଟାରୁ ବାଲିବନ୍ଧା ସୋମନାଥ ମନ୍ଦିର ନିକଟରୁ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଏକ ସାଂସ୍କୃତିକ ଶୋଭାଯାତ୍ରା ହେବ । ଏଥିରେ ୧୩ ରୁ ଅଧିକ ଲୋକନୃତ୍ୟ ଦଳ ସାମିଲ ହେବାକୁ ଯାଉଛନ୍ତି ବୋଲି ସୂଚୀତ କରାଯାଇଛି । ଶୋଭାଯାତ୍ରା ପରେ ପିଏଚ୍‌ଡି ପଡିଆରେ ପ୍ରଦର୍ଶନୀ କଳାଗ୍ରାମ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରହିଥିବା ବେଳେ ସନ୍ଧ୍ୟାରେ ଫଟୋ, ଚିତ୍ରକଳା ପ୍ରଦର୍ଶନୀ ଓ ଲୋକମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରଖାଯାଇଛି । ଏହି ଲୋକ ମହୋତ୍ସବରେ ୧୫୦ଟି ଷ୍ଟଲ୍ ଓ ୧୫ଟି ଖାଦ୍ୟ ଷ୍ଟଲ୍ ହେବ । ଷ୍ଟଲ୍ ଗୁଡିକ ୩ ରୁ ୭ ତାରିଖ ପର୍ଯ୍ୟନ୍ତ ପାଞ୍ଚ ଦିନ ପାଇଁ ଖୋଲିବ ବୋଲି ସୂଚନା ଦିଆଯାଇଛି । ପ୍ରତିଦିନ ମଞ୍ଚ କାର୍ଯ୍ୟକ୍ରମ ପୂର୍ବରୁ ଦୁଇଟି ଲେଖାଏଁ ଅବଲୁପ୍ତ ପ୍ରାୟ ଲୋକବାଦ୍ୟ ପରିବେଷିତ ହେବାକୁ ଥିବାବେଳେ ଦ୍ୱିତୀୟ ଓ ତୃତୀୟ ଦିନ ଆଲୋଚନା ଚକ୍ର, କର୍ମଶାଳା ଓ ସମ୍ବଲପୁରୀ କବିତା ପାଠୋତ୍ସବ ଅନୁଷ୍ଠିତ ହେବ । ବୋଲି ସମ୍ମିଳନୀରେ ସୂଚୀତ କରାଯାଇଥିଲା । ଜିଲ୍ଲା ସଂସ୍କୃତି ପରିଷଦର ଅଧକ୍ଷା ତଥା ଜିଲ୍ଲାପାଳ ଅନନ୍ୟା ଦାସଙ୍କ ସମେତ ମୁଖ୍ୟ ସଂଯୋଜକ ଭୋଲା ଶଙ୍କର ମହନ୍ତ, ମହାନଗର ନିଗମ କମିଶନର ତଥା ନୋଡାଲ ଅଧିକାରୀ ବେଦଭୂଷଣ, ଡେପୁଟୀ କଲେକ୍ଟର ତଥା ସହନୋଡାଲ ଅଧିକାରୀ ସୁଶାନ୍ତ କୁମାର ସାହୁ, ଜିଲ୍ଲା ସଂସ୍କୃତି ଅଧିକାରୀ ଫକୀର ମୋହନ ମାଝୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସଂଯୁକ୍ତା କୁଲୁ ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ଶେଷରେ ସହ ସଂଯୋଜକ ଅନୁପ ତରିଆ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ହରେକୃଷ୍ଣ ମହତାବ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ମହାନ ଜନନାୟକ ଉତ୍କଳ କେଶରୀ ଡଃ ହରେକୃଷ୍ଣ ମହତାବଙ୍କ ୩୭ ତମ ଶ୍ରାଦ୍ଧୋତ୍ସବ ମଙ୍ଗଳବାର ଜଗତସିଂହପୁର ସାରସ୍ୱତ ପରିଷଦ ପକ୍ଷରୁ ସ୍ଥାନୀୟ ଦୋଭୋଗସ୍ଥିତ ଗୁରୁକୁଳ ଶିକ୍ଷାମନ୍ଦିର ଠାରେ ଅନୁଷ୍ଠିତ ହୋଇଯାଇଛି । ପରିଷଦର ସଭାପତି ଅଧ୍ୟାପକ ହିମାଂଶୁ ଆଚାର୍ଯ୍ୟ ଏଥିରେ ଅଧକ୍ଷତା କରି ସ୍ୱର୍ଗତ ହରେକୃଷ୍ଣ ମହତାବ ଆଧୁନିକ ଓଡ଼ିଶାର ନିର୍ମାତା ଥିଲେ ବୋଲି କହିବା ସହ ଓଡ଼ିଶାର ରାଜନୀତି, ସାହିତ୍ୟ ଓ ସର୍ବୋପରି ସାମ୍ବାଦିକତା କ୍ଷେତ୍ରରେ ତାଙ୍କର ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ



### ହରେକୃଷ୍ଣ ମହତାବଙ୍କ ଶ୍ରାଦ୍ଧୋତ୍ସବ ପାଳିତ

କରିଥିଲେ । ମୁଖ୍ୟ ଆଲୋଚିକା ଭାବେ ଶିକ୍ଷୟିତ୍ରୀ ମଧୁସ୍ମିତା ପାଣ୍ଡେ ତାଙ୍କ ବକ୍ତବ୍ୟରେ ଗଡ଼ଜାତ ମିଶ୍ରଣ, ଭୁବନେଶ୍ୱରରେ ନୂଆ ରାଜଧାନୀ ପ୍ରତିଷ୍ଠା, ଓଡ଼ିଶା ଟେକ୍ସଟାଇଲ୍ ମିଲ୍, କଟକ ଆକାଶବାଣୀ କେନ୍ଦ୍ର ଓ ହାଇକୋର୍ଟ ପ୍ରତିଷ୍ଠାରେ ମହତାବଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା ବୋଲି ମତ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷୟିତ୍ରୀ ଗୀତାଞ୍ଜଳି ନାୟକ, ରୋନକ ମହାନ୍ତି ଓ ଗୁରୁକୁଳର ମୁଖ୍ୟ ସୁବାସ ମହାନ୍ତି ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ଡଃ ମହତାବଙ୍କ ବହୁମୁଖୀ ବ୍ୟକ୍ତିତ୍ୱ ସଂପର୍କରେ ଆଲୋକପାତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷାମନ୍ଦିରର ବିଦ୍ୟାର୍ଥୀମାନେ ଉପସ୍ଥିତ ଥିଲେ ।

## କଂଗ୍ରେସ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟ କଂଗ୍ରେସ କମିଟି ସଭାପତି ଶରତ କୁମାର ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଧର୍ମଶାଳା ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ କଳିଙ୍ଗନଗର ଗୁଳିକାଣ୍ଡ ପ୍ରତିବାଦରେ ଏକ ବିରାଟ କ୍ୟାଣ୍ଡେଲ ରାଲି ଅନୁଷ୍ଠିତ ହୋଇଯାଇଛି । ଧର୍ମଶାଳା ବ୍ଲକ କଂଗ୍ରେସ ସଭାପତି କିଶାନ ପଣ୍ଡାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ଜାରକା ଗୋପବନ୍ଧୁ ଛକରୁ କ୍ୟାଣ୍ଡେଲ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିଥିଲେ । ୨୦୦୬ ମସିହାରେ କମ୍ପାନୀର ପ୍ରାଚେରୀ ନିର୍ମାଣକୁ ବିରୋଧ କରିବାରୁ ୧୬ ଜଣ ନିରୀହ ଆଦିବାସୀଙ୍କୁ ଗୁଳିକରି ହତ୍ୟା କରାଯାଇଥିଲା । ୧୮ବର୍ଷ ପରେ ମଧ୍ୟ ସେମାନଙ୍କୁ ନ୍ୟାୟ ମିଳିନାହିଁ । ଏହାର ପ୍ରତିବାଦରେ ରାଜ୍ୟସାରା କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହେଉଥିବା ସଭାପତି ସୂଚନା ଦେଇଥିଲେ । ଏହି ପ୍ରତିବାଦ ଶୋଭାଯାତ୍ରାରେ ଅନ୍ୟମାନଙ୍କ ମଧ୍ୟରେ କାର୍ଯ୍ୟକାରୀ ସଭାପତି ପ୍ରଫୁଲ୍ଲ କୁମାର ରାୟ, ବରିଷ୍ଠ ନେତା ବସନ୍ତ କୁମାର ପରିଡ଼ା, ନରୋତ୍ତମ ନାୟକ, ଦୀପକ ବଳ, ବାବୁଲି ମଲ୍ଲିକ, ନୀଳମଣି ସ୍ୱାଇଁ, ସେକ୍‌ଇକବାଲ, ଉଗ୍ରେସେନ୍ ମହାନ୍ତି, ଅମରେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇଥିଲେ ।

# ଓଡ଼ିଶାର ପ୍ରତିନିଧି ଡ. ଜ୍ଞାନରଞ୍ଜନ ପତି ବିଶ୍ୱ ସଂସ୍କୃତ ସମ୍ମେଳନରେ ଯୋଗଦେଲେ

**ଯାଜପୁର, ନ୍ୟୁଜ୍ ବ୍ୟୁରୋ**

ଆସାମର ଗୌହାଟୀ ଠାରେ କେନ୍ଦ୍ରୀୟ ସଂସ୍କୃତ ବିଶ୍ୱ ବିଦ୍ୟାଳୟ ଦିଲ୍ଲୀ, ଲୋକଭାଷା ପ୍ରଚାର ସମିତି ଓ ସନାତନ ଧର୍ମସଭା ଆନୁକୂଲ୍ୟରେ ଗତମାସ ୨୭ରୁ ୨୯ ତାରଖ ପର୍ଯ୍ୟନ୍ତ ତିନିଦିନ ବ୍ୟାପି ବିଶ୍ୱ ସଂସ୍କୃତ ସମ୍ମେଳନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଦେଶ ବିଦେଶର ୫୦୦ରୁ ଉର୍ଦ୍ଧ୍ୱ ସଂସ୍କୃତ ବିଦ୍ୱାନ୍, ବିଭିନ୍ନ ବିଶ୍ୱବିଦ୍ୟାଳୟର କୁଳପତି, ପ୍ରାଧ୍ୟାପକ ଗବେଷକମାନେ ଯୋଗଦେଇ 'ବିଶ୍ୱହିତାୟ ସଂସ୍କୃତମ୍' Contribution of sanskrit for the betterment of world ବିଷୟରେ ନିଜ ନିଜର ଗବେଷଣାତ୍ମକ ପ୍ରବନ୍ଧ ଉପସ୍ଥାପନ କରିଛନ୍ତି । ଏହି ଅନ୍ତର୍ଜାତୀୟ ଆଲୋଚନାଚକ୍ରରେ ଯାଜପୁରର ବିଶିଷ୍ଟ ସଂସ୍କୃତ ବିଦ୍ୱାନ୍ ତଥା ବିରଜା ସଂସ୍କୃତି ଗବେଷକ ଡକ୍ଟର ଜ୍ଞାନରଞ୍ଜନ ପତି



ଯୋଗଦେଇ ନିଜର ଗବେଷଣାତ୍ମକ ସନ୍ଦର୍ଭ ଉପସ୍ଥାପନ କରିବା ସହ ଦ୍ୱିତୀୟ ଦିନର ଏକ ସେମିନାରରେ ସମୀକ୍ଷକ ଭାବେ ମଞ୍ଚାସୀନ ଥିଲେ । ତିରୁପତି ବିଶ୍ୱବିଦ୍ୟାଳୟର କୁଳାନୁଶାସକ ପ୍ରଫେସର ଡକ୍ଟର ସତ୍ୟନାରାୟଣ ଆଚାର୍ଯ୍ୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆନ୍ତର୍ଜାତିକ ଆଲୋଚନା ସୂତ୍ରରେ ଡଃ ପତିଙ୍କ ସହ ବିଶ୍ୱ ସଂସ୍କୃତ ସଂଗଠନର ଅଧକ୍ଷ ଡଃ ସଦାନନ୍ଦ ଦୀକ୍ଷିତ, ଡ. ବି. ଗୌପାଳାଚାର ଉଡୁପି କର୍ଣ୍ଣାଟକ, ପ୍ରଫେସର ଡ. ଗଗନେନ୍ଦ୍ର ନାଥଶର୍ମା, ଆସାମ, ପ୍ରଫେସର ଡକ୍ଟର କାଶୀନାଥ ନ୍ୟୋପାନ, ନେପାଳ, ଡ. ଗଗନ ଚନ୍ଦ୍ର ଦେ, ପଶ୍ଚିମବଙ୍ଗ, ଡଃ କାଳୀପ୍ରସନ୍ନ ଶତପଥୀ, କେନ୍ଦ୍ରାପଡା, କୁଶଳ କଳିତା, ଆସାମ, କଟକର ଡଃ ବିପିନ ବିହାରୀ ଶତପଥୀ ପ୍ରମୁଖ ମଞ୍ଚାସୀନ ଥିଲେ । ଏହି ସମ୍ମେଳନରେ ୟୁ କେ, ଇଂଲଣ୍ଡ, ନେପାଳ, ପୋଲାଣ୍ଡ, ଭିଏତନାମ ଆଦି ୨୦ରୁ ଉର୍ଦ୍ଧ୍ୱ ଦେଶର ବିଶିଷ୍ଟ ସଂସ୍କୃତ ଗବେଷକମାନେ ଯୋଗଦେଇ ବୈଶ୍ୱିକ ସଂସ୍କୃତିର ଉତ୍କର୍ଷ ନିମିତ୍ତ ସଂସ୍କୃତର ଅତୁଲ୍ୟ ଅବଦାନକୁ ଭୂୟସୀ ପ୍ରଶଂସା କରିବା ସହ ଏହାର ଅଧିକ ଗବେଷଣାର ଆବଶ୍ୟକତା ଅଛି ବୋଲି ନିଜ ନିଜର ନିବନ୍ଧ ପାଠ ପୂର୍ବକ ମତ ଦେଇଥିଲେ । ଏହି ଅବସରରେ ସଂସ୍କୃତ କବି ସମ୍ମିଳନୀ, ଧର୍ମଶାସ୍ତ୍ରାଲୋଚନା ସନ୍ଥ ସମାବେଶରେ ଅନ୍ୟମାନଙ୍କ ସହ ଡଃ ଜ୍ଞାନରଞ୍ଜନ ପତି ଯୋଗଦେଇ ଶାକ୍ତ ସଂସ୍କୃତିରେ ଆସାମର କାମାକ୍ଷପୀଠ ଓ ଓଡ଼ିଶାର ପ୍ରାଚୀନତମ ଶକ୍ତିପୀଠ ବିରଜାପୀଠର ଶକ୍ତିପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ । ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମରେ ଲୋକଭାଷା ପ୍ରଚାର ସମତି, ଓଡ଼ିଶା ଶାଖାର ଗୋପାଳ ଚନ୍ଦ୍ର ପାଢୀ, ବିଭୂତିଭୂଷଣ କର, ଗୁରୁପ୍ରସାଦ ରଥ, ହରପ୍ରିୟା ଶତପଥୀ, ଡଃ ଲକ୍ଷ୍ମିକାନ୍ତ ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ ।

# ସଡ଼କ ଦୁର୍ଘଟଣାରେ ବରିଷ୍ଠ ସାମ୍ବାଦିକଙ୍କ ମୃତ୍ୟୁ

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**



ଜଗତସିଂହପୁର ଜିଲ୍ଲା ତଥା ତିର୍ତ୍ତୋଲ ଅଞ୍ଚଳର ବରିଷ୍ଠ ସାମ୍ବାଦିକ ତଥା ସାମ୍ବାଦିକ ସଂଘର ଉପଦେଷ୍ଟା ପ୍ରମୋଦ କୁମାର ଦାସଙ୍କର ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ପ୍ରମୋଦ ଦାସ ୧ ତାରିଖ ବିଳମ୍ବିତ ରାତ୍ରିରେ କଟକ ଅଭିମୁଖେ ଯାଉଥିବାବେଳେ କମରପଦା ମୁଖ୍ୟ ରାସ୍ତା ଉପରେ ଯାନ୍ତ୍ରିକ ତ୍ରୁଟି କାରଣରୁ ଛିଡା ହୋଇଥିବା ଏକ ଟ୍ରକ୍‌ର ପଛପଟେ ପିଟି ହୋଇଯାଇଥିଲେ । ପିଟିହେବା ଫଳରେ ପ୍ରମୋଦଙ୍କ ମୁଣ୍ଡରେ ଶକ୍ତ ଆଘାତ ଲାଗି ଗୁରୁତର ଆହତ ହୋଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ ପୋଲିସ ସହାୟତାରେ କଟକ ବଡ଼ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇବାପରେ ତିର୍ତ୍ତୋଲ ସମେତ ଜଗତସିଂହପୁର ଜିଲ୍ଲାରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଥିଲା । ତାଙ୍କ ମର ଶରୀରକୁ କଟକ - ପାରାଦ୍ୱୀପ ରାସ୍ତା ଶାରଳାରୋଡ ନିକଟରୁ ମଣିଜଙ୍ଗା ବାସଭବନ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ନିଆଯାଇଥିଲା । ଏଥିରେ ସାମ୍ବାଦିକ, ରାଜନେତା, ସାହିତ୍ୟିକ, ସମାଜସେବୀ ମାନେ ସାମିଲ ହୋଇଥିଲେ । ତିର୍ତ୍ତୋଲ ବିଧାୟକ ବିଜୟ ଶଙ୍କର ଦାସ ଶୋକ ବାର୍ତ୍ତା ପ୍ରଦାନ କରିଥିଲେ । ତାଙ୍କ ମୃତ୍ୟୁ ଖବର ପାଇ ତିର୍ତ୍ତୋଲ ବ୍ଲକ ଅଧକ୍ଷ ମନୋଜ କୁମାର ବେହେରା, ଜିଲ୍ଲାପରିଷଦ ସୁନୀଲ କୁମାର ବେହେରା, ସମାଜସେବୀ ସୂର୍ଯ୍ୟନାରାୟଣ ବେହେରା, ନେହୁରୁ ବଜାର କମିଟି ସଭାପତି ନରହରି ମିଶ୍ର, ସମ୍ପାଦକ ବଟକୃଷ୍ଣ ଦାଶ, ବଜାର କମିଟି, ମଣିଜଙ୍ଗା ସରପଞ୍ଚ ଶେଷଦେବ ମଲ୍ଲିକ, ପୂର୍ବତନ ସରପଞ୍ଚ ପ୍ରହ୍ଲାଦ ସାହୁ, ଅଶ୍ୱିନୀ ସ୍ୱାଇଁ, ବେଦଦ୍ୟୁତି ପୃଷ୍ଟି ପ୍ରମୁଖ ଶେଷ ଦର୍ଶନ ସହିତ ପୁଷ୍ପ ମାଲ୍ୟ ଅର୍ପଣ କରି ଶୋକବ୍ୟକ୍ତ କରିଥିଲେ । ମଣିଜଙ୍ଗା ସରକାରୀ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ, ଶିକ୍ଷୟିତ୍ରୀ ମାନେ ବିଦ୍ୟାଳୟ ନିକଟରେ ସ୍ୱର୍ଗତ ଦାସଙ୍କୁ ଦର୍ଶନ କରିବା ସହିତ ପୁଷ୍ପମାଲ୍ୟ ପ୍ରଦାନ କରି ଶୋକପ୍ରକଟ କରିଥିଲେ । ଏକ ଶୋଭାଯାତ୍ରା ଜଗତସିଂହପୁର, ଏରସମା, ବାଲିକୁଦା, କୁଜଙ୍ଗ, ରଘୁନାଥପୁର ଓ ତିର୍ତ୍ତୋଲର ବିଭିନ୍ନ ଗଣମାଧ୍ୟମରେ କାର୍ଯ୍ୟରତ ସାମ୍ବାଦିକ, ସାମାଜିକ ସଂଗଠନ, ବୁଦ୍ଧିଜୀବୀ ସାହିତ୍ୟିକ, ମାନ୍ୟଗଣ୍ୟ ବ୍ୟକ୍ତି ସାମିଲ ଥିବାବେଳେ ଶୋଭାଯାତ୍ରାକୁ ନେହେରୁ ବଜାର, ସରଣୀ ବଜାର, ତିର୍ତ୍ତୋଲ ଲକ ବଜାର, ମଣିଜଙ୍ଗା ବଜାର ମଣିଜଙ୍ଗା ସ୍କୁଲରେ ଅଟକ ରଖି ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା । ସ୍ୱର୍ଗତ ଦାସ ବିଭିନ୍ନ ସଂଗଠନ, ସାମାଜିକ ଅନୁଷ୍ଠାନ ସହିତ ଜଡ଼ିତ ଥିଲେ । ଗ୍ରାମରେ ଶୋକାକୁଳ ପରିବେଶ ମଧ୍ୟରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା । ସ୍ୱର୍ଗତ ଦାସଙ୍କ ଦୁଇଟି ପୁଅ ଜଣେ ଚତୁର୍ଥ ଓ ଜଣେ ଦଶମ ଶ୍ରେଣୀରେ ଅଧ୍ୟୟନରତ । ସ୍ୱର୍ଗତ ଦାସଙ୍କ ଅକାଳ ବିୟୋଗରେ ତାଙ୍କ ପରିବାର ଏକ ପ୍ରକାର ହତାଦାର ହୋଇପଡିଛି । ସ୍ୱର୍ଗତ ଦାସଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାପାଇଁ ଦାବି ହୋଇଛି ।

# ଭାରସାମ୍ୟ ହରାଇ ତଳକୁ ଖସିଲା ଟ୍ରକ୍



**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଚଣ୍ଡିଖୋଲ-ପାରାଦ୍ୱୀପ ଜାତୀୟ ରାଜପଥ ୫ ନଂ-କର ଦୁହୁରିଆ ଠାରେ ଏକ ଟ୍ରକ୍ ଲୁହା ବାରିକେଡ଼ ଭାଙ୍ଗି ତଳକୁ ଖସି ଯାଇଥିବା ଜଣାପଡିଛି । ସୋମବାର ମଧ୍ୟାହ୍ନ ସମୟରେ ଲୁହା ପଥର ନେଇ ପାରାଦ୍ୱୀପ ଯାଉଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ଲୁହା ବାରିକେଡ଼ ଭାଙ୍ଗି ତଳକୁ ଖସି ଯାଇଥିଲା । ଡ୍ରାଇଭର ଅଳ୍ପକେ ବର୍ତ୍ତି ଯାଇଥିବା ବେଳେ ଗାଡିଟି ସାମାନ୍ୟ କ୍ଷତିଗସ୍ତ ହୋଇଥିବା ଜଣାପଡିଛି ।

# ଜଳେଶ୍ୱର ବିଜେଡ଼ିର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଜଳେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଅଧିନସ୍ଥ ଗୋବରଘଟା ଗ୍ରାମପଞ୍ଚାୟତ ଅଗ୍ରୱାଲା ଛକ ନିକଟରେ ନୂତନ ବର୍ଷକୁ ସ୍ୱାଗତ ଜଣାଇ ୨୦୨୪ ମସିହାରେ ନିର୍ବାଚନକୁ ଆଖି ଆଗରେ ରଖି ନୂତନ ପାଟି ଅଫିସ ଉଦ୍ଘାଟନ ହୋଇଯାଇଛି । ଏହି ଉଦ୍ଘାଟନୀ ଉତ୍ସବରେ ମାନନୀୟ ବିଧାୟକ ତଥା ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର, ଜଳେଶ୍ୱର ବ୍ଲକ ଅଧକ୍ଷ ମାନସ ଦାସ୍, ଉପାଧ୍ୟକ୍ଷ ସଞ୍ଜିତା ସେନାପତି ଆନୁଷ୍ଠାନିକ ଭାବେ ଶଙ୍ଖ ଧ୍ୱନି ସାଙ୍ଗକୁ



ମାଦଲ ତାଳେ ତାଳେ ଫିତା କାଟି ଉଦ୍ଘାଟନୀ କରାଯାଇଥିଲା । ଉକ୍ତ ଉଦ୍ଘାଟନୀ ଉତ୍ସବରେ ପଞ୍ଚାୟତର ବିଜୁଜନତା ଦଳର ସଭାପତି ସୂର୍ଯ୍ୟାନନ୍ଦ ପାଳ, ଉପ ସଭାପତି ବିଶ୍ୱଜିତ ପାଳ, ପଞ୍ଚାୟତ ଯୁବ ସଭାପତି ରାଜୁ କୁମାର ଦଳାଇ, ଯୁବ ଡିଜିଟାଲ ସେକ୍ରେଟାରୀ ଗୌରାଙ୍ଗ ପାଳ, ସମିତି ସଭ୍ୟ ନାଥୁରାମ ହେମ୍ବ୍ରମ, ନାୟବ୍ ସରପଞ୍ଚ ସୁବଳ ମାହାନ୍ତିଙ୍କ ସହିତ ବହୁ ବିଜୁଜନତା ଦଳର କର୍ମୀମାନେ ଉପସ୍ଥିତ ଥିଲେ ।

## ଆଜିର ଭଲମନ୍ଦ



**ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ**
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଅଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

**ଉଦୟକାଳୀନ ଗ୍ରହଚକ୍ର**

| | | |
|---|---|---|
| ୭ ୬ | ୫ବୃ | ରା୪ ଶୁ୩ |
| ୮ | ୧୩ / ୬ | ୨ |
| ୯ ୧୦କେ | ୧୧ | ର ମଙ୍ଗଳ ୧୨ବୁଧ |

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୭୮, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

**ତା୪।୧।୨୦୨୪, ପୌଷ ଦି୨୦ନ, ଗୁରୁବାର**

**ସୂର୍ଯ୍ୟୋଦୟ- ଘ୦୬।୨୨।୩୦ ଚନ୍ଦ୍ରୋଦୟ- ରାଘ୧୨।୨୦।୦୪**

ଅଷ୍ଟମୀ- ରାଘ ୧୦।୦୫ ପର୍ଯ୍ୟନ୍ତ । ହସ୍ତା ନକ୍ଷତ୍ର - ସଂଘ ୫।୩୩ ପର୍ଯ୍ୟନ୍ତ । କନ୍ୟା ଚନ୍ଦ୍ର - ଅହୋରାତ୍ର । **ଚନ୍ଦ୍ର ଶୁଦ୍ଧି -** ମେଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ଧନୁ ଓ ମୀନ ରାଶିର । **ଘାତଚନ୍ଦ୍ର-** ବୃଷ ରାଶିର । **ଶ୍ରାଦ୍ଧ ନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧୧।୦୫ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୬।୨୬ ଗତେ ଘ ୭।୫୨ ମଧ୍ୟେ ସଂଘ ୬।୦୯ ଗତେ ରାଘ ୯।୪୦ ମଧ୍ୟେ ।



**ମେଷ:** କର୍ମକ୍ଷେତ୍ରରେ ଆଶାନୁରୂପକ ସଫଳତା ହାସଲ କରିବେ । ମନରେ ସାହାସ ଆସିବ । ବନ୍ଧୁ ବାନ୍ଧବଙ୍କ ସହଯୋଗ ଲାଭ ହେବ । ଆୟ ଓ ବ୍ୟୟର ପରିମାଣ ସମାନ ରହିବ । ପରିବାରରେ ଶାନ୍ତି ଲାଭ ।



**ବୃଷ:** କର୍ମକ୍ଷେତ୍ରରେ ସହକର୍ମୀ ମାନଙ୍କ ସହ କଳହ ହୋଇପାରେ । ଆୟ ଓ ବ୍ୟୟ ହିସାବପତ୍ର ପାଇଁ ଦିନଟି ଅତି ଉତ୍ତମ । ଘାତଚନ୍ଦ୍ର ହେତୁ ସାବଧାନ ସହକାରେ ଚଳିବେ । ରୋଜଗାର ମଧ୍ୟମ ହେବ ।



**ମିଥୁନ:** ମନରେ ବିରକ୍ତି ସହିତ ଦୁଶ୍ଚିନ୍ତା ବଢ଼ିବ । ବିନା କାରଣରେ କଳହ ଲାଗିପାରେ । ଆୟ ଠାରୁ ବ୍ୟୟର ପରିମାଣ ଅଧିକ ହେବ । କର୍ମକ୍ଷେତ୍ରରେ ଅଶାନ୍ତି । ଘରୋଇ ଜଞ୍ଜାଳ ଦେଖାବେ ।



**କର୍କଟ:** ନିଜର ଆଧିପତ୍ୟ ବିସ୍ତାର କରିବେ । ବନ୍ଧୁ ବାନ୍ଧବଙ୍କ ପାଇଁ ଖର୍ଚ୍ଚାନ୍ତ ହେବେ । ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ରୋଜଗାରରେ ଉନ୍ନତି ହେବ । ଗୃହେ ଶାନ୍ତି ପ୍ରତିଷ୍ଠା ହେବାର ସୂଚନା ।



**ସିଂହ:** ପରିବାରରେ ଅସହଯୋଗ ଯୋଗୁ ଚିନ୍ତିତ ହେବେ । ମନୋବଳ ଦୃଢ଼ ରଖି କାର୍ଯ୍ୟ କରିବେ । ନିଶ୍ଚିତ ଫଳ ପ୍ରାପ୍ତି ହେବ । ଶ୍ରମ ଜନିତ ଦୁର୍ବଳତା ଅନୁଭବ କରିବେ । ଦୂରଯାତ୍ରା କରି ସଫଳତା ପ୍ରାପ୍ତ ହେବ । ଆୟ ବଢ଼ିବ ।



**କନ୍ୟା:** କର୍ମକ୍ଷେତ୍ରରେ ସମସ୍ୟା ସୃଷ୍ଟି ହେବ । ବିଭିନ୍ନ ଦିଗରୁ ସାହାଯ୍ୟ ସହଯୋଗ ପ୍ରାପ୍ତ ହେବ । ଦୂରଯାତ୍ରା କରି ସଫଳତା ହାସଲ କରିବେ । ଉତ୍ତମ ଭୋଜନ ଲାଭ । ରୋଜଗାର ଭଲ ହେବ ।



**ତୁଳା:** ବାକିଥିବା କାମକୁ ଅଧିକ ଗୁରୁତ୍ୱ ଦେଇ ଶେଷ କରିବେ । ଖର୍ଚ୍ଚର ପରିମାଣ ଅଧିକ ହେବ । ପଡ଼ୋଶୀମାନେ ଇର୍ଷା କରିବେ । ଦୂର ସ୍ଥାନକୁ ଯାତ୍ରା କରିବାକୁ ବାଧ ହେବେ । ପରିବାରରେ କଳହ ସୃଷ୍ଟି ହେବ ।



**ବିଛା:** ଦୀର୍ଘ ଦିନରୁ ଅଟକି ରହିଥିବା କାମଟି ସୁରୁଖୁରୁରେ ହୋଇଯିବ । ସାମାଜିକ କାର୍ଯ୍ୟରେ ଯୋଗ ଦେବେ । ଦେବ ଦର୍ଶନ ସାଙ୍ଗକୁ ଭ୍ରମଣ କରିବେ । ଆୟ ଓ ବ୍ୟୟ ପୂର୍ବ ପରି ସମାନ ରହିବ । ଗୃହେ ଆନନ୍ଦ ।



**ଧନୁ:** ସତ୍ୟ କଥା କହି ବିରୋଧୀ ହେବେ । ରୋଜଗାରର ପରିମାଣ ବଢ଼ିବ । ପରିବହନରେ ଉନ୍ନତି କରିବେ । ସମ୍ମାନିତ ହେବାର ଆଶା । ପାରିବାରିକ ସୁଖ ଶାନ୍ତି ଲାଭ କରିବେ । ଦେହ ଭଲ ରହିବ ।



**ମକର:** ଯୋଜନା ମୁତାବକ କାମରେ ସଫଳତା ହାସଲ କରିବେ । କର୍ମକ୍ଲାନ୍ତି ଅନୁଭବ କରିବେ । ଆଳସ୍ୟପଣରୁ ପରିବାରରେ ଅଶାନ୍ତି । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ । ରୋଜଗାର ଉତ୍ତମ ହେବ ।



**କୁମ୍ଭ:** ଦୂରଯାତ୍ରା କରିପାରନ୍ତି । ବନ୍ଧୁ ସହଯୋଗ ପ୍ରାପ୍ତ ହେବ । ଆୟ ଅବ୍ୟାହତ ରହିବ । ଅଯଥା ଧନ କ୍ଷୟ ଚିନ୍ତାର କାରଣ ହେବ । ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ । ପାରିବାରିକ ସୁଖ ଶାନ୍ତି ଲାଭ କରିବେ ।



**ମୀନ:** ଦେହ ସୁସ୍ଥ ରହିବ । ଚାକିରୀ କ୍ଷେତ୍ରରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ହେବ । ଗୃହରେ ସମସ୍ୟା ଦେଖାଦେବ । ଆୟ ଓ ବ୍ୟୟ ସମାନ ରହିବ । ବନ୍ଧୁ ସହଯୋଗ ପ୍ରାପ୍ତି । ମନ ଭଲ ରହିବ ।




# କଳିଙ୍ଗ ନଗର ଗୁଳିକାଣ୍ଡରେ ମୃତ ଆଦିବାସୀଙ୍କୁ କଂଗ୍ରେସର ଶ୍ରଦ୍ଧାଞ୍ଜଳି

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ମଙ୍ଗଳବାର ଅପରାହ୍ନରେ କଳିଙ୍ଗ ନଗର ଗୁଳିକାଣ୍ଡରେ ମୃତ ୧୩ ଜଣ ଆଦିବାସୀଙ୍କ ପାଇଁ କଂଗ୍ରେସ ପକ୍ଷରୁ ସାମୁହିକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କେନ୍ଦ୍ରାପଡାର ପୁରୁଣା ବସ୍‌ଷ୍ଟାଣ୍ଡ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲାର ମୁଖପାତ୍ର ପ୍ରଫୁଲ୍ଲ ଦାସ, ଚିନ୍ମୟ ବେହୁରା, ନଗର ସଭାପତି ରାଜେଶ ମହାନ୍ତି, ବ୍ଲକ ସଭାପତି ଚିତ୍ରସେନ ପରିଡା, ଆକବର ଅଲ୍ଲୀ ମୁକ୍ତାର ଖାନ, ପରଓ୍ୱେଜ ଅଖତର, ସୌମେନ୍ଦ୍ର ପୃଷ୍ଟି, ହିବଜୁବୁର ରହେମାନ, ଆଶିଷ ମେକାପ, ଆଦିତ୍ୟ ପତି, କମଳାକାନ୍ତ ବେହେରା, ସେକ୍ ଚାନ୍ଦ ପ୍ରମୁଖ ନେତାମାନେ ଉପସ୍ଥିତ ରହି ଗୁଳିକାଣ୍ଡ ଘଟଣାକୁ ତୀବ୍ର ନିନ୍ଦା କରିଥିଲେ । ମୃତକଙ୍କ ସମ୍ମାନାର୍ଥେ ତଥା ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନିରବ ପ୍ରାର୍ଥନା କରାଯିବା ସହ ମହମବତୀ ଜାଳି ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

ସମ୍ବାଦ କଳିକା
29 YEARS
ସମ୍ପାଦକୀୟ

# ଘରୋଇକରଣ ନେଇ ବଦଳିଲା ଆଭିମୁଖ୍ୟ

ଆସନ୍ତା ବର୍ଷ ଲୋକସଭା ନିର୍ବାଚନ ହେବାକୁ ଯାଉଥିବାରୁ ଘରୋଇକରଣକୁ ନେଇ କେନ୍ଦ୍ର ସରକାର ନରମ ମନୋଭାବ ପୋଷଣ କରିଛନ୍ତି। କୌଣସି ସଂସ୍ଥାକୁ ସମ୍ପୂର୍ଣ୍ଣ ରୂପେ ଘରୋଇ ସଂସ୍ଥା ହାତକୁ ଟେକି ଦେବା ବଦଳରେ ଅଳ୍ପ କିଛି କିଛି ଅଂଶଧନ ବିକ୍ରି କରିବା ଉପରେ ସରକାର ଜୋର ଦେଉଛନ୍ତି।

ଭାରତ ପେଟ୍ରୋଲିୟମ୍, ସିପିଙ୍ଗ କର୍ପୋରେସନ ଅଫ୍ ଇଣ୍ଡିଆ ଓ କଙ୍କରର ଘରୋଇକରଣ ଉପରେ ଆଉ ବିଶେଷ ଧ୍ୟାନ ଦିଆଯାଉନାହିଁ। ଏଭଳି ବଡ଼ ପୁଞ୍ଜିପ୍ରତ୍ୟାହାର ବିଷୟରେ ୨୦୨୪ ଏପ୍ରିଲ୍ କିମ୍ବା ମେ' ପରେ ଯାହା କିଛି ନିଷ୍ପତ୍ତି ନିଆଯିବ। ଚଳିତ ଆର୍ଥିକ ବର୍ଷରେ ପୁଞ୍ଜି ପ୍ରତ୍ୟାହାରରୁ ୫୧ ହଜାର କୋଟି ଟଙ୍କା ସଂଗ୍ରହ କରିବାକୁ ସରକାର ବଜେଟ୍‌ରେ ଲକ୍ଷ୍ୟ ଧାର୍ଯ୍ୟ କରିଥିଲେ। ସେଥିରୁ ମାତ୍ର ୧୦,୦୪୯ କୋଟି ଟଙ୍କା ସଂଗ୍ରହ ହୋଇଛି। ଏନ୍‌ଏମ୍‌ଡିସି ଷ୍ଟିଲ୍, ବିଇଏମ୍‌ଏଲ୍, ଏଚ୍‌ଏଲ୍‌ଏଲ୍ ଲାଇଫ୍‌କେୟାର, ଆଇଡିବିଆଇ ବ୍ୟାଙ୍କ ଅଂଶଧନ ବିକ୍ରି ମଧ୍ୟ ଚଳିତ ଆର୍ଥିକ ବର୍ଷରେ ଶେଷ ହେବା ଭଳି ମନେହେଉନାହିଁ।

ଆଇଡିବିଆଇ ବ୍ୟାଙ୍କ ପାଇଁ ଚଳିତ ବର୍ଷ ଜାନୁଆରିରୁ ବିଡ୍ ଆହ୍ୱାନ କରାଯାଇଥିଲେ ମଧ୍ୟ ସରକାର ଓ ରିଜର୍ଭ ବ୍ୟାଙ୍କରୁ ଅନୁମୋଦନ ମିଳୁନାହିଁ। ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍‌ର ଘରୋଇକରଣକୁ କର୍ମଚାରୀ ସଂଘ ତୀବ୍ର ବିରୋଧ କରୁଛି। ୨୦୨୨ରେ ୧୨,୧୦୦ କୋଟି ଟଙ୍କାରେ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ୍‌କୁ ଟାଟା ଷ୍ଟିଲ୍ ଲଙ୍ଗ ପ୍ରଡକ୍ଟସ୍ କିଣି ତାହାର ପୁନରୁଦ୍ଧାର କରିଛି।

ସେହି ସଫଳତା କାହାଣୀ ଆଧାରରେ ରାଷ୍ଟ୍ରୀୟ ଇସ୍ପାତ ନିଗମ ଲିମିଟେଡ୍‌କୁ ବିକ୍ରି କରିବା ଲାଗି ସରକାର ଉଦ୍ୟମ କରୁଛନ୍ତି। କିନ୍ତୁ କର୍ମଚାରୀମାନେ ଦାବି କରୁଛନ୍ତି କାରଖାନାକୁ କୌଣସି ରାଷ୍ଟ୍ରାୟତ୍ତ ଉଦ୍ୟୋଗକୁ ଦିଆଯାଉ। ୨୦୨୨ରେ ଏୟାର ଇଣ୍ଡିଆ ଓ ନୀଳାଚଳ ଇସ୍ପାତର ଘରୋଇକରଣ କରିବାରେ ସରକାର ସଫଳ ହୋଇଥିଲେ। ୨୦୨୩ରେ କିନ୍ତୁ ଗୋଟିଏ ବି ସେଭଳି ସଫଳତା ମିଳିନାହିଁ। ଗତ ୧୦ ବର୍ଷରେ ସରକାର ପୁଞ୍ଜି ପ୍ରତ୍ୟାହାରରୁ ୪.୨୦ ଲକ୍ଷ କୋଟି ଟଙ୍କା ପାଇଛନ୍ତି। ସେଥିରୁ ୩.୧୫ ଲକ୍ଷ କୋଟି ଟଙ୍କା ଅଳ୍ପ ଅଂଶଧନ ବିକ୍ରିରୁ ଆସିଥିବା ବେଳେ ଏୟାର ଇଣ୍ଡିଆ ସମେତ ୧୦ଟି କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ବିକ୍ରିରୁ ୬୯,୪୧୨ କୋଟି ଟଙ୍କା ମିଳିଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

**ପ୍ରଥମ ଅଧ୍ୟାୟ**

**ଓଁ**

**'ଜୟନ୍ତୀ, ମଙ୍ଗଳା, କାଳୀ,**
**ଭଦ୍ରକାଳୀ କପାଳିନୀ**
**ଦୁଗସ୍ଵା, କ୍ଷମା, ଶିବା, ଧାତ୍ରୀ**
**ସ୍ୱହା ସ୍ୱଧା ନମ୍ଭୁତେ।'**


ଶ୍ରୀ ଅଭିରାମ ସରସ୍ୱତୀ

ନବଦ୍ୱାରେ ନବଶକ୍ତି
ତୁହି ମାତ ଦେବୁ
ଦଶ ଦ୍ୱାର ଶୂନ୍ୟବାସୀ
ତୁହି ବୋଲାଇବୁ (୨୦)

ତୋର ଛଡା ଏ ଶରୀର
କିଏ ସେ ରଖିବ
ତୁହି ଯଦି ନ ରଖିବୁ
ନାରଖାର ହେବ (୨୧)

ସବସ୍ୱ ମଙ୍ଗଳ କାରିଣୀ
ତୁହି ମା ମଙ୍ଗଳା
ବିପଦ ସମୟେ ଭକ୍ତର
ତୁହି ଭାବ ଭେଳା (୨୨)

ତୋର ଘର ମୋ ଶରୀର
ତୋତେ ସମର୍ପିଲି
ସବୁଛାଡ଼ି ତୋର ପାଶେ
ଶରଣ ପଶିଲି (୨୩)

ରଖିଲେ ରଖିବୁ ତୁହି
ମାରିଲେ ମାରିବୁ
ବିପଦ ସମୟେ ସଦା
ତୁହି ସାହାହେବୁ (୨୪)
(କ୍ରମଶଃ)

# ବିପଦଗ୍ରସ୍ତ ମଣିଷର ଡାକ ବାବା ଅବିଳମ୍ବେ ଶୁଣନ୍ତି


ଇଂ ଗୁରୁପ୍ରସାଦ ସରକାର
ମୋ : ୯୪୩୭୦୩୦୪୫୩

**ଶ୍ରୀ ସତ୍ୟସାଇ ମହିମା-୨୪୧**

ପାଶ୍ଚାତ୍ୟ ଦେଶରୁ ଆସିଥିବା ହୋଲଟେନଡର ନିକୋଲାସ ପୁଟ୍ଟାପାର୍ତ୍ତିରେ ରୋଗ ଶଯ୍ୟାରେ ପଡି ରହି ବାବାଙ୍କୁ ଏକ ଭିନ୍ନ ରୂପରେ ଦେଖିଥିଲେ। ସେ ବାବାଙ୍କୁ ଦର୍ଶନ କରିଆସିବା ବହୁ ବର୍ଷ ପୂର୍ବରୁ ବାବାଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ଜାତ ହୋଇଥିଲା। ସେନିଜ ଘରେ ବାବାଙ୍କର ଏକ ଚିତ୍ର ଅଙ୍କନ କରିଥିଲେ ଓ ତାକୁ ପୁଟ୍ଟାପାର୍ତ୍ତି ନେଇ ଆସିଥିଲେ। ପୁଟ୍ଟାପାର୍ତ୍ତିରେ ପହଞ୍ଚିବା ଅଳ୍ପଦିନ ଭିତରେ ସେ ଜ୍ୱରରେ ପୀଡିତ ହୋଇଥିଲେ। ତାଙ୍କୁ ଯେଉଁ ଡାକ୍ତର ସେଠାରେ ଦେଖୁଥିଲେ, ତାଙ୍କୁ ଔଷଧ ଦେବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହେଇନଥିବା ଦେଖି ସେଠାରେ କହିପକେଇଲେ, 'ସାଇବାବା, ତୁମେହି ଚାହିଁଲେ ଏ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିବ।'' ଚିନ୍ତାଗ୍ରସ୍ତ ଡାକ୍ତରଙ୍କ ଏହି କଥା ନିକୋଲାସ୍ ଶୁଣିପାରି ସେ ନିଜେ ବାବାଙ୍କୁ ମନେ ମନେ ପ୍ରାର୍ଥନା କରି କହିଲେ, '' ବାବା ମୁଁ ଏଠାରେ ମରିବାକୁ ଚାହେଁ ନାହିଁ। ୟୁରୋପ୍‌ରେ ମୋ କର୍ତ୍ତବ୍ୟ କରିବାକୁ ମୋତେ ସୁଯୋଗ ଦିଅନ୍ତୁ। କାରଣ ମୁଁ ଦେଖିପାରୁଛି ଯେ, ମୋର ସେଠାରେ ଅନେକ କାମ କରିବାକୁ ଅଛି।



ଏହି ଘଟଣାଟି ୧୯୮୫ ମସିହାରେ ହାୱାର୍ଡ ମରଫେଟ୍ ଲେଖିଥିଲେ। ଏହାର କିଛି ବର୍ଷ ପୂର୍ବରୁ ସେ ଦକ୍ଷିଣ ଅଷ୍ଟ୍ରେଲିଆର ଆଡିଲାଇଡେ ସହରରେ ଏକ ଡାକ୍ତର ଖାନାରେ ପୀଡିତ ହୋଇ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବେଳେ ସର୍ବ ବିଦ୍ୟମାନ ଭଗବାନ ଶ୍ରୀ ସତ୍ୟ ସାଇ ବାବା ତାଙ୍କୁ ଦେଖା ଦେଲେ। ସାଧାରଣ ଡ଼ଃ ବାବା ଅଦୃଶ୍ୟରେ ରହି ତାଙ୍କର ଲୀଳା ଦେଖାନ୍ତି। କିନ୍ତୁ ବାବା ଦୟା ପରବଶ ହୋଇ ତାଙ୍କୁ ପାର୍ଥିବ ଶରୀରରେ ଦୃଶ୍ୟମାନ ହେଲେ। ଏହା ପରେ ମରଫେଟ୍ ଅନୁଭବ କଲେ ବାବାଙ୍କ ହାତ ତାଙ୍କ ଶରୀର ଭାଗରେ ଘୁରି ବୁଲୁଥିଲା। ଏହିପରି ବେଶ୍ କିଛିକ୍ଷଣ ଗଲା ପରେ ମରଫେଟ୍ ଚେଇଁ ଉଠିବାରୁ ବାବା ଅଦୃଶ୍ୟ ହୋଇ ଗଲେ। ଏହି ଘଟଣାପରେ ମରଫେଟ୍ ଧୀରେ ଧୀରେ ସମ୍ପୂର୍ଣ୍ଣ ସୁସ୍ଥ ହୋଇଗଲେ। ସେ ନିଶ୍ଚିତ ହେଲେ ଯେ, ବାବା ତାଙ୍କୁ ସୁସ୍ଥ କରିବା ପାଇଁ ହିଁ ଆସିଥିଲେ।

ପାଶ୍ଚାତ୍ୟ ଦେଶରୁ ଆସିଥିବା ହୋଲଟେନଡର ନିକୋଲାସ ପୁଟ୍ଟାପାର୍ତ୍ତିରେ ରୋଗ ଶଯ୍ୟାରେ ପଡି ରହି ବାବାଙ୍କୁ ଏକ ଭିନ୍ନ ରୂପରେ ଦେଖିଥିଲେ। ସେ ବାବାଙ୍କୁ ଦର୍ଶନ କରିଆସିବା ବହୁ ବର୍ଷ ପୂର୍ବରୁ ବାବାଙ୍କ ପ୍ରତି ତାଙ୍କର ଗଭୀର ଭକ୍ତି ଜାତ ହୋଇଥିଲା। ସେନିଜ ଘରେ ବାବାଙ୍କର ଏକ ଚିତ୍ର ଅଙ୍କନ କରିଥିଲେ ଓ ତାକୁ ପୁଟ୍ଟାପାର୍ତ୍ତି ନେଇ ଆସିଥିଲେ। ପୁଟ୍ଟାପାର୍ତ୍ତିରେ ପହଞ୍ଚିବା ଅଳ୍ପଦିନ ଭିତରେ ସେ ଜ୍ୱରରେ ପୀଡିତ ହୋଇଥିଲେ। ତାଙ୍କୁ ଯେଉଁ ଡାକ୍ତର ସେଠାରେ ଦେଖୁଥିଲେ, ତାଙ୍କୁ ଔଷଧ ଦେବା ବେଳେ ତାଙ୍କ ସ୍ୱାସ୍ଥ୍ୟବସ୍ଥାରେ କୌଣସି ଉନ୍ନତି ହେଇନଥିବା ଦେଖି ସେଠାରେ କହିପକେଇଲେ, 'ସାଇବାବା, ତୁମେହି ଚାହିଁଲେ ଏ ରୋଗୀ ସମ୍ପୂର୍ଣ୍ଣ ସୁସ୍ଥ ହୋଇ ପାରିବ।'' ଚିନ୍ତାଗ୍ରସ୍ତ ଡାକ୍ତରଙ୍କ ଏହି କଥା ନିକୋଲାସ୍ ଶୁଣିପାରି ସେ ନିଜେ ବାବାଙ୍କୁ ମନେ ମନେ ପ୍ରାର୍ଥନା କରି କହିଲେ, '' ବାବା ମୁଁ ଏଠାରେ ମରିବାକୁ ଚାହେଁ ନାହିଁ। ୟୁରୋପ୍‌ରେ ମୋ କର୍ତ୍ତବ୍ୟ କରିବାକୁ ମୋତେ ସୁଯୋଗ ଦିଅନ୍ତୁ। କାରଣ ମୁଁ ଦେଖିପାରୁଛି ଯେ, ମୋର ସେଠାରେ ଅନେକ କାମ କରିବାକୁ ଅଛି।

ନିକୋଲାସ୍‌ଙ୍କ ମନେ ମନେ ପ୍ରାର୍ଥନା ଶେଷ ହେଉ ହେଉ ବାବା ତାଙ୍କୁ ଏକ ରହସ୍ୟମୟ ରୂପରେ ଦେଖାଦେଲେ। ପ୍ରଥମେ ବାବାଙ୍କ ଆଖି ଦୁଇଟି ଦେଖାଗଲା। ତା' ପରେ କୁଞ୍ଚ କୁଞ୍ଚିଆ କେଶ ଦେଖାଗଲା। ଏହି ଦୃଶ୍ୟଟି ଦେଖାଯାଉଥାଏ ପୁଣି ଉଭେଇ ଯାଉଥାଏ। ପରମୂହୁର୍ତ୍ତରେ ପୁଣି ଦେଖାଯାଉଥାଏ। ନିକୋଲାସ୍ ଧ୍ୟାନରେ ବସିଥିବା ବେଳେ ପୂର୍ବରୁ ଏପରି ଦୃଶ୍ୟ ଦେଖିବା ସୁଯୋଗ ପାଇଥିଲେ। ଏହା ସହିତ ତାଙ୍କ ରୋଗ ଶଯ୍ୟା ଚାରିପଟେ 'ଓମ୍' ଶବ୍ଦଟି ଘୁରି ବୁଲୁଥିବା ପରି ତାଙ୍କର ମନେହେଲା। ସକାଳ ହେଲାବେଳକୁ ନିକୋଲାସ୍ ଅନେକ ସୁସ୍ଥ ଅନୁଭବ କରୁଥିଲେ। ଏହି ସମୟରେ ପାଶ୍ଚାତ୍ୟ ଦେଶରୁ ଆସିଥିବା ଜଣେ ଭକ୍ତ ତାଙ୍କ କୋଠରୀକୁ ଆସି ତାଙ୍କୁ କହିଲେ ଯେ, ବାବା ତାଙ୍କୁ ପୂର୍ବଦିନ ପଚାରିଲେ ''ତୁମେ ଭଜନ ବେଳେ ଦୋହଲୁଥିବା ରୁଜ ନିକ୍‌କୁ ଜାଣିଛକି ? ତାଙ୍କୁ କହିବ ଗତ ରାତିରେ ତାଙ୍କର ଏକ ମାରାତ୍ମକ ହୃଦଘାତ ହୋଇଥିଲା କିନ୍ତୁ ଏବେ ସେ ସୁସ୍ଥ ଅଛନ୍ତି। ମୁଁ ତାଙ୍କୁ ରାତିସାରା ଜଗି ରହିଥିଲି।'' ନିକୋଲାସ୍ ଏହା ଶୁଣି ଆଶ୍ଚର୍ଯ୍ୟ ଓ ଆନନ୍ଦିତ ହୋଇଗଲେ ଯେ, ବାବା ତାଙ୍କ ନାମ ଜାଣିଛନ୍ତି। ଏହା ମଧ୍ୟ ସେ ହୃଦୟଙ୍ଗମ କଲେ ଯେ, ଜଣେ ବିପଦଗ୍ରସ୍ତ ମଣିଷ ପ୍ରାଣ ଭରି ବାବାଙ୍କୁ ଡାକିଲେ ଭଗବାନ ସତ୍ୟସାଇ ବାବା ଅବିଳମ୍ବେ ତାପାଖକୁ ଆସି ତାର ରକ୍ଷା କରନ୍ତି।

(କ୍ରମଶଃ)

# ପ୍ରକୃତ ବନ୍ଧୁ କିଏ : ପରଖିବାର ସମୟ ଆସିଛି

ସୀତାରାମ ପାତ୍ର
୯୪୩୭୩୪୦୮୫୦

୧୮ ଜୁନ୍ ୨୦୨୩ରେ ଦୁଇଜଣ ଅଜଣା ବ୍ୟକ୍ତି ହରଦୀପ ସିଂ ନିଜାରକୁ ବ୍ରିଟିସ୍ କଲମ୍ବିଆ ଠାରେ ଗୁଳି କରି ହତ୍ୟା କରିଥିବା ବେଳେ ଆମେରିକାରେ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍ ଉପରେ ହତ୍ୟା ଉଦ୍ୟମ ହୋଇଥିଲା। ପନ୍ନୁନ୍ ଆମେରିକାସ୍ଥିତ ଶିଖ ସଙ୍ଗଠନ ଶିଖ ଫର ଜଷ୍ଟିସ୍ (ଏସ୍‌ଏଫଜେ)ର ଜଣେ ସଦସ୍ୟ। ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ନିଖିଲ ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ ଆମେରିକା ନିର୍ଦ୍ଦେଶରେ ଚେକ୍ ଗଣରାଜ୍ୟ ସରକାର ଜୁନ୍ ୩୦ରେ ଗିରଫ କରିଥିବା ବେଳେ ନଭେମ୍ବର ୨୦ରେ ଆମେରିକା ନ୍ୟାୟିକ ବିଭାଗ ଗୁପ୍ତାଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ ଆଣିଥିଲେ। ଆମେରିକାର ଅଭିଯୋଗ ହେଲା ଭାରତ ସରକାରଙ୍କ ଜଣେ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିଖିଲ ଗୁପ୍ତା ଜଣେ ଏହି ହତ୍ୟା ଯୋଜନା କରିଥିଲା ଏବଂ ଏଥିପାଇଁ ଜଣେ ହତ୍ୟାକାରୀକୁ ୧ଲକ୍ଷ ଡଲାର ସୁପାରି ଦେଇଥିଲା। ସେ ନିଜାର ହେଉ କିମ୍ବା ପନ୍ନୁନ, ଉଭୟେ ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଥିଲେ। ଏ ଦୁଇ ଜଣ ଯଥାକ୍ରମେ କାନାଡ଼ା ଓ ଆମେରିକାରେ ରହି ଭାରତ ବିରୋଧି କାର୍ଯ୍ୟରେ ଲିପ୍ତ ଥିଲେ। ଡିସେମ୍ବର ୨୩ ତାରିଖରେ ଆମେରିକାର କାଲିଫର୍ଣ୍ଣିଆର ନେଟୱାର୍କ ସହରରେ ଥିବା 'ସ୍ୱାମୀ ନାରାୟଣ ମନ୍ଦିର'କୁ ଭାରତ ବିରୋଧୀ ଓ ଖଲିସ୍ତାନୀ ସମର୍ଥକମାନେ ଗ୍ରାଫିଟି ଦ୍ୱାରା ବିକୃତ କରାଯାଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛିଯେ, ଆମେରିକାରେ ଭାରତ ବିରୋଧୀମାନେ କେତେ ସକ୍ରିୟ । କାନାଡ଼ା ଓ ଆମେରିକା ସରକାର ସେମାନଙ୍କ ଦେଶରେ ରହି ଭାରତ ବିରୋଧରେ ଆତଙ୍କୀ କାର୍ଯ୍ୟ ଚଳାଉଥିବା ବ୍ୟକ୍ତି/ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟି ଭାରତ ଉପରେ ଦୋଷ ଲଦିବା କେତେଦୂର ଯଥାର୍ଥ ? ଭାରତ ଉପରେ କାନାଡ଼ା ଓ ଆମେରିକା ଲଗାଇଥିବା ଅଭିଯୋଗକୁ ଭାରତ ଖଣ୍ଡନ କରି ଆସିଥିବା ବେଳେ ପ୍ରଶ୍ନ ଉଠେ ନିଜର ଶତ୍ରୁକୁ ବିନାଶ କରିବାର ଅଧିକାର କଣ କେବଳ ଆମେରିକାର ରହିଛି, ଆଉ କୌଣସି ଦେଶର ନାହିଁ ? ଆମେରିକା ଯାହା କଲେ ତାହା ଲୀଳା, ଆଉ କିଏ କଲେ କୀଳା, ଏପରି ନୀତି ଆପଣେଇଛି ଆମେରିକା।

ଆମ ପରମ୍ପରା କହେ :-

'ଉତ୍ସବେ ବ୍ୟେସନେଶ୍ଚୈବ
ଦୁର୍ଭିକ୍ଷେ ରାଷ୍ଟ୍ର ବଲ୍ଲଭ,
ରାଜଦ୍ୱାରେ ସ୍ମଶାନେଷ୍ଟ ଯଃ
ତିଷ୍ଟତି ସଃ ବାନ୍ଧବା ।'

ଏହି ପରିପ୍ରେକ୍ଷୀରେ ରୁଷିଆ ଓ ଆମେରିକା ମଧ୍ୟରୁ କିଏ ଭାରତର ପ୍ରକୃତ ବନ୍ଧୁ ତାହା ପରଖିବାର ସମୟ ଆସିଯାଇଛି। ସାମ୍ପ୍ରତିକ ପରିସ୍ଥିତିରେ, କାନାଡ଼ାରେ ନିଜାରକୁ ହତ୍ୟା କରିଥିବା ବେଳେ କାନାଡ଼ାର ପ୍ରଧାନ ମନ୍ତ୍ରୀ ଟ୍ରୁଡୋ ଭାରତ ଉପରେ ଦୋଷ ଲଦିବାରେ ଲାଗିଛନ୍ତି। ପୁନଶ୍ଚ ଆମେରିକାରେ ଗୁରପତ୍‌ଓନ୍ତ ସିଂ ପନ୍ନୁନ୍ କୁ ହତ୍ୟା ଉଦ୍ୟମ ସମେତ କାନାଡ଼ାରେ ନିଜାରର ହତ୍ୟା ପାଇଁ ଆମେରିକା ମଧ୍ୟ ଭାରତ ଉପରକୁ ଆଙ୍ଗୁଳି ଉଠାଇଛି। ଉଭୟ ନିଜାର ଓ ପନ୍ନୁନ୍ ଭାରତ ବାହାରେ ଥାଇ ଭାରତ ବିରୁଦ୍ଧରେ ଆତଙ୍କୀ କାର୍ଯ୍ୟରେ ଲିପକ୍ତ ରହିଛନ୍ତି। କାନାଡ଼ା ଓ ଆମେରିକାରେ ରହି ଏହି ଦୁଇ ଜଣ ଭାରତକୁ ଖଣ୍ଡ ବିଖଣ୍ଡିତ କରି ଖଲିସ୍ତାନ ଗଠନ କରିବା ପାଇଁ ଭାରତ ବିରୁଦ୍ଧରେ ଷଡ଼ଯନ୍ତ୍ରରେ ଲିପ୍ତ ରହିଥିବା ବେଳେ ଉଭୟ ଦେଶ ଏହି ଭାରତ ବିରୋଧୀ ବ୍ୟକ୍ତିଙ୍କ ବିରୁଦ୍ଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ସେମାନଙ୍କୁ ପୋତ୍ସାହନ ଦେଉଥିବା ଉଭୟ ଦେଶର ସରକାରଙ୍କ କାର୍ଯ୍ୟଧାରା ପ୍ରମାଣିତ କରୁଛି।

ଭାରତ ଜନ୍ମିତ, କାନାଡ଼ା ନାଗରିକ ନିଜାରର ହତ୍ୟା ପାଇଁ କାନାଡ଼ା ପ୍ରଧାନ ମନ୍ତ୍ରୀ ଟ୍ରୁଡୋ ଭାରତକୁ ସିଧା ସଳଖ ଦାୟୀ କରୁଛନ୍ତି, ଯଦିଓ ଭାରତ ସେହି ଘଟଣାରେ ସମ୍ପୃକ୍ତି ଥିବାର କୌଣସି ପ୍ରମାଣ କାନାଡ଼ା ପ୍ରଧାନ ମନ୍ତ୍ରୀଙ୍କ ପାଖରେ ନାହିଁ। ଅପରପକ୍ଷରେ କାନାଡ଼ାରେ ଏମାନେ ଖୋଲାଖୋଲି ଭାବେ ଭାରତ ବିରୋଧି କାର୍ଯ୍ୟରେ ଲିପ୍ତ ରହିବା ସହିତ କାନାଡ଼ା ସ୍ଥିତ ଭାରତୀୟ ଦୂତାବାସ ଉପରେ ଆକ୍ରମଣ କରିବା ଓ ଭାରତର ଜାତୀୟ ପତାକାକୁ ଅପମାନିତ କରିବାକୁ ମଧ୍ୟ ପଛାଇ ନାହାନ୍ତି। କାନାଡ଼ା ସରକାର ଏହି ଭାରତ ବିରୋଧି କାର୍ଯ୍ୟକୁ ନିୟନ୍ତ୍ରଣ କରିବା ପରିବର୍ତ୍ତେ ନିଜାରର ହତ୍ୟା ପାଇଁ ଭାରତକୁ ଦାୟୀ କରିବାରେ ଲାଗିଛନ୍ତି। ଅପରପକ୍ଷରେ, ଆମେରିକା ଗୋଇନ୍ଦା ସଂସ୍ଥା ପାଖରେ ଏ ସମ୍ପର୍କରେ ସୂଚନା ଥିଲା ବୋଲି କହି, ଏହି ନିଆଁରେ ଘିଅ ଢାଳୁଛି ଆମେରିକା। ଏଥି ସହିତ ଆମେରିକାରେ ପନ୍ନୁନକୁ ହତ୍ୟା ଉଦ୍ୟମ ଘଟଣାରେ ଭାରତ ଉପରେ ମଧ୍ୟ ଆମେରିକା ଦୋଷ ଲଦିବାରେ ଲାଗିଛି।

ପ୍ରକାଶଯୋଗ୍ୟଯେ, ୧୮ ଜୁନ୍ ୨୦୨୩ରେ ଦୁଇଜଣ ଅଜଣା ବ୍ୟକ୍ତି ହରଦୀପ ସିଂ ନିଜାରକୁ ବ୍ରିଟିସ୍ କଲମ୍ବିଆ ଠାରେ ଗୁଳି କରି ହତ୍ୟା କରିଥିବା ବେଳେ ଆମେରିକାରେ ଗୁରପତ୍‌ୱନ୍ତ ସିଂ ପନ୍ନୁନ୍ ଉପରେ ହତ୍ୟା ଉଦ୍ୟମ ହୋଇଥିଲା। ପନ୍ନୁନ୍ ଆମେରିକାସ୍ଥିତ ଶିଖ ସଙ୍ଗଠନ ଶିଖ ଫର ଜଷ୍ଟିସ୍ (ଏସ୍‌ଏଫଜେ)ର ଜଣେ ସଦସ୍ୟ। ଏହି ଘଟଣାରେ ସମ୍ପୃକ୍ତି ଥିବା ଅଭିଯୋଗରେ ନିଖିଲ ଗୁପ୍ତା ନାମକ ଜଣେ ବ୍ୟକ୍ତିଙ୍କୁ ଆମେରିକା ନିର୍ଦ୍ଦେଶରେ ଚେକ୍ ଗଣରାଜ୍ୟ ସରକାର ଜୁନ୍ ୩୦ରେ ଗିରଫ କରିଥିବା ବେଳେ ନଭେମ୍ବର ୨୦ରେ ଆମେରିକା ନ୍ୟାୟିକ ବିଭାଗ ଗୁପ୍ତାଙ୍କ ବିରୋଧରେ ହତ୍ୟା ଷଡ଼ଯନ୍ତ୍ରର ଅଭିଯୋଗ ଆଣିଥିଲେ। ଆମେରିକାର ଅଭିଯୋଗ ହେଲା ଭାରତ ସରକାରଙ୍କ ଜଣେ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ନିଖିଲ ଗୁପ୍ତା ଜଣେ ଏହି ହତ୍ୟା ଯୋଜନା କରିଥିଲା ଏବଂ ଏଥିପାଇଁ ଜଣେ ହତ୍ୟାକାରୀକୁ ୧ଲକ୍ଷ ଡଲାର ସୁପାରି ଦେଇଥିଲା।

ସେ ନିଜାର ହେଉ କିମ୍ବା ପନ୍ନୁନ, ଉଭୟେ ଭାରତର ମୋଷ୍ଟ ୱାଣ୍ଟେଡ ଆତଙ୍କବାଦୀ ଥିଲେ। ଏ ଦୁଇ ଜଣ ଯଥାକ୍ରମେ କାନାଡ଼ା ଓ ଆମେରିକାରେ ରହି ଭାରତ ବିରୋଧି କାର୍ଯ୍ୟରେ ଲିପ୍ତ ଥିଲେ। ଡିସେମ୍ବର ୨୩ ତାରିଖରେ ଆମେରିକାର କାଲିଫର୍ଣ୍ଣିଆର ନେଟୱାର୍କ ସହରରେ ଥିବା 'ସ୍ୱାମୀ ନାରାୟଣ ମନ୍ଦିର'କୁ ଭାରତ ବିରୋଧୀ ଓ ଖଲିସ୍ତାନୀ ସମର୍ଥକମାନେ ଗ୍ରାଫିଟି ଦ୍ୱାରା ବିକୃତ କରାଯାଇଛି। ଏଥିରୁ ସ୍ପଷ୍ଟ ପ୍ରମାଣିତ ହେଉଛିଯେ, ଆମେରିକାରେ ଭାରତ ବିରୋଧୀମାନେ କେତେ ସକ୍ରିୟ । କାନାଡ଼ା ଓ ଆମେରିକା ସରକାର ସେମାନଙ୍କ ଦେଶରେ ରହି ଭାରତ ବିରୋଧରେ ଆତଙ୍କୀ କାର୍ଯ୍ୟ ଚଳାଉଥିବା ବ୍ୟକ୍ତି/ବ୍ୟକ୍ତିମାନଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପରିବର୍ତ୍ତେ ଓଲଟି ଭାରତ ଉପରେ ଦୋଷ ଲଦିବା କେତେଦୂର ଯଥାର୍ଥ ? ଭାରତ ଉପରେ କାନାଡ଼ା ଓ ଆମେରିକା ଲଗାଇଥିବା ଅଭିଯୋଗକୁ ଭାରତ ଖଣ୍ଡନ କରି ଆସିଥିବା ବେଳେ ପ୍ରଶ୍ନ ଉଠେ ନିଜର ଶତ୍ରୁକୁ ବିନାଶ କରିବାର ଅଧିକାର କଣ କେବଳ ଆମେରିକାର ରହିଛି, ଆଉ କୌଣସି ଦେଶର ନାହିଁ ? ଆମେରିକା ଯାହା କଲେ ତାହା ଲୀଳା, ଆଉ କିଏ କଲେ କୀଳା, ଏପରି ନୀତି ଆପଣେଇଛି ଆମେରିକା। ତାହାର ପ୍ରମାଣ ହେଲା ୨୦୧୧ ମସିହା ମେ ୨ ତାରିଖରେ ଆମେରିକାର ସୈନ୍ୟମାନେ ପାକିସ୍ତାନ ଭିତରେ ପଶି ଓସମା ବିନ୍ ଲାଡେନକୁ ହତ୍ୟା କରିଥିଲେ। ପାକିସ୍ତାନ ଏକ ସାର୍ବଭୌମ ରାଷ୍ଟ୍ର। ତାହାର ବିନାନୁମତିରେ ସେହି ଦେଶ ଭିତରେ ପଶି ଯଦି ଆମେରିକାର ସୈନ୍ୟମାନେ ତାର ଶତ୍ରୁ ଲାଡେନକୁ ମାରି ପାରିଲେ, ତେବେ ଭାରତ ତାର ଶତ୍ରୁକୁ ଆମେରିକା ଭିତରେ ମାରିପାରିବ ନାହିଁ କାହିଁକି ? ଏହି ଦୁଇ ଘଟଣାରେ ଭାରତର ସମ୍ପୃକ୍ତି ରହିଛି ବୋଲି ଭାରତ ସ୍ୱୀକାର କରିନାହିଁ। କିନ୍ତୁ ଯଦି ବି ଏପରି କାର୍ଯ୍ୟ କରିଥାଆନ୍ତା ତେବେ ତାହା ଶତପ୍ରତିଶତ ଠିକ୍। ଆମେରିକା ହେଉ କି କାନାଡ଼ା, ଯେଉଁ ଦେଶ ଭାରତ ବିରୋଧିଙ୍କୁ ପାଳୁଛି, ସେ କେବେ ଭାରତର ବନ୍ଧୁ ହୋଇ ନପାରେ।

ଏହି ପରିପ୍ରେକ୍ଷୀରେ ରୁଷିଆ ଓ ଆମେରିକାକୁ ତୁଳନା କଲେ, ଏହି ଦୁଇ ଦେଶ ମଧ୍ୟରୁ କିଏ ପ୍ରକୃତରେ ଭାରତର ବନ୍ଧୁ ତାହା ସ୍ପଷ୍ଟ ବାରି ହୋଇପଡ଼େ। ୧୯୭୧ ମସିହାରେ ଭାରତ ଓ ପାକିସ୍ତାନ ମଧ୍ୟରେ ହୋଇଥିବା ଯୁଦ୍ଧରେ ରୁଷିଆ ତାର ବନ୍ଧୁତ୍ୱର ପ୍ରମାଣ ଦେଇ ସାରିଛି। ଏହି ଯୁଦ୍ଧରେ ଆମେରିକା, ଚୀନ୍ ଓ ବ୍ରିଟେନ୍ ପାକିସ୍ତାନକୁ ସାହାଯ୍ୟ କରିଥିବା ବେଳେ ରୁଷିଆ ଭାରତ ସପକ୍ଷରେ ଥିଲା। ଏହି ଯୁଦ୍ଧ ସମୟରେ ଆମେରିକା ତାର ନୌବାହିନୀ ଜାହାଜକୁ ପାକିସ୍ତାନକୁ ପଠାଇଥିବା ବେଳେ ଏହି ସମୟରେ ରୁଷିଆ (ସୋଭିୟତ ରୁଷ) ନିଜର ପରମାଣୁ କ୍ଷମତା ସମ୍ପନ୍ନ ଓ ବିଧ୍ୱଂସକ ଜାହାଜକୁ ପ୍ରଶାନ୍ତ ମହାସାଗରକୁ ପଠାଇଥିଲା। ଫଳରେ ଆମେରିକାର ସାମରିକ ନୌଭେଳା ଆଗକୁ ବଢ଼ି ନଥିଲା। ଶେଷରେ ୧୬ ଡିସେମ୍ବର ୧୯୭୧ରେ ପାକିସ୍ତାନର ସେନା ଭାରତ ନିକଟରେ ଆତ୍ମସମର୍ପଣ କରିଥିଲେ ଓ ଜନ୍ମ ନେଇଥିଲା ବାଂଲାଦେଶ।

ଉପରୋକ୍ତ ଘଟଣାକୁ ଅଧ୍ୟୟନ କରି କିଏ ପ୍ରକୃତ ବନ୍ଧୁ ତାହାକୁ ଚିହ୍ନିବାର ସମୟ ଆସିଯାଇଛି। ଭାରତର ନେତୃବୃନ୍ଦ ପ୍ରକୃତ ବନ୍ଧୁକୁ ଚିହ୍ନିବାରେ ଭୁଲ କଲେ ଭବିଷ୍ୟତରେ ସମସ୍ୟା ଆସିବା ସୁନିଶ୍ଚିତ। ବେଳ ହୁଁ ସାବଧାନ।

# ପ୍ରତ୍ୟେକ ମୁହୂର୍ତ୍ତ ଗୋଟିଏ ନୂଆ ଜୀବନ

ରଶ୍ମିତା ସେଠୀ
ଓଡ଼ିଆ ସାମ୍ବାଦିକତା ଛାତ୍ରୀ
ଭାରତୀୟ ଜନ ସଞ୍ଚାର ସଂସ୍ଥାନ, ଢେଙ୍କାନାଳ
ମୋ-୭୭୩୫୧୧୫୫୭୯

ଅକ୍ଷମତା ହେଉଛି ଏକ ମାନସିକ ଓ ଶାରୀରିକ ଅବସ୍ଥା । ଯାହା ବ୍ୟକ୍ତିର କାର୍ଯ୍ୟ କଳାପ, ଇନ୍ଦ୍ରିୟ ତଥା ଗତିବିଧିକୁ ପ୍ରତିବନ୍ଧିତ କରେ। ଲୋକମାନେ ପ୍ରାୟତଃ ଅକ୍ଷମତା ବିଷୟରେ ଭାବନ୍ତି ଯେ, ଏ ଏକ ଅକ୍ଷମ ବ୍ୟକ୍ତି ଏବଂ ସେମାନଙ୍କର ନିର୍ଦ୍ଦିଷ୍ଟ ଦୁର୍ବଳତା ସହ ଜଡିତ। କିନ୍ତୁ ଶାରୀରିକ ଅକ୍ଷମତା ଥାଇ ବି ନିଜ ଦକ୍ଷତା ବଳରେ ଆତ୍ମନିର୍ଭରଶୀଳ ହୋଇ ଦୁନିଆକୁ ସେମାନେ ଦେଖାଇ ଦେଇଛନ୍ତି ଏମାନେ ଅକ୍ଷମ ନୁହନ୍ତି ସକ୍ଷମ।

କାହାର ଗୋଡ଼ହାତ ଅକାମି ତ ଆଉ କିଏ ପୁଣି ଜନ୍ମରୁ ଅକ୍ଷମ। ହେଲେ ନିଜକୁ ସେମିତି କେବେ ନ ଭାବି, ପରିବାର ଉପରେ ବୋଝ ନ ହୋଇ ମଧ୍ୟ ସେମାନେ ରୋଜଗାର କରି ନିଜ ପେଟ ପୋଷୁଛନ୍ତି। ଦୃଢ ଇଚ୍ଛାଶକ୍ତି ଓ ସଂଘର୍ଷ ବଳରେ ସେମାନେ ମଧ୍ୟ ସକ୍ଷମ ଭାବେ କାର୍ଯ୍ୟ କରୁଛନ୍ତି କିନ୍ତୁ ସମାଜର କେତେକ ଖରାପ ଲୋକମାନେ ସେମାନଙ୍କୁ ଦୁର୍ବ୍ୟବହାର କରିବା ସହିତ ସେମାନଙ୍କୁ ହଇରାଣ କରିଥାନ୍ତି। ଛୋଟବେଳୁ ଭିନ୍ନକ୍ଷମ ଥିବା ପିଲାଙ୍କୁ ପରିବାର ଲୋକେ ବୋଝ ଭାବିକି ସେମାନଙ୍କୁ ଅନାଥଆଶ୍ରମ କିମ୍ବା ଦିବ୍ୟାଙ୍ଗଆଶ୍ରମରେ ଛାଡିଦିଅନ୍ତି। ଯାହା ସେହି ଦିବ୍ୟାଙ୍ଗ ପିଲାମାନଙ୍କୁ ବହୁ କଷ୍ଟ ଦିଏ ଓ ସେମାନଙ୍କ ମନୋବଳ ଭାଙ୍ଗିଯାଏ। ରାସ୍ତାରେ ଯଦି ଅନ୍ଧ ଲୋକଟିଏ ଯାଉଥାଏ ତେବେ ସମାଜର ଲୋକେ ତାକୁ ସାହାଯ୍ୟ କରିବା ପରିବର୍ତ୍ତେ ତାକୁ ହଇରାଣ କରିଥାନ୍ତି। କେତେକ ଅନ୍ଧ, ଛୋଟା, ହାତ ନ ଥିବା, ଚାଲି ପାରୁଥିବା ପାରୁ ନ ଥିବା ଭିନ୍ନକ୍ଷମ ଲୋକ ମାନେ ନିଜ ଭରଣପୋଷଣ ପାଇଁ ଜିନିଷ ବିକ୍ରି କରନ୍ତି। କିନ୍ତୁ ଲୋକମାନେ ସେମାନଙ୍କ ଠାରୁ କିଣିବା ପାଇଁ ରାଜି ହୁଅନ୍ତି ନାହିଁ। ସେମାନଙ୍କ ଆଗରେ ଏହି ଦିବ୍ୟାଙ୍ଗ ମାନଙ୍କଠାରୁ କିଣି ନେବା ବୋଲି କହି ସେମାନଙ୍କୁ ଅପମାନ ଦେଇଥାନ୍ତି। ସ୍କୁଲମାନଙ୍କରେ ସାଧାରଣ ପିଲାମାନେ ଭିନ୍ନକ୍ଷମ ପିଲାଙ୍କ ସହ ସାଙ୍ଗ ହୁଅନ୍ତି ନାହିଁ। ଏହା ଯେ ସେମାନଙ୍କୁ କେତେ କଷ୍ଟ ଦିଏ, ତାହା ଏଇ ସମାଜର ଲୋକମାନେ ବୁଝି ପାରନ୍ତି ନାହିଁ। ତେବେ କାହିଁକି ସେମାନେ କଣ ମଣିଷ ନୁହନ୍ତି ? ସମାଜରେ ବଞ୍ଚିବା କଣ ତାଙ୍କ ଅଧିକାର ନୁହେଁ ? ସେମାନଙ୍କୁ ସାହାଯ୍ୟ କରିବା ପରିବର୍ତ୍ତେ ଅପମାନ ଦେବା କେତେ ଦୂର ଠିକ ? ସେମାନେ ତ ଆମର କୌଣସି କ୍ଷତି କରିନାହାନ୍ତି, ତାହେଲେ ସେମାନଙ୍କୁ କଷ୍ଟ ଦେଇ ଆମକୁ କଣ ଖୁସି ମିଳିବ ?

ସେମାନେ ତ କାହାଠୁ ବି କମ ନୁହଁନ୍ତି। ଭିନ୍ନକ୍ଷମ ହେଲେ ମଧ୍ୟ ସେମାନେ ସମସ୍ତଙ୍କଠାରୁ ଆଗରେ। ଗୋଟେ ସାଧାରଣ ମଣିଷ ହାତରେ ଚିତ୍ରାଙ୍କନ କରେ, ଗୋଡରେ ସାଇକେଲ ଚଲାଏ। କିନ୍ତୁ ଗୋଟେ ଦିବ୍ୟାଙ୍ଗ ଗୋଡରେତୂଳୀ ଧରି ସୁନ୍ଦର ସୁନ୍ଦର ଚିତ୍ର ଆଙ୍କିବା ସହ ହାତରେ ସାଇକେଲ ଚଲାଇ ସେ ବିଭିନ୍ନ ଜାଗା ବୁଲିଥାଏ। ଗୋଟିଏ ଅନ୍ଧ ଲୋକ ମଧ୍ୟ ଅକ୍ଷର ଚିହ୍ନି ପାଠ ପଢିଥାଏ। ଗୋଟିଏ ଛୋଟା ଲୋକ ମଧ୍ୟ ସୁନ୍ଦର ଗୀତ ଗାଇଥାଏ ।ଦିନେ ପାନ ଦୋକାନ କରିଥିବା ଜଣେ ଦିବ୍ୟାଙ୍ଗ ଆଜି ପାରାଅଲମ୍ପିକରେ ନିଜ ପ୍ରତିଭା ଦେଖାଉଛନ୍ତି। କଠିନ ପରିଶ୍ରମ, ପ୍ରଗାଢ଼ ଇଚ୍ଛାଶକ୍ତି ଓ ପ୍ରବଳ ପ୍ରତିବଦ୍ଧତା ଆଗରେ ଅନେକ ଅଗମ୍ୟ ରାସ୍ତା ମଧ୍ୟ ସୁଗମ୍ୟ ପାଲଟିଯାଇଥାଏ। ନିଜର ଦୁଇଟି ଗୋଡ଼ରେ ଚାଲିବା ପାଇଁ ଅକ୍ଷମ ହୋଇଥିବା ଜ୍ଞାନରଞ୍ଜନ ସାହୁ ନିଜସ୍ୱ ଉଦ୍ୟମ ରେ ସେ ପାନ ଦୋକାନରୁ ପାରାଅଲମ୍ପିକ ପର୍ଯ୍ୟନ୍ତ ଯାତ୍ରା ନିର୍ଦ୍ୱନ୍ଦରେ ଯାଇପାରିଛନ୍ତି। ଜାତୀୟ ସ୍ତରରେ ୨ଥର ଖେଳି ସ୍ୱର୍ଣ ଓ ରୌପ୍ୟ ପଦକ ପାଇଛନ୍ତି ଓ ରାଜ୍ୟସ୍ତରରେ ୪ଥର ଖେଳି ସ୍ୱର୍ଣ୍ଣ , ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ବିନା ପ୍ରୋତ୍ସାହନ ଓ ବିନା ସହଯୋଗରେ ନିଜକୁ ଜଣେ ଶକ୍ତି ଉତ୍ତୋଳକ ଖେଳାଳି ଭାବେ ଗଢି ତୋଳିବାକୁ ତାଙ୍କର ଏହି ପ୍ରୟାସ ଅନ୍ୟମାନଙ୍କ ପାଇଁ ଆଦର୍ଶ ସୃଷ୍ଟି କରିଛି। ନିଜସ୍ୱ ଉଦ୍ୟମରେ ସେ ଅନେକ ଖେଳାଳି ମାନଙ୍କୁ ମଧ୍ୟ ଶିଖାଉଛନ୍ତି। ସେମିତି ପ୍ରମୋଦ ଭଗତ କେବଳ ଓଡିଶାରେ ନୁହେଁ ସମଗ୍ର ବିଶ୍ୱ ଆଗରେ ଭାରତର ଟେକ ରଖିଛନ୍ତି ଏହି ଓଡ଼ିଆ ପୁଅ। ଟୋକିଓ ପାରାଅଲମ୍ପିକରେ ଇତିହାସ ରଚିଥିବା ପ୍ରମୋଦ ଦେଶ ପାଇଁ ଆଣିଛନ୍ତି ସ୍ୱର୍ଣ ପଦକ। ପାରାଅଲମ୍ପିକ ବ୍ୟାଡ଼ମିଣ୍ଟନରେ ବିଶ୍ୱର ଏକ ନମ୍ବର ମାନ୍ୟତା ପାଇଛନ୍ତି ପ୍ରମୋଦ ଭଗତ। ପୁଣି ଏସିଆନ ପାରାଗେମସରେ ଓଡ଼ିଆ ଝିଅ ଜୟନ୍ତୀ ବେହେରା ୨୦୦ମିଟର ଦୌଡ଼ରେ ତୃତୀୟ ସ୍ଥାନରେ ରହି ବ୍ରୋଞ୍ଜ ପଦକ ପାଇଛନ୍ତି। ଯଦି ଦିବ୍ୟାଙ୍ଗମାନେ ଏତେ ଭଲ କାମ କରୁଛନ୍ତି ତେବେ ଆମେ ସମସ୍ତେ ସେମାନଙ୍କ ମନରେ ଦୃଢ ଇଚ୍ଛାଶକ୍ତି ଜାଗ୍ରତ କରିବା ଦରକାର। ଅନ୍ୟ ଲୋକଙ୍କ ସହ ଆମେ ଯେମିତି ବ୍ୟବହାର କରିଥାଉ ସେହିପରି ଭାବେ ସେମାନଙ୍କ ସହ ମଧ୍ୟ କଥା ହେବା ଉଚିତ। ଯେମିତି ସେମାନଙ୍କ ମନରେ କଷ୍ଟ ନହେବ ଓ ସେମାନେ କେବେ ଭାବିବା କଥା ନୁହଁ ଯେ ସେମାନେ ଅକ୍ଷମ ସେହିପରି ଭାବରେ ସେମାନଙ୍କ ସହ ଭଲ ବ୍ୟବହାର କରିବା ସହିତ ସେମାନଙ୍କୁ ସାହାଯ୍ୟ କରିବା ଆବଶ୍ୟକ।

# ଭାରତର ଗାଜା 'ନୀତି ପରିବର୍ତ୍ତନ'


ସୌଭାଗ୍ୟ ରଞ୍ଜନ ମହାନ୍ତି (ରାଜା)
ଗଙ୍ଗୋତ୍ରୀ ନଗର
ଶରୋଡ ନଂ-୩,
ଶିଶୁପାଳଗଡ
ମୋ-୪୩୭୯୯୪୩୭୯

ଗଲା ଅକ୍ଟୋବର ମାସ ୭ତାରିଖ ଦିନ ହମାସ'ର ଆତଙ୍କବାଦୀ ଆକ୍ରମଣ ପରେ ପ୍ରତିଶୋଧାତ୍ମକ ପଦକ୍ଷେପ ସ୍ୱରୁପ ଗାଜା ଉପରେ ଇସ୍ରାଏଲର ବୋମାମାଡର ଦୁଇମାସ ପରେ ବୋମାବର୍ଷଣ ବନ୍ଦ କରିବା ପାଇଁ ଜାତିସଂଘ ସାଧାରଣ ଆସେମ୍ବ୍ଲି (ୟୁଏନଜିଏ)ରେ ଆଗତ ପ୍ରସ୍ତାବ ସପକ୍ଷରେ ଭୋଟ ଦେବା ଭାରତ ଆନ୍ତର୍ଜାତିକ ଆହ୍ୱାନ ସହ ସହମତି ହେବା ଦେଶର ନୀତିଗତ ଆଭିମୁଖ୍ୟ ପରିବର୍ତନ ବୋଲି କୁହାଯାଇପାରିବ। କହିବା ବାହୁଲ୍ୟ ଯେ, ଭାରତ ଜାତିସଂଘର ୧୫୨ ସଦସ୍ୟ ସହ ପ୍ରସ୍ତାବ ସପକ୍ଷରେ ଯୁଦ୍ଧ ବନ୍ଦ ଲାଗି ଆହ୍ୱାନ ଦେଇଛି। ମାତ୍ର ୧୦ଟି ରାଷ୍ଟ୍ର ପ୍ରସ୍ତାବ ସପକ୍ଷରେ ଭୋଟ ଦେଇଛନ୍ତି। ଆନ୍ତର୍ଜାତିକ ମାନବିକତା ଆଇନ, ସମସ୍ତ ପଣବନ୍ଦୀଙ୍କୁ ନିସର୍ତ୍ତ ଖଲାସ ଏବଂ ଜନକଲ୍ୟାଣ ଦୃଷ୍ଟିରୁ ଭାରତ ତା'ର ପୂର୍ବ ଆଭିମୁଖ୍ୟରେ ପରିବର୍ତନ କରିଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଅକ୍ଟୋବ ୭ତାରିଖ ଦିନ ଯୁଦ୍ଧ ବନ୍ଦ ଲାଗି ଜାତିସଂଘରେ ଆଗତ ପ୍ରସ୍ତାବ ଉପରେ ଭାରତ ଭୋଟ ଦାନରୁ ବିରତ ରହିଥିଲା। ଏହି ପ୍ରସ୍ତାବରେ ହମାସ'କୁ ନିନ୍ଦା କରିବା ପାଇଁ ଆଗତ କରିବା ସଂଶୋଧିତ ପ୍ରସ୍ତାବ ଅଗ୍ରାହ୍ୟ ହେବା ପରେ ଭାରତ ମତଦାନରୁ ବିରତ ରହିଥିଲା। ଭୋଟଦାନରୁ ବିରତ ରହିବା ନେଇ ଭାରତ ସରକାର ଓ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଏକ ସ୍ପଷ୍ଟୀକରଣରେ କୁହାଯାଇଥିଲା ଯେ, ଆତଙ୍କବାଦ ପ୍ରତି ଶୂନ ସହନଶୀଳତାର ଏହା ହେଉଛି ପ୍ରତିଫଳନ। ଗତ ମଙ୍ଗଳବାର ଦିନ ଯୁଦ୍ଧ ବନ୍ଦ ଲାଗି ଗୃହୀତ ପ୍ରସ୍ତାବରେ ଆତଙ୍କବାଦକୁ ନିନ୍ଦା କରାଯାଇନଥିବା ସତ୍ତ୍ୱେ ଭାରତ ସପକ୍ଷରେ ମତଦାନ କରିଛି। କାହିଁକି ଏବଂ କେଉଁ ପରିସ୍ଥିତିରେ ଭାରତ ବର୍ତମାନ ସୁଦ୍ଧା କୌଣସି ସ୍ପଷ୍ଟୀକରଣ ଦେଇନାହିଁ। ଗତ ଦୁଇମାସ ମଧ୍ୟରେ ୯୦ଜଣ ସାମ୍ବାଦିକଙ୍କ ସମେତ ୧୮,୦୦୦ରୁ ଊର୍ଦ୍ଧ୍ୱ ନିରୀହ ଗାଜାବାସୀଙ୍କ ମୃତ୍ୟୁ ଘଟିଥିବାବେଳେ ୮୦ପ୍ରତିଶତରୁ ଊର୍ଦ୍ଧ୍ୱ ଜନସାଧାରଣ ବାସହରା ହୋଇପଡିଛନ୍ତି। ଏପରିକି ମଧ୍ୟ ଇସ୍ରାଏଲର ସବୁଠାରୁ ବଡ ସହଯୋଗୀ ଆମେରିକାର ଆକଳନ ଅନୁସାରେ ଇସ୍ରାଏଲ ମୁତୟନ କରିଥିବା ୨୯,୦୦୦ ସାମରିକ ଅସ୍ତ୍ରଶସ୍ତ୍ରରୁ ଅର୍ଦ୍ଧେକ ଲକ୍ଷ୍ୟହୀନ ଭାବରେ ଜନବସତି ଉପରେ ମାଡ ହୋଇଛି। ଆହୁରି ମଧ୍ୟ ଇସ୍ରାଏଲ ସେନା ହମାସ ଆତଙ୍କବାଦୀଙ୍କୁ ନିପାତ କରିବା ଏବଂ ପଣବନ୍ଦୀମାନଙ୍କୁ ଖଲାସ କରିବା ପରିବର୍ତ୍ତେ ପାଲେଷ୍ଟାଇନର ଭୂଖଣ୍ଡ ଅଧିକାର କରିବାରେ ବ୍ୟସ୍ତ ରହିଛି। ଏବେ ବି ଶତାଧିକ ଇସ୍ରାଏଲ ପଣବନ୍ଦୀ ହମାସ'ର ହେପାଜତରେ ଅଛନ୍ତି। ଏହା ନିସନ୍ଦେହ ଯେ, ଇସ୍ରାଏଲ ବିରୁଦ୍ଧରେ ଭାରତରେ ଜନମତ ଦିନକୁ ଦିନ ବଢିବାରେ ଲାଗିଛି। କେବଳ ଭାରତ ନୁହେଁ, ବିଶ୍ୱର ୧୫୨ଟି ରାଷ୍ଟ୍ରରେ ଇସ୍ରାଏଲ ବିରୋଧି ମନୋଭାବ ଉଗ୍ର ହେବାରେ ଲାଗିଛି। ବିଶ୍ୱରେ ଶାନ୍ତି, ସ୍ଥିରତା ଓ ସହାବସ୍ଥାନ ଭାରତର ମୂଳମନ୍ତ୍ର ହୋଇଥିବାରୁ ଶେଷରେ ପୂର୍ବ ଆଭିମୁଖ୍ୟରେ ପରିବର୍ତନ କରିବାକୁ ବାଧ ହୋଇଥିବା କୁହାଯାଇପାରେ। ଏଥିରେ କୌଣସି ସନ୍ଦେହ ନାହିଁ ଯେ, ବିଶ୍ୱ ଜନମତକୁ ବେଖାତିର କରି ଇସ୍ରାଏଲ ଆକ୍ରମଣକୁ ତେଜିୟାନ କରିଥିବାବେଳେ ଏହାର ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ହମାସ'କୁ ସମ୍ପୂର୍ଣ୍ଣ ନିପାତ ନକରିବା ପର୍ଯ୍ୟନ୍ତ ଯୁଦ୍ଧ ବନ୍ଦ ନକରିବାକୁ ଘୋଷଣା କରିଛନ୍ତି। ଗାଜାରେ ହଜାର ହଜାର ନିରୀହ ଶିଶୁ ଓ ମହିଳାଙ୍କୁ ହତ୍ୟା ନେଇ ବିଶ୍ୱବ୍ୟାପୀ ତୀବ୍ର ପ୍ରତିକ୍ରୀୟା ପ୍ରକାଶ ପାଇଥିଲେ ମଧ୍ୟ ଇସ୍ରାଏଲ ଉପରେ ଏହାର କୌଣସି ପ୍ରଭାବ ପଡିନଥିବା ନେତାନ୍ୟାହୁଙ୍କ ଘୋଷଣା ସ୍ପଷ୍ଟ ସଂକେତ ପ୍ରଦାନ କରିଛି ବୋଲି କୁହାଯାଇପାରେ। ଅନ୍ୟପକ୍ଷରେ ହମାସ'ର ଦୁର୍ବଳ ହେବା ପରିବର୍ତ୍ତେ କ୍ରମଶଃ ସବଳ ହେବାରେ ଲାଗିଛି। ପାଲେଷ୍ଟାଇନରେ ହମାସ' ପ୍ରତି ସମର୍ଥନ ବୃଦ୍ଧି ପାଉଥିବାବେଳେ ବହୁ ରାଷ୍ଟ୍ର ମଧ୍ୟ ଖୋଲାଖୋଲି ଭାବେ ସମର୍ଥନ ଘୋଷଣା କରିଛନ୍ତି। ଇସ୍ରାଏଲର ଘନିଷ୍ଠ ବନ୍ଧୁ ଭାବେ ପରିଚିତ ଯୁକ୍ତରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଜୋ. ବାଇଡେନ ମଧ୍ୟ ନିଜର କଠୋର ଆଭିମୁଖ୍ୟକୁ କୋହଳ କରିବା ପାଇଁ ପ୍ରଧାନମନ୍ତ୍ରୀ ନେତା ନ୍ୟାହୁଙ୍କୁ ପରାମର୍ଶ ଦେବା ଏକ ଗୁରୁତ୍ୱପୂର୍ଣ୍ଣ ଘଟଣା। ଏହା ନିଶ୍ଚିତ ଯେ, ଯୁଦ୍ଧ ହମାସ'କୁ ଦୁର୍ବଳ କରିବା ପରିବର୍ତ୍ତେ ଶକ୍ତିଶାଳୀ କରିବାରେ ସହାୟକ ବୋଲି କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ପ୍ରତିକ୍ରିୟାରେ ସମାନ ବିପରୀତ ପ୍ରତିକ୍ରିୟା ଥିବା ପରି ଯୁଦ୍ଧ ଯୋଗୁଁ ଇସ୍ରାଏଲରେ ମୃତାହତଙ୍କ ସଂଖ୍ୟା ବଢି ଚାଲିଥିବାବେଳେ ବ୍ୟୟ ଭାର ମଧ୍ୟ ବଢିଚାଲିଛି। ମିଳିଥିବା ରିପୋର୍ଟ ଅନୁଯାୟୀ ଇସ୍ରାଏଲରେ ଦୈନିକ ଯୁଦ୍ଧ ବ୍ୟୟ ଠୁଳ ହେବା ସୀମାନ୍ତରେ ୨ଲକ୍ଷ ଲୋକ ସ୍ଥାନାନ୍ତର ହେବା ଫଳରେ ଇସ୍ରାଏଲ ବ୍ୟବସାୟ ପ୍ରଭାବିତ ହୋଇଛି। ଇସ୍ରାଏଲର ଅର୍ଥନୀତି ଏବେ ମାନ୍ଦାବସ୍ଥା ମୁହାଁ ହୋଇଛି। ଆହୁରି ମଧ୍ୟ ଇସ୍ରାଏଲ ୟେମେନର ହୋଉଥି ଏବଂ ହେଜବୁଲାର ଆକ୍ରମଣର ଶିକାର ହୋଇଛି। ଏହା ନିଶ୍ଚିତ ଯେ, ଆଉ ଅଧିକ ଦିନ ଯୁଦ୍ଧ ଇସ୍ରାଏଲ ପାଇଁ ବୁମେରାଂ ହେବା ଆଶଙ୍କାକୁ ଏଡାଇ ଦିଆଯାଇନପାରେ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ଚାଲ ଫେରିଯିବା ଗାଁକୁ



ଶୁଭଦର୍ଶିନୀ ଦାଶ



ମିଲୁ ଆଖିରେ ନିଦ ନାହିଁ । ଅପେକ୍ଷା କରିଛି କେତେବେଳେ ରାତି ପାହିବ, କୁକୁଡ଼ା ଡ଼ାକିବ ଆଉ ସିଏ ଉଠିଯିବ । ଉତ୍କଣ୍ଠାରେ ତାକୁ ସାରା ରାତି ପାହାନ୍ତି ସକାଳ ପରି ମନେ ହେଉଛି । କୁକୁଡ଼ା କାହିଁକି ଡାକୁନାହିଁ ବୋଲି ତାକୁ ମନେ ମନେ ଅଳସୁଆଟା କହି ଗାଳି ଦେଉଛି । ମନରେ ଭରି ରହିଛି ବ୍ୟାକୁଳତା, ବାପା ଓ ମାଆଙ୍କ ସହ ରାଜଧାନୀ ଯିବ । ବାପା ଆଗରୁ କେତେଥର ନେବେ ନେବେ କହି ନେଇ ନାଁହାନ୍ତି । କାହିଁକି ନେଉନ ବୋଲି ପଚାରିବାରୁ ନିଜ ଅକ୍ଷମତା ଲୁଚାଇବା ଆଳରେ ମିଛ କହିଦିଅନ୍ତି, ତୁ ଗାଢ଼ ନିଦରେ ଶୋଇଥିଲୁ, ମୁଁ ଡାକିଡାକି ଗାଡି ସମୟ ହୋଇଗଲା ତେଣୁ ଚାଲିଗଲି । ସେଥିପାଇଁ ଏଥର ପଣ କରିଛି ଆଉ ସେ ଭୁଲ୍ ତାର ହେବ ନାହିଁ । ରାଜଧାନୀ ଯିବ ପୂର୍ବ ପ୍ରସ୍ତୁତି ବି ସାରିଛି । ସେଠି ସବୁ ବଡ଼ବାବୁ, ଖାଲି ପାଦରେ କେମିତି ଚାଲିବ ଗାଁରେ ଚଳିଯାଉଥିଲା । ସମସ୍ତେ ନିଜ ଲୋକ କିଏ ଦାଦା କିଏ ମାଉସୀ ତେଣୁ ପୂର୍ବ ଦିନ ହାଟରୁ ହଳେ ଚପଲ ଆଉ ଦୁଇଟି ବିସ୍କୁଟ ପକେଟ କିଣି ଆଣିଛି । ଗାଡ଼ିରେ ଆଉ ସିଏ ନଳୀ ପାମ୍ପଡ଼ ଖାଇବନାହିଁ । କାଳେ ଲୋକମାନେ ଗାଉଁଲି କହିବେ । ତେଣୁ ସିଏ ଭୋକ ଲାଗିଲେ ବିସ୍କୁଟ ଖାଇବ । ପୁରାପୁରି ସହରୀ ପିଲାଙ୍କ ପରି ଚଳିବ । ନହେଲେ ସହରୀ ପିଲାମାନେ ତାକୁ ସାଙ୍ଗ କରିବେନାହିଁ । ଅଧା ରାତିରୁ ଉଠିପଡ଼ି ନିତ୍ୟକର୍ମ ସାରି ପୁରା ପ୍ରସ୍ତୁତ ହୋଇଯାଇଛି । ବାପା ବାହାରୁ ବାହାରୁ ଦୌଡ଼ିଯାଇ ସାଙ୍ଗ ମାନଙ୍କୁ କହି ଆସିଛି । ଏସନଠୁ ସିଏ ସେଇଠି ପଢିବ । ବାପା ସେଇଠି ସବୁଦିନ ହାଟକୁ ଯାଆନ୍ତି । ସିଏବି ତାଙ୍କ ସହିତ ଯିବ । ମନଲାଖି ଜିନିଷ କିଣିବ, ତେଣୁ ଖୁସି କହିଲେ ନସରେ । ବାଟରେ ଯାଉ ଯାଉ ଖୁସିହୋଇ ବାପାଙ୍କୁ ଅନେକ ପ୍ରଶ୍ନ ପଚାରି ଚାଲିଛି, ବାପାବି ହୁଁ ହାଁ ହୋଇ ତାକୁ ଉତ୍ତର ଦେଉଛନ୍ତି । ବାପା ଯେହେତୁ ବାହାରେ ରହି କାମ କରନ୍ତି ତେଣୁ ମାଆ ସାଙ୍ଗରେ ଘର କାମ ଟିକେ ଟିକେ ବୁଝାବୁଝି କରୁକରୁ ଭାରି ଦାୟିତ୍ୱ ସମ୍ପୂର୍ଣ୍ଣ ହୋଇଯାଇଥିଲା ।

ବାପାଙ୍କ ଗୋଡ଼ଟି ଟିକେ ଛୋଟା । ଏକା କାମକରି ଘର ଚଳାଇ ନପାରିବାରୁ ଏଥର ତା ମାଆକୁ ସାଙ୍ଗରେ ଆଣିଛନ୍ତି । ଯେମିତି ହେଉ କଷ୍ଟ କରି ପୁଅଟାକୁ ମଣିଷ କରିବେ । ତାକୁ ମାମୁଁ ଘରେ ଛାଡ଼ି ଆସିବା କଥା, ହେଲେ ଜିଦ୍ କରି ଆସିଛି ସାଙ୍ଗରେ ରହିବ । ପହଞ୍ଚୁ ପହଞ୍ଚୁ ରାତି ହୋଇ ଯାଇଥିଲା । ଗାଡ଼ିରୁ ଓହ୍ଲାଇ ସହରର ଚକାଚକ ରୂପ ସାଙ୍ଗକୁ ଧାଡିଧାଡି ଆଲୋକ ସଜା ଦେଖି ମାଆକୁ ପଚାରୁଛି, ଆମେ କ'ଣ ତାରାଙ୍କ ପାଖରେ ପହଞ୍ଚି ଗଲେ ! ଏଠି ତ ଦିନ ରାତି ସବୁ ସମାନ । ଗାଁରେ ସୂର୍ଯ୍ୟ ଅସ୍ତ ହୋଇଗଲେ ଚାରିଆଡେ ଅନ୍ଧାର । ଜଙ୍ଗଲରୁ ବିଲୁଆ ରଡି ଛାଡୁଥିବ, ଟିକେ ବର୍ଷା ହେଲେ କାଦୁଅ ରାସ୍ତା ସାଙ୍ଗକୁ ଚାରିଆଡେ ବେଙ୍ଗ ରଡ଼ି । ବାପା ସତରେ ତମେ କେତେ ବଡ଼ ଜାଗାରେ ରହୁଛ । ଏମିତି କିଛି ଗପି ଗପି ଯେତେବେଳେ ବସ୍ତିରେ ରହୁଥିବା ଭଡା ଘର ପାଖରେ ପହଞ୍ଚିଲେ ପୁଣି ବାପାଙ୍କୁ ତା'ର ପ୍ରଶ୍ନ ବାପା ଏଇଟା କ'ଣ ଆମ ଘର ? ଆଉ ସେଇ ବଡ଼ ବଡ଼ ଘର କାହାର ? ବାପା ତାକୁ କ'ଣ ଆଉ କହିଥାନ୍ତେ, ହଉ ତୁ ଶୋଇଯା କାଲିକି କଥା ହେବା, ରାତି ଅନେକ ହେଲାଣି । ସହରରେ ନୂଆ ସକାଳ । ମାଆ ଓ ବାପା ଦୁହେଁ କାମର ସନ୍ଧାନରେ ବାହାରିଲେ । ମିଲୁକୁ ଏକୁଟିଆ କେଉଁଠି ଅବା ଛାଡି ଯିବେ ତେଣୁ ତାକୁ ଉଠାଇଲେ ସାଙ୍ଗରେ ନେଇଯିବେ । ରାତିରେ ଘରେ ରୋଷେଇ ହୋଇନାହିଁ ତେଣୁ ଖାଇବାକୁ କି ଟିଫିନ୍‌ରେ ନେବାକୁ ଘରେ ଭାତ ନାହିଁ । ଆସିଲା ବେଳେ ଗାଁରୁ ଚୁଡା ଗଣ୍ଡେ ଆଣିଥିଲେ ତାକୁ ପୋଷେ ପୋଷେ ଖାଇ ଟିଫିନ୍‌ରେ କିଛି ଶୁଖିଲା ଚୁଡା ଆଉ ଗୁଡ଼ ପୁରାଇ ବାହାରିଲେ କାମକୁ । ହେଲେ ହାଟରେ ବସି ବସି କାମ ନପାଇ ଘରକୁ ଫେରିଲେ । ଏମିତି ଏମିତି ଦୁଇ ତିନି ଦିନ ହେଲା କାମ ମିଳୁନଥାଏ । ଗାଁରୁ ଆସିଲା ବେଳେ କଣ୍ଟ୍ରୋଲ ଚାଉଳ, ଭତା ପଇସା କିଛି ଆଉ ଚାରି ପାଞ୍ଚୋଟି କୁକୁଡ଼ା ରଖିଥିଲା ମିଲୁର ମାଆ । ତାକୁ ବିକ୍ରି କରି କିଛି ପଇସା ଧରି ଆସିଥିଲେ, ସେଇଥିରେ ଚାଲିଥାଏ ସଂସାର । ତିନି ଚାରିଦିନ ପରେ ମିଲୁ ହଠାତ୍ ପଚାରିଲା ବାପା ସବୁଦିନ ହାଟକୁ ଯାଉଛ ବୋଲି କହୁଛ ହେଲେ ସେଠିତ କାହିଁ କିଛି ବିକ୍ରି ହେଉନି, ଖାଲି ଢେର ସାରା ଲୋକ ଯାଉଛନ୍ତି କିଛି ଲୋକ ଅଟୋରେ ଯାଉଛନ୍ତି ଆଉ କିଛି ଆମ ପରି ବସିବସି ଫେରି ଆସୁଛନ୍ତି । ବାପାଙ୍କ ସାଙ୍ଗରେ ଗାଁ ହାଟକୁ ଯାଇ ସଉଦା କିଣିବା ସମୟରେ ଅନେକ ବାର ତା ମନରେ ପ୍ରଶ୍ନ ଆସିଛି ବାପା କିଛି ବିକ୍ରି କରନ୍ତିନାହିଁ ତେବେ ହାଟକୁ କ'ଣ ଆଣିବା ପାଇଁ ସବୁଦିନ ଯାଆନ୍ତି । ଗାଁରେ ସିନା ଉତ୍ତର ପାଉନଥିଲା ହେଲେ ଆଜି ବାପା ତାକୁ ବୁଝାଇ ଦେଲେ, ଏ ହାଟ ସଉଦା ହାଟ ନୁହେଁ । ଏ ହେଉଛି ମଣିଷ ହାଟ, ତୁ ଯେମିତି ବିସ୍କୁଟ ସାରିବା ଯାଏଁ ଜରିଟା ସାଇତି ରଖିଥିଲୁ ଆଉ ଖାଇସାରି ଜରି ଫିଙ୍ଗିଦେଇଥିଲୁ ଠିକ୍ ସେମିତି । ଯେଉଁମାନେ ଅଟୋରେ ଚଢି ଯାଉଛନ୍ତି ସେମାନଙ୍କୁ ପଇସା ଦେଇ କାମ କରାଇବାକୁ ନେଇଯାଉଛି ମାଲିକ । କାମ ସାରିବା ଯାଏଁ ଖୋଜିବ ତାପରେ ଆମର ଆଉ କିଛି ଆବଶ୍ୟକ ରହେନାହିଁ । କାଲି ରାତିରେ ଯେଉଁ ବଡ଼ଘର କଥା ପଚାରୁଥିଲୁ ସେଇଟା ଜଣେ ବଡ଼ ବାବୁଙ୍କର । ତାକୁ ମୁଁ ଆଉ କିଛି ମିସ୍ତ୍ରୀ ଭାଇ ମିଶି ତିଆରି କରିଥିଲୁ । ଏମିତି ଅନେକ ଘର ତିଆରି କରିଛୁ, କରି ସାରିବା ପରେ କେହି ଆମ କଥା ମନେ ପକାନ୍ତି ନାହିଁ । ଘର ପୂଜାକରି ଭୋଜି ଭାତ କରନ୍ତି ହେଲେ କେବେ ଆମକୁ ଖୁସି ହୋଇ ମିଠାଟେ ଯାଚନ୍ତି ନାହିଁ । ମୁଁ ଆଗରୁ ଗୋଟେ ମାଲିକ ପାଖରେ ରହୁଥିଲି । ନିଇତି କାମ ପାଇ ଯାଉଥିଲି । ହେଲେ ଯେବେଠାରୁ କାମ କରିବା ସମୟରେ ଛାତରୁ ଖସି ଗୋଡ଼ ଛୋଟା ହୋଇଗଲା ମାଲିକ ମୋତେ ନେବାକୁ ଅମଙ୍ଗ ହେଲା । ଠିକ୍ ତୁ ଯେମିତି ଚକଚକିଆ ଜରି ଦେଖି ବିସ୍କୁଟ କିଣୁ ଆମେ ବି ସେମିତି । ଏଇଠି ପରଖା ହେଉ କିଏ ଛୋଟା, ବୁଢା, ଇତ୍ୟାଦି ଇତ୍ୟାଦି ଦେଖି ବିକ୍ରି ହେଉ । ସେଥିପାଇଁ ଏହାକୁ ମଣିଷ ହାଟ ବୋଲି କୁହାଯାଏ ।

ହେଲେ ବାପା, ଗାଁରେ ମାଆ ସୀତା ଖୁଡି ଘର ଖାଲି ମାଟି ନେସିଦିଏ ବୋଲି ସିଏ ତାକୁ ସବୁ ଭୋଜି ଭାତ, ପୂଜା ପରବରେ ଡାକି ଖାଇବାକୁ ଦିଅନ୍ତି । ବାଟରେ ଯେଉଁଠି ଦେଖିଲେ ଭଲମନ୍ଦ ପଚାରି ବୁଝନ୍ତି । ଆଉ ରିଙ୍କୁ ବାପା ନିଜ ବିଲରେ ଯାଇ କାମ କରନ୍ତି । ସ୍କୁଲସାର ଦିନେ ବିଲ ବାଟ ଦେଇ ଘରକୁ ଯାଉଥିଲେ । ରିଙ୍କୁ ବାପାଙ୍କୁ ବିଲରେ ଦେଖି ପଚାରିଲେ ଏ ବିଲର ମାଲିକ କିଏ ? ସିଏ ବଡ଼ ଜୋର୍‌ରେ କହୁଥିଲେ ଏଇଟା ମୋର, ମୁଁ ଏହାର ମାଲିକ । ବାପା ତାର ପ୍ରଶ୍ନକୁ ବନ୍ଦ କରିବାକୁ ଯାଇ ମୁଁ ଟିକେ ଆସୁଛି କହି ଚାଲିଗଲେ । ଏମିତି ଏମିତିରେ ଗୋଟିଏ ମାସ ବିତିଗଲା । ମିଲୁକୁ କିନ୍ତୁ ଆଉ ଭଲ ଲାଗୁନଥାଏ ସହରର ଘୋଘା ଭିତରେ ଏକୁଟିଆ ହୋଇ ରହିବାକୁ । ଦିନେ ସନ୍ଧ୍ୟା ବେଳେ ବସୁବସୁ ତାର ମନେପଡିଗଲା ଜେଜ କହିଥିବା କଥାଟି । ଉଠିଯାଇ ବାପାଙ୍କୁ ପଚାରିଲା ବାପା ଜେଜ କହୁଥିଲା ଆମରବି କିଛି ବିଲ ଅଛି । ଆମେ କ'ଣ ଗାଁକୁ ଯାଇ ଆମ ବିଲରେ ଖଟିଲେ ହେବନି ? ରିଙ୍କୁ ବାପାଙ୍କ ପରି ଚାଷ କରିବା, ମୁଁ ଆଉ ମାଆ ତମକୁ କାମରେ ସାହାଯ୍ୟ କରିବୁ । ମୁଁ ତମକୁ କଥା ଦେଉଛି ଭଲ ପାଠପଢି ଭଲ ମଣିଷ ହେବି । ଗାଁରେ ସମସ୍ତେ ଆମ ନିଜର ଲୋକ । ସମସ୍ତେ ଆମକୁ ଭଲ ପାଆନ୍ତି । ଭୋଜି, ଭାତ, ପୂଜା ପର୍ବାଣୀରେ ଆମେ ମିଳିମିଶି କାମ କରନ୍ତି, କେତେ ଭଲ ଲାଗେନା । ଘରେ ପରିବା ନଥିଲେ ମାଆ ଦାଦି ଘର ବାଡିରୁ ଶାଗ ଆଣି ରାନ୍ଧିଦେଉଥିଲା । ହେଲେ ଏଠି ତ ସେମିତି କିଛି ନାହିଁ । ଉପାସ ଶୋଇଗଲେବି କେହି ପଚାରିବାକୁ ନାହାନ୍ତି । ମାଆକୁ ଜ୍ୱର ହେଲେ ସିଏ ରାନ୍ଧି ନପାରିଲେ ନାନି ଭାତ ଆଣି ଦେଉଥିଲେ । ପିଙ୍କୁ ବାପା ଦୋକାନରୁ ମୁଁ ଔଷଧ ନେଇ ଆସିଥିଲି । ମାଆ ଭଲ ହୋଇସାରି ପଇସା ଦେଇଥିଲା । ଆଉ ଏଇଠି ଆମକୁ ପଚାରେ କିଏ । ସେଦିନ ଟିଭି ନ୍ୟୁଜ୍‌ରେ ଦେଉଥିଲା ଦାଦନର ଦୁର୍ଦ୍ଦିନ । ଆମେମାନେ କ'ଣ ସେଇ ଦାଦନ । ସେଥିପାଇଁ ଏ ବାହାର ଜାଗାରେ ଦୁର୍ଦ୍ଦଶା ଭୋଗୁଛେ । ଗପୁଗପୁ ମିଲୁ ଆଖିକୁ ନିଦ ଆସିଯାଇଥିଲା । ମିଲୁ କଥାରୁ ବାପା ବୁଝି ଯାଇଥିଲେ ତାକୁ ଆଉ ଏଠାରେ ଭଲ ଲାଗୁନାହିଁ । ସିଏ ଗାଁକୁ ମନେ ପକାଉଛି । ସିଏ ଅଳ୍ପ ଦିନରେ ବୁଝି ଯାଇଛି ଏଠି କେହି କାହାର ନୁହଁନ୍ତି । ହଠାତ୍ ଅଧ ରାତିରେ ଉଠିପଡିଛି ମିଲୁ । ଆଉ କାନ୍ଦି ଉଠି ବାପାଙ୍କୁ କହୁଛି ଏଇଠି କିଛି ଆମର ନୁହେଁ କି କେହି ଆମର ନୁହଁନ୍ତି ତେଣୁ ଆମେ କାଲି ଆମ ଲୋକଙ୍କ ପାଖକୁ ଫେରିଯିବା, ଆମ ନିଜ ଘରକୁ, ଆମ ଗାଁକୁ ।

ଭୁବନେଶ୍ୱର

ମୋ- ୮୨୮୦୩୧୧୦୦୦

# ଖୁସି ହୋଇବ ଭାରତ ମାତା

ଜଗଦୀଶ ସାହୁ



ହସ ଖୁସିର ପରବଟିଏ ନୂଆ ବରଷ
ଆସରେ ଆସ ଭାଇଭଉଣୀ ସଭିଏଁ ଆସ !
ଦେଖରେ ଦେଖ ଧରଣୀ ରାଣୀ ଦିଶେ ସୁନ୍ଦର
ଗଛ ଦେହରେ କଅଁଳିଲାଣି ନୂଆ ପତର !
ସୂରୁଜ ନାଲି କିରଣ ବୁଣି ଦେଲେଣି ହସି
ଲାଜରେ ମୁଣ୍ଡେ ଓଢଣା ଦେଲା ଶୀତ ମାଉସୀ !
ତେଇଶି ଗଲା ବିଦାୟ ନେଇ ଧରାଧାମରୁ
ଚବିଶ ହେଉ ମଙ୍ଗଳମୟ ଜଗା ଦୟାରୁ !
ଗଛ ଆମର ପରମ ବନ୍ଧୁ ଏଇ ବାରତା
ବିଶ୍ୱକୁ ଦେବା ଖୁସି ହୋଇବ ଭାରତ ମାତା !

ସଞ୍ଜୀପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮

ମୋ :-୯୦୭୮୧୮୫୬୧୬



# ନ ଯିବା ଆମେରେ ଭୁଲି

ପ୍ରଫୁଲ୍ଲ କୁମାର ସାହୁ

ଦୂର ବିଦେଶରୁ କାହିଁ କେତେ ଦୂରୁ
ଦଳ ଦଳ ପକ୍ଷୀ ଆସି,
ଚିଲିକା ଜଳରେ ଭାସନ୍ତି ଦେଖରେ
ଦେଖି ଲାଗେ ବଡ଼ ଖୁସି । ୧

ବିହଙ୍ଗ ବିହାର ଚିଲିକା ଆମର
ପକ୍ଷୀଙ୍କ ଅଭୟାରଣ୍ୟ,
ଆମ ରାଇଜର ଦର୍ଶନୀୟ ସ୍ଥାନ
ଭାବରେ ପାଇଛି ମାନ୍ୟ । ୨

ଶୀତ ଦିନ ହେଲେ ବିଦେଶ ମାଟିରୁ
ନାନା ଜାତି ପକ୍ଷୀ ଆସି,
ଆମ ଚିଲିକାର ଶୋଭା ଯେ ବଢାନ୍ତି
ଜଳରେ ତାହାର ଭାସି । ୩

ଆଗନ୍ତୁକ ପକ୍ଷୀ ଅତିଥି ଆମର
ତାଙ୍କର ଯତନ ନେବା,
ପକ୍ଷୀ ମାଂସ ପାଇଁ ଅତିଥି ପକ୍ଷୀଙ୍କୁ
କେବେ ଆମେ ନ ମାରିବା । ୪

ଅତିଥିଙ୍କ ସେବା ଆମର କର୍ତ୍ତବ୍ୟ
ନ ଯିବା ଆମେରେ ଭୁଲି,
ଦିନ ଚାଲିଯିବ ଚିହ୍ନ ରହିଯିବ
ଆସିବ ଆଗାମୀ କାଲି । ୫

ଆମ ପିଲାମାନେ ଶିଖିବେ ଆମଠୁ
ଦୟା ସେବା କ୍ଷମା ଗୁଣ,
ସେବା ବ୍ରତଧାରୀ ଓଡ଼ିଆ ଭାବରେ
ଅରଜିବା ମହାପୁଣ୍ୟ । ୬

ପ୍ରଧାନ ଶିକ୍ଷକ, ନାହାଙ୍ଗ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ,
ମାହାଙ୍ଗା, କଟକ - ୭୫୪୨୦୭
ମୋ- ୭୬୦୯୦୪୪୩୮୩

# ପ୍ରଗତିର ସିଢ଼ି ଚଢିବା

କୀର୍ତ୍ତନ ସାହୁ



ଆମେ ଯେତେ ସବୁ ଟିକି ଟିକି ପିଲା
ଆମ ଭବିଷ୍ୟତ ଗଢ଼ିବା ଆମେ
ଛୋଟ ବେଳୁ ଭଲ ଭଲ କାମ ବାଛି
କରି ଦେଖାଇବା ଆମରି କାମେ

ବଗିଚାଟି କେଡ଼େ ସୁନ୍ଦର ଦିଶଇ
ନାନା ଜାତି ଫୁଲ ତା କୋଳେ ଫୁଟି
ଆମ ମୁହେଁ ସଦା ହସ ରହି ଥିଲେ
ହସି ଉଠୁ ଥିବ ଏ ଦେଶ ମାଟି

ଭଲ କାମ କଲେ ମନ ଭଲ ରହେ
ଦେହ ମଧ୍ୟ ରଖି ପାରିବା ଭଲ
ଭଲ ଚିନ୍ତା କରି ଆଗେଇ ଚାଲିଲେ
ଦେଶ ହିତେ ହେବା ଅମୂଲ ମୂଲ

ଆମ କାମ ଆମେ ନିଜେ କରି ଯିବା
କାହାକୁ ଅପେକ୍ଷା କରିବା ନାହିଁ
ଛୋଟ ଛୋଟ କାମ କରି କରି ସିନା
ବଡ କାମ ଆମେ ପାରିବା ଯାଇ

ଗଛଟିକୁ ଦେଖ ଆମ ପାଇଁ କେତେ
ପତ୍ର ଫୁଲ ଫଳ ଅଜାଡ଼ି ଦିଏ
ତାର ଯତ୍ନ ନେଇ ନୂଆ ଚାରା ରୋପି
ଦେଲେ ପରିବେଶ ସଜାଡି ହୁଏ

ବିଜ୍ଞାନରେ କେତେ ନୂଆ ନୂଆ କାମ
ଶିଖି କରି ଆମେ ବଢିବା ଆଗେ
ଆମେ ଭଲ ହେଲେ ଦେଶ ଭଲ ହେବ
ପ୍ରଗତିର ସିଡି ଚଢିବା ବାଗେ ।

ମିଶ୍ରକଲୋନୀ, ଶାଳପଡ଼ା, କେନ୍ଦୁଝର
ଦୂରଭାଷ- ୯୪୩୮୪୧୪୭୦୧

# ସବୁ ଋତୁ ମଧ୍ୟେ ଏ ଋତୁ ସାର

ସୁରମା ମିଶ୍ର

ଆସିଛି ଶୀତ ମନ ଉଷତ
ଆରେ ମିତ ଗାଇବା ଗୀତ
ଶିରି ଶିରି ବହେ ଥଣ୍ଡା ପବନ
ଥରାଇ ଦେଉଛି ତନୁ ଓ ମନ

ବୁଢୀ ମାଆ ମୋର ଶୀତରେ ଥରି
ବସିଥାଏ ସଦା ଉହ୍ମେଇ ଧରି
କଅଁଳ ଖରାରେ ବୁଢ଼ା ଓ ପିଲା
ନିଆଁ ପୋଇଁ କରୁଥାନ୍ତି ହୋ ହାଲ୍ଲା

ବଡ଼ି ସକାଳରୁ ମୋ ବୋଉ ଉଠି
ଶୀତକୁ ନ ଡରି କରେ ପାଇଟି
ମୁଢ଼ି ଭାଜି ତାକୁ ମୁଆଁ କରଇ
ଗୋଟେ ଗୋଟେ ମୁଆଁ ଦିଏ ଧରାଇ

ସେ ମୁଆଁର ସ୍ୱାଦ ଭୁଲି ନୁହଇ
ଖାଇଥିବ ଯିଏ ଜାଣିବ ସେଇ
ଶୀତ ସକାଳଟା ବହୁତ ମଜା
ଭାରି ଭଲ ଲାଗେ ବାଦାମ ଭଜା

ବରଷକେ ଏହି ଶୀତ ଋତୁଟି
ଶସ୍ୟ ଶ୍ୟାମଳରେ ହସେ ଧରାଟି

ଜାତି ଜାତି ତଟକା ପରିବାରେ
ହାଟ ଓ ବଜାର ଶୋଭା ପାଏରେ

ଗରିବଙ୍କ ପାଇଁ ବହୁତ ଦୁଃଖ
ଚଳୁଥାନ୍ତି ସଦା ମାଗିଣ ଭିକ
ଶୀତ କାକରରେ ଶାଙ୍କୁଡ଼ି ହୋଇ
ଖୋଲା ଦେହେ ସେତ ପଡନ୍ତି ଶୋଇ

ଶୀତରେ ସିନା ଥରଇ ଶରୀର
ସବୁ ଋତୁ ମଧ୍ୟେ ଏ ଋତୁ ସାର
ଯାହା ଉପଯୋଗୀ ସ୍ୱାସ୍ଥ୍ୟଟି ପାଇଁ
ସବୁ ଏ ଋତୁଟି ଦିଏ ଯୋଗାଇ ।



ବିଏଲ-୩୯, ଭିଏସଏସ ନଗର, ଭୁବନେଶ୍ୱର
ମୋ- ୯୮୫୩୩୪୩୯୬୫

# ଗାଆଁ ବଢ଼ିଆ

ଶିଶିର କୁମାର ପଣ୍ଡା



ସହର ଠାରୁ ତ ଗାଆଁ ବଢ଼ିଆ
ସହରରେ ଗାଡ଼ି କାରଖାନା ଧୂଆଁ
ଗାଆଁରେ ରହିଛି ବିଲ ପଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ

ଗାଆଁରେ ନିରୋଳା ପବନ ବହେ
ସଞ୍ଜହେଲେ ଆଈ ଗପଟେ କହେ
ଚୁଲିମୁଣ୍ଡେ ବୋଉ ଚକୁଳି କରଇ
ମନଜାଣି ମୋର କଡ଼ କଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ

ଗାଆଁର ପଖାଳ କଖାରୁ ବଡ଼ି
ଛୁଙ୍କଦେଲେ ବାଡ଼ି ଶାଗ ଖରଡ଼ି
ତୁଚ୍ଛ ବି ଲାଗଇ ତା' ଆଗେ ସହର
ମାଛ ମାଂସ ତେଲ ଜଡ଼ ଜଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ

ସହରରେ କୋଠା ମାଳକୁ ମାଳ
ସପନ ସବୁଜ ପତର ଡାଳ
ଗାଆଁରେ ଗଛର ଅଭାବ ନଥାଏ
ପଣସ, ତେନ୍ତୁଳି, ଆମ୍ବ, ନଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ ।

ପାଣି ଆସିଥାଏ ସମୟ ନେଇ
କିଏ ଭରିନିଏ ପାଏନା କେହି
ଗାଆଁରେ ପାଣିର ଅଭାବ ନଥାଏ
ଭରା ସଦା କୂଅ, ଟୁବି ଗଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ

ସହର ଛାଡ଼ିକି ଗାଆଁକୁ ଆସ
ଚାକିରି ନାହିଁ ତ କରିବା ଚାଷ
ସବୁରି ମୁହଁରେ ହସ ଫୁଟେଇବା
ଖୁସି ହେବେ ଆମ ବଡ଼ ବଡ଼ିଆ
ସହର ଠାରୁ ତ ଗାଆଁ ବଢ଼ିଆ ।

କୁଆଁସ, ମେରଦା କାଟିଆ, ଯାଜପୁର
ଆଳାପ: ୮୯୮୧୭୩୭୨୨୮

# ଶୁଭ ସକାଳ

ଡଃ ସନ୍ତୋଷ କୁମାର ପଣ୍ଡା

ସକାଳ କିରଣ ଦେହକୁ ହିତ,
ଉଠ ଉଠ ଡେରି ନ କର ମିତ
ଭିଟାମିନ ଡି ମିଳେ ତ ମାଗଣା,
ନେବାରେ ତାହାକୁ ନ କରି ଊଣା
ଶିଘ୍ର ନିତ୍ୟକର୍ମ କରିଣ ଶେଷ,
ସୂର୍ଯ୍ୟ ନମସ୍କାର କରିବା ଆସ
ଧ୍ୟାନ, ପ୍ରାଣାୟମ, ଆସନ ବଳେ,
ରୋଗ, ବଇରାଗ ପାତାଳ ତଳେ
ନେବ ଗଜା ମୁଗ, ବାଦାମ, ସୋଲା,
ଦେହେ ପିନ୍ଧିଥିବ ପୋଷାକ ଢିଲା
ସକଳ ଶକ୍ତିର ଆଧାର ରବି,
ଉର୍ଜାବାନ ହେବା ସେ କଥା ଭାବି ।

ପ୍ରଧାନାଚାର୍ଯ୍ୟ ଓ ପ୍ରକଳ୍ପ ପ୍ରମୁଖ
ସରସ୍ୱତୀ ବିଦ୍ୟା ମନ୍ଦିର, କେଶବଧାମ,
ଗତିରାଉତପାଟଣା, କଟକ





# ଜେଜେଙ୍କ ଚଷମା ନାହିଁ ତା ଉପମା

ରାମଚନ୍ଦ୍ର ବେହେରା

ଜେଜେଙ୍କ ମୁହଁକୁ କି ସୁନ୍ଦର ଦିଶେ
ତାଙ୍କ ପୁରୁଣା ଚଷମା
ଜେଜେଙ୍କର ସିଏ ବୃଦ୍ଧକାଳ ସାଥୀ
ନାହିଁ ତାହାର ଉପମା
ଶେଯରୁ ଉଠିଲେ ପିନ୍ଧନ୍ତି ଚଷମା
କରନ୍ତି ଅନେକ କାମ
ପେପର ପଢନ୍ତି ସଉଦା ଆଣନ୍ତି
ନିଅନ୍ତି ଗଛର ଯତ୍ନ
ଟୋପି ସୁଇଟର ସରାଗେ ପିନ୍ଧନ୍ତି
କରନ୍ତି ପ୍ରାତଃ ଭ୍ରମଣ
ଗାଈ ପାଇଁ ଭୁଷି ହରଷେ କାଟନ୍ତି
ଭୁଲନ୍ତି ଦେହ କଷଣ
ଝାଳ ବୋହି ଯଦି ଲାଗିଯାଏ କେବେ
ତାଙ୍କ ଚଷମା କାଚରେ
ଗାମୁଛା କାନିରେ ଅତି ଯତନରେ
ପୋଛନ୍ତି ତାହାକୁ ଧୀରେ
ନୂଆ ଚଷମାକୁ ନପିନ୍ଧନ୍ତି କେବେ
କୁହନ୍ତି ପୁରୁଣା ଭଲ
ପୁରୁଣା ଦରବ ସାମନାରେ ନୂଆ
କେବେ ନୁହଁ ସମତୁଲ
ଜେଜେଙ୍କ ଚଷମା ତାଙ୍କ ମିଠା ଡାକ
ଭୁଲି ନପାରଇ ମୁହିଁ
ଆମ ପରିବାର ସଭିଙ୍କ ପରାଣେ
ଜୀଅଁନ୍ତା ଠାକୁର ସେହି ।

ତେନ୍ତୁଳିପଦା, ଜଗତସିଂହପୁର
ମୋ-୭୩୫୫୬୩୪୩୪୬

# ଆମେରେ ସୁନା ରୂପା ମୋତି ମାଣିକ ହୀରା

ନଳିନୀ ଦାଶ

ଆମେରେ ସୁନା ରୂପା ମୋତି ମାଣିକ ହୀରା
ଆମ ପାଇଁ ହସୁଥିବ ଜଗତଟା ସାରା
ଛୋଟ ଅଛୁ କାଲି ହେବୁ ଦେଶ ଭବିଷ୍ୟତ
ରାଇଜରେ ଉଡୁଥିବ ଆମ ଯଶ ନେତ
ଅଝଟିଆ ହୋଇ ଯେବେ ଯାଇଥାଉ ରୁଷି
ଲାଗିଥାଏ ସଂସାରଟା ଗଲା ସତେ ଭାସି
ଖେଳି ବୁଲି ହସି ଖେଳି ଆମେ ଥିଲେ ଖୁସି
ହସ ଫୁଲ ଘର ସାରା ଯାଇଥାଏ ବାସି
ଆମେ ହସୁଥିଲେ ପରା ଜଗତଟା ହସେ
ଆମରି ମହକେ ନିତି ମହ ମହ ବାସେ
ଆଖିରୁ ଲୁହ ଝରିଲେ ଜଗତ କାନ୍ଦଇ
ନିରୋଗ ଥିଲେତ ନାଚୁ ଖେଳୁ ଗୀତ ଗାଇ

ଆମେ ହସିଲେ ଜହ୍ନମାମୁଁ ଆକାଶେ ହସେ
କାନ୍ଦିଲେ ସେ ଜହ୍ନମାମୁଁ ଆମ ଦୁଃଖେ ରୁଷେ
ପକ୍ଷୀଭଳି ଉଡି ଆମେ ହୋଇବୁ ସ୍ୱାଧୀନ
କେବେହେଲେ ହେବୁନାହିଁ ଆମେ କା ଅଧୀନ
ଆମେମାନେ ହେବୁ ଦିନେ ଆଶାର ଆଲୋକ
ଆଲୋକରେ ଝଲସି ଏ ସାରା ମୂଲକ
ଆମ ହାତେ ଗଢ଼ିଦେବୁ ସୁନାର ଭାରତ
ଦେଶ ହିତେ ଲାଗିଥିବୁ ଉଡୁଥିବ ନେତ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ଦୂରଭାଷ-୬୩୭୦୦୯୫୨୪୧



# ଶୀତ ମୋର ମିତ



ନିରଞ୍ଜନ ସାହୁ

ଶୀତ ପାଇଁ ଗୀତ ଲେଖେ
ଶୀତ ସାଜେ ମିତ
ଶୀତ ଏମିତିକା ମିତ
କରିଥାଏ ହିତ

ଶୀତ ସାଥେ ମିତ ବସି
ଭ୍ରମଣରେ ଯାଏ
ଶୀତ ମିତ ହେବା ଦିନୁ
ଭୋଜି କରିଥାଏ

ଶୀତ ମୋର ମିତ ହେଲେ
ଦୂର ହେବ ରୋଗ
ଶୀତ ମିତ ସାଥେ ଥିଲେ
ଲୋଡ଼ାନାହିଁ ଯୋଗ

ଶୀତ ମିତ ହେଲା ବୋଲି
ଆସେ ଲମ୍ବା ରାତି
ଶୀତ ମିତ ହେବା ଦିନୁ
ଶୀତବସ୍ତ୍ର ସାଥି

ଶୀତ ମିତ ହେବା ପରେ
ନାହିଁ ଟାଣ ଖରା
ଶୀତ ମିତ ପାଇଁ ବର୍ଷା
ଇର୍ଷା କରେ ପରା

ଶୀତ ମିତ ଆଣିଥାଏ
ଅମଳର ପର୍ବ
ଶୀତ ମିତ ହୋଇ ଚାଷୀ
କରିଥାଏ ଗର୍ବ

ଶୀତ ମିତ ସାଜି କହେ
ଡରନାହିଁ ମୋତେ
ଶୀତ ମିତ କହିଥାଏ
ଭଲପାଏ ତୋତେ ।

ନିହଲପ୍ରସାଦ, ଗଁଦିଆପାଟଣା,
ଢେଙ୍କାନାଳ-୭୫୯୦୧୬
ମୋ- ୯୯୩୮୭୪୧୫୮୩

## ମା' ଜାଗୁଲାଇ କ୍ରିକେଟ ଟୁର୍ଣ୍ଣାମେଣ୍ଟ

# ଅରିଲୋ ଟିମ୍ ଚାମ୍ପିଅନ



**ଜଗତସିଂହପୁର, ନ୍ୟୁଜ୍‌ବ୍ୟୁରୋ**

ଜଗତସିଂହପୁର ଜିଲ୍ଲା ତିର୍ତ୍ତୋଲ ବ୍ଲକ୍ ଅନ୍ତର୍ଗତ ଗ୍ରାମପଞ୍ଚାୟତ ଅଲଣା ଗ୍ରାମରେ ମା' ଜାଗୁଲାଇ କ୍ରିକେଟ ପଡ଼ିଆରେ ପ୍ରଥମ ଥର ପାଇଁ ଏକ ଟେନିସ୍ ବଲ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ମୁଖ୍ୟ ଅତିଥି ଭାବେ ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ କିଶୋର କୁମାର ସାହୁ ଉଦ୍‌ଘାଟନ କରିଥିବା ବେଳେ ପୁରସ୍କାର ବିତରଣ ଉତ୍ସବରେ ଅଲଣା ଗ୍ରାମର ବସନ୍ତ ପଲାଇ ଓ ନାରାୟଣ ପଲାଇ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୮ ଟିମ୍ ଭାଗ ନେଇଥିବା ବେଳେ ସେଥିରୁ କଟରା ଓ ଅରିଲୋ ଟିମ୍ ମଧ୍ୟରେ ଫାଇନାଲ ଖେଳାଯାଇଥିଲା। ଫାଇନାଲ ମ୍ୟାଚ୍‌ରେ କଟରାକୁ ହରାଇ ଅରିଲୋ ବିଜୟୀ ହୋଇଥିଲା। ଫାଇନାଲରେ ବିଜୟୀ ଟିମ୍‌କୁ ଦୁଇ ହଜାର ଟଙ୍କା ସହିତ ଟ୍ରଫି ଓ ହାରିଥିବା ଟିମ୍‌କୁ ଟ୍ରଫି ସହିତ ପନ୍ଦର ଶହ ଟଙ୍କା ପୁରସ୍କାର ପ୍ରଦାନ କରାଯାଇଥିଲା। ନୂତନ ବର୍ଷରେ ନୂତନ କରି ଅନୁଷ୍ଠିତ ହୋଇଥିବା ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟକୁ ଦେଖିବା ପାଇଁ ହଜାର ହଜାର ଦର୍ଶକ ଉପସ୍ଥିତ ରହି ଖେଳକୁ ଉପଭୋଗ କରିବା ସହିତ ଟୁର୍ଣ୍ଣାମେଣ୍ଟ ଆୟୋଜିତ ନେଇ ଖୁସି ପ୍ରକାଶ କରିଥିଲେ। ଆଗାମୀ ଦିନରେ ଆଉ ଏକ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ କରିବା ପାଇଁ କ୍ରୀଡ଼ାପ୍ରେମୀମାନେ ଦାବି କରିଛନ୍ତି।

# ରୋମାଞ୍ଚକର ସ୍ଥିତିରେ କେପଟାଉନ ଟେଷ୍ଟ : ଭାରତ ୧୫୩ରେ ଅଲଆଉଟ୍



**କେପଟାଉନ**

ମ୍ୟାଚ୍‌ର ପ୍ରଥମ ଦିନରେ ହିଁ ରୋମାଞ୍ଚକର ସ୍ଥିତିରେ ପହଞ୍ଚିଯାଇଛି କେପଟାଉନ ଟେଷ୍ଟ। ପ୍ରଥମେ ଦକ୍ଷିଣ ଆଫ୍ରିକା ମାତ୍ର ୫୫ ରନରେ ଆଉଟ ହେବା ପରେ ଭାରତ ନିଜର ପ୍ରଥମ ଇନିଂସରେ ୧୫୩ ରନରେ ଅଲଆଉଟ ହୋଇଯାଇଛି। ଫଳରେ ଭାରତ ୯୮ ରନରେ ଆଗୁଆ ରହିଛି।

ଭାରତ ପକ୍ଷରୁ ବିରାଟ କୋହଲି ୪୬ ରନ କରିଥିବା ବେଳେ ରୋହିତ ଶର୍ମା ୩୯ ରନ ଓ ଶୁଭମନ ଗିଲ ୩୬ ରନ କରିଥିଲେ। କିନ୍ତୁ ଭାରତର ୭ଜଣ ବ୍ୟାଟ୍ସମ୍ୟାନ ଖାତା ଖୋଲିପାରି ନ ଥିଲେ। ଏପରିକି ଶେଷ ୫ ଜଣ ବ୍ୟାଟ୍ସମ୍ୟାନ କୌଣସି ରନ ଯୋଡ଼ିପାରି ନ ଥିଲେ।

ଦକ୍ଷିଣ ଆଫ୍ରିକାର ୩ ଦ୍ରୁତ ବୋଲର କାସିଗୋ ରବାଡ଼ା, ଲୁଙ୍ଗି ଏନ୍‌ଗିଡି ଓ ନାଣ୍ଡ୍ରେ ବର୍ଗର ୩ଟି ଲେଖାଏଁ ୱିକେଟ ନେଇଥିଲେ ଓ ଭାରତର ଜଣେ ବ୍ୟାଟ୍ସମ୍ୟାନ ରନଆଉଟ ହୋଇଥିଲେ।

ଏହି ମ୍ୟାଚ୍‌ରେ ଦକ୍ଷିଣ ଆଫ୍ରିକା ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଆରମ୍ଭରୁ ହିଁ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମହମ୍ମଦ ସିରାଜ ଦକ୍ଷିଣ ଆଫ୍ରିକା ଟିମ୍‌ର ପ୍ରଥମ ୩ ବ୍ୟାଟ୍ସମ୍ୟାନ ଆଇଡେନ ମାର୍କରାମ, ଡିନ ଏଲଗାର ଓ ଟୋନି ଡି ଜୋର୍ଜିଙ୍କ ୱିକେଟ ନେଇ ଆତଙ୍କ ଖେଳାଇ ଦେଇଥିଲେ। ସେହି ସମୟରେ ଦକ୍ଷିଣ ଆଫ୍ରିକାର ସ୍କୋର ମାତ୍ର ୧୧ ରନ ହୋଇଥିଲା। ସେହିପରି ଯଶପ୍ରୀତ ବୁମରା ଜିସାନ ଷ୍ଟବ୍ସଙ୍କ ୱିକେଟ ନେଇଥିଲେ ପରବର୍ତ୍ତୀ ୩ଟି ପୁଣି ଥରେ ସିରାଜ ଦଖଲ କରିଥିଲେ। ଏହିପରଭାବେ ସିରାଜ ମୋଟ ୬ଟି ୱିକେଟ ନେଇଥିଲେ। ବୁମ୍‌ରା ଓ ମୁକେଶ କୁମାର ୨ଟି ଲେଖାଏଁ ୱିକେଟ ନେଇଥିଲେ। ଦକ୍ଷିଣ ଆଫ୍ରିକା ତରଫରୁ କେଲି ଭେରିଏନ ସର୍ବାଧିକ ୧୫ ରନ ଓ ଡେଭିଡ ବେଣ୍ଡିଙ୍ଗହାମ ୧୨ରନ କରିଥିଲେ। ପ୍ରଥମ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଭାରତକୁ ଏକ ଇନିଂସ ଓ ୩୨ ରନରେ ପରାସ୍ତ କରିଥିଲା।

# ଭିନେଶ ଓ ବଜରଙ୍ଗ ପୁନିଆଙ୍କ ବିରୋଧରେ ଆନ୍ଦୋଳନକୁ ଓହ୍ଲାଇଲେ ଶତାଧିକ କନିଷ୍ଠ ରେସ୍‌ଲର

**ନୂଆଦିଲ୍ଲୀ**

ଭାରତୀୟ କୁସ୍ତି ସଂଘକୁ ନେଇ ଚାଲିଥିବା ବିବାଦ ବୁଧବାର ନୂଆମୋଡ଼ ନେଇଛି। ଏପର୍ଯ୍ୟନ୍ତ ଦିଲ୍ଲୀରେ ଆନ୍ଦୋଳନ କରୁଥିବା ଓ ସମ୍ମାନ ଫେରାଇଥିବା ସାକ୍ଷୀ ମଲ୍ଲିକ, ବଜରଙ୍ଗ ପୁନିଆ ଓ ଭିନେଶ ଫୋଗଟଙ୍କ ବିରୋଧରେ ପ୍ରଦର୍ଶନ ଆରମ୍ଭ ହୋଇଯାଇଛି। ବୁଧବାର ଜନ୍ତର ମନ୍ତରରେ ଶତାଧିକ ରେସଲର ଏକତ୍ରିତ ହୋଇ ୩ ଜଣଙ୍କୁ ବିରୋଧ କରିଛନ୍ତି। ଏହି ଜୁନିୟର ରେସ୍ଲରମାନେ ବସ୍‌ରେ ଦିଲ୍ଲୀ, ହରିୟାଣା ଓ ୟୁପିରୁ ଆସିଛନ୍ତି। ପୋଲିସ ସୂଚନା ଅନୁସାରେ ରେସଲରମାନଙ୍କ ପ୍ରଦର୍ଶନ ସମ୍ପର୍କରେ ପୂର୍ବରୁ କୌଣସି ସୂଚନା ନଥିଲା ସେମାନେ ବାଗପତ ଓ ଛପରୌଲରୁ ଆସିଛନ୍ତି ଏବଂ ଏମାନଙ୍କ ସଂଖ୍ୟା ପାଖାପାଖି ୩୦୦ ବୋଲି ପୋଲିସ କହିଛି। ଏହି ରେସଲରମାନେ ଜନ୍ତରମନ୍ତରରେ ବିରୋଧ ପ୍ରଦର୍ଶନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏମାନେ ଜନ୍ତରମନ୍ତର ପହଞ୍ଚିବା ପରେ ୩ ସିନିୟର ରେସଲରଙ୍କ ବିରୋଧରେ ସ୍ଲୋଗାନ ମଧ୍ୟ ଦେଉଛନ୍ତି। ଉଲ୍ଲେଖ ଯୋଗ୍ୟ ଯେ ୩ ନାମୀ ରେସଲର ଜନ୍ତରମନ୍ତରରେ ମାସାଧିକ କାଳ ରେସ୍ଲିଂ ଫେଡେରେସନ ଇଣ୍ଡିଆ (ଡବ୍ଲୁଏଫଆଇ)ର ତତ୍କାଳୀନ ଅଧ୍ୟକ୍ଷ ବ୍ରୁଜ ଭୂଷଣ ଶରଣ ସିଂହଙ୍କ ବିରୋଧରେ ବିକ୍ଷୋଭ କରିଥିଲେ।

ବିରୋଧ ଯୋଗୁ ବ୍ରୁଜଭୂଷଣ ବେଦଖଲ ହେବା ପରେ ସଂଘର ନିର୍ବାଚନ କରାଯାଇଥିଲା ଏଥିରେ ବ୍ରୁଜଭୂଷଣଙ୍କ ନିକଟତମ ବ୍ୟକ୍ତି ସଞ୍ଜୟ ସିଂହ ବିଜୟୀ ହେବାରୁ ୩ ରେସଲର ଏହାକୁ ବିରୋଧ କରିଥିଲେ। ନିର୍ବାଚନକୁ ନେଇ ରେସଲର ମାନଙ୍କ ମଧ୍ୟରେ ଅସନ୍ତୋଷ ଏତେ ମାତ୍ରାରେ ଥିଲା ଯେ ସେମାନେ ସେମାନଙ୍କ ସମ୍ମାନ ମଧ୍ୟ ଫେରାଇ ଦେଇ ଥିଲେ। ଏବେ ଏହି ରେସଲରଙ୍କ ବିରୋଧରେ ଜୁନିୟର ମାନେ ପ୍ରଦର୍ଶନକୁ ଓହ୍ଲାଇଛନ୍ତି। ଜୁନିୟର ରେସ୍ଲରମାନଙ୍କ କହିବା କଥା ହେଉଛି ସିନିୟର ରେସଲର ମାନଙ୍କ ଆନ୍ଦୋଳନ ଯୋଗୁ ସେମାନଙ୍କ ଇଭେଣ୍ଟ ହୋଇ ପାରୁ ନାହିଁ ଓ ଭାରତରେ ରେସ୍ଲିଂ ବରବାଦ ହେବାରେ ଲାଗିଛି।

# ସୂର୍ଯ୍ୟକୁମାରଙ୍କୁ ମିଳିପାରେ ଆଇସିସି କ୍ରିକେଟର ଅଫ ଦ ଇୟର ୨୦୨୩ ପୁରସ୍କାର

**ନୂଆଦିଲ୍ଲୀ**

ବିଶ୍ୱର ନମ୍ବର ୱାନ ଅନ୍ତର୍ଜାତୀୟ ଟି-୨୦ ବ୍ୟାଟର ସୂର୍ଯ୍ୟକୁମାର ଯାଦବ ପୁଣିଥରେ ହୋଇପାରନ୍ତି ପୁରୁଷ ବର୍ଗରେ ଆଇସିସି କ୍ରିକେଟର ଅଫ ଦ ଇୟର। ଆଇସିସି ଅନ୍ତର୍ଜାତୀୟ ଟି-୨୦ କ୍ରିକେଟ ଅଫ୍ ଦ ଇଅର ୨୦୨୩ ପୁରସ୍କାର ପାଇଁ ତାଙ୍କୁ ନାମାଙ୍କିତ କରାଯାଇଛି। ଏହି ତାଲିକାରେ ନାମାଙ୍କିତ ହୋଇଥିବା ଅନ୍ୟ ୩ ବ୍ୟାଟର ହେଲେ ଜିମ୍ବାୱେର ସିକନ୍ଦର ରାଜା, ଉଗାଣ୍ଡାର ଅଲ୍ପେଶ ରାମଜାନୀ ଓ ନ୍ୟୁଜିଲାଣ୍ଡର ମାର୍କ ଚପମ୍ୟାନ୍। ଏହା ପୂର୍ବରୁ ଗତବର୍ଷ ସୂର୍ଯ୍ୟକୁମାର ଯାଦବ ଏହି ପୁରସ୍କାର ହାତେଇଥିଲେ।

ସୂର୍ଯ୍ୟକୁମାର ଯାଦବ ୨୦୨୩ରେ କ୍ରିକେଟର ଏହି ଶର୍ଟ ଫର୍ମାଟ୍ ଖେଳି ନିଜର ପ୍ରଭାବ ବିସ୍ତାର କରିଥିଲେ। ଗତ ବର୍ଷ ସେ ହାରାହାରି ୪୮.୮୬ ଏବଂ ଷ୍ଟ୍ରାଇକ୍ ହାର ୧୫୫.୯୫ରେ ୧୭ଟି ଇନିଂସ ଖେଳି ୭୩୩ ରନ ସଂଗ୍ରହ କରିଛନ୍ତି। ୨୦୨୩ରେ ସୂର୍ଯ୍ୟକୁମାର ଶ୍ରୀଲଙ୍କା ବିପକ୍ଷ ମ୍ୟାଚରେ ପ୍ରଥମ ଟି-୨୦ ଖେଳିଥିଲେ ବି ମାତ୍ର ୭ ରନ କରିଥିଲେ। କିନ୍ତୁ ପରବର୍ତ୍ତୀ ଦୁଇଟି ମ୍ୟାଚ୍‌ରେ ୫୧ (୩୬ ବଲ) ଏବଂ ୧୧୨ ରନ (୫୧ ବଲ) ର ଇନିଂସ ଖେଳି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ। ଶ୍ରୀଲଙ୍କା ବିପକ୍ଷରେ ଟି-୨୦ ଫର୍ମାଟ୍‌ରେ ମାତ୍ର ୫୧ ବଲ୍‌ରେ ଦ୍ରୁତ ଶତକ ହାସଲ କରିବାରେ ସୂର୍ଯ୍ୟକୁମାର ଦ୍ୱିତୀୟ ଭାରତୀୟ ବ୍ୟାଟର ହୋଇଥିଲେ। ଏହା ପୂର୍ବରୁ ୨୦୧୭ରେ ରୋହିତ ଶର୍ମା ମାତ୍ର ୩୫ ବଲ୍‌ରେ ଏହି ସଫଳତା ହାସଲ କରିଥିଲେ।

## ଅଶୋକ ଦାସ ମେମୋରିଆଲ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

# ଜିମ୍ ଖାନା ରାଉରକେଲା ୪ ୱିକେଟ୍‌ରେ ବିଜୟୀ



**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**

ମୁକୁଟ ବିହୀନ ସମ୍ରାଟ ସ୍ୱର୍ଗତ ଅଶୋକ ଦାସଙ୍କ ଶ୍ରାଦ୍ଧ ଦିବସ ଉଦ୍ଦେଶ୍ୟରେ ଜିଲ୍ଲା କ୍ରିକେଟ୍ ଆସୋସିଏସନ ଓ ମେଲବୋର୍ଣ୍ଣ କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଯାଜପୁର ବ୍ଲକ୍ ନାଥ ସାହି ପଞ୍ଚାୟତର ନୂଆପଡ଼ା ଖେଳପଡ଼ିଆରେ ଷଷ୍ଠ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି। ଆଜିର ଏହି ଟୁର୍ଣ୍ଣାମେଣ୍ଟର ଷଷ୍ଠ ମ୍ୟାଚ୍ ଇଲେଭେନ ଷ୍ଟାର ବୋକାରୋ ଓ ଜିମ୍ ଖାନା ରାଉରକେଲା ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ବୋକାରୋ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଲେଭେନ ଷ୍ଟାର ବୋକାରୋ ନିର୍ଦ୍ଧାରିତ ୨୫ ଓଭର ଖେଳି ୯ ୱିକେଟ୍ ହରାଇ ୯୨ ରନ୍ ସଂଗ୍ରହ କରିଥିଲା। ଦଳପକ୍ଷରୁ ସୁମିତ କୁମାର ୩୮ ରନ୍, ଅଭିଷେକ କୁମାର ୧୬ ରନ୍ ସଂଗ୍ରହ କରିଥିଲେ। ଜିମ୍ ଖାନା ରାଉରକେଲାର ବୋଲର କ୍ରୀଷ୍ଣା ପଲାଇ ୫ ଓଭର ବୋଲିଂ କରି ୨୩ ରନ୍ ଦେଇ ୩ଟି ୱିକେଟ୍ ନେଇଥିବାବେଳେ ପି.ବିଶାଲ ୨ ଓଭର ବୋଲିଂ କରି ୧୧ ରନ୍ ଦେଇ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଏହାର ଜବାବରେ ଜିମ୍ ଖାନା ରାଉରକେଲା ୨୦.୨ ଓଭର ଖେଳି ୬ ୱିକେଟ୍ ହରାଇ ୯୩ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳପକ୍ଷରୁ ବାସୁଦେବ ବେହେରା ୩୪ ରନ୍ ଓ ବର୍ଣ୍ଣି ନାୟକ ୨୫ ରନ୍ ସଂଗ୍ରହ କରିଥିଲେ। ବୁଧବାର ମ୍ୟାଚ୍‌ରେ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଭାବେ କ୍ରୀଷ୍ଣା ପଲାଇଙ୍କୁ ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନର ସଭ୍ୟ ତଥା ମେଲବୋର୍ଣ୍ଣ କ୍ରିକେଟ୍ ଟିମ୍‌ର ପୂର୍ବତନ ଅଧିନାୟକ ଅୟସକାନ୍ତ ଧଳ ପୁରସ୍କୃତ କରିଥିଲେ। ଏହି ମ୍ୟାଚ୍‌ରେ ବରିଷ୍ଠ ବିଜେଡ଼ି ନେତା ତୁଷାରକାନ୍ତ ପରିଡ଼ା, ଜିଲ୍ଲା କ୍ରିକେଟ୍ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ସହ ସମ୍ପାଦକ ଅଭୟ ବଲ୍ଲଭ ପଣ୍ଡା, ସ୍ୱସ୍ତିକ ପହି, ନାଥସାହି ସ୍ଥାନୀୟ ଯୁବନେତା ମନୋଜ କୁମାର ସାହୁ, ଶ୍ରୀଜୟ ମହାପାତ୍ର, ବିଶ୍ୱଜିତ ଦାସ, ଦିବାକର କର ଜ୍ଞାନ ଘଡ଼େଇ ପ୍ରମୁଖ ଉପସ୍ଥିତ ଥିଲେ। ଏହି ମ୍ୟାଚ୍‌କୁ ଶରତ ଜେନା ଓ ଆଶୁତୋଷ ପାଣି ଅମ୍ପାୟାର ଭାବେ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଏସ୍.କେ. କାଶିଫ୍ ଅଲ୍ଲୀ ପରିଚାଳନା କରିଥିଲେ।

# ଟେଷ୍ଟ କ୍ୟାରିୟରରେ ୧୦୦୦ ରନ ପୂର୍ଣ୍ଣ କଲେ ଶୁଭମନ ଗିଲ୍

**କ୍ୟାପ୍‌ଟାଉନ୍**

ଟେଷ୍ଟ କ୍ୟାରିୟରରେ ୧୦୦୦ ରନ ପୂରଣ କଲେ ଟିମ୍ ଇଣ୍ଡିଆ ବ୍ୟାଟର ଶୁଭମନ ଗିଲ୍। ଦକ୍ଷିଣ ଆଫ୍ରିକା ବିପକ୍ଷ ଦ୍ୱିତୀୟ ଟେଷ୍ଟ ମ୍ୟାଚ୍‌ର ପ୍ରଥମ ଇନିଂସରେ ଗିଲ୍ ଏହି ସଫଳତା ହାସଲ କରିଛନ୍ତି। ୨୪ ବର୍ଷୀୟ କ୍ରିକେଟର ଗିଲ୍ ବୁଧବାରର ମ୍ୟାଚ୍‌ରେ ୬ ରନ ହାସଲ କରିବା ପରେ ଟେଷ୍ଟ କ୍ରିକେଟ୍‌ରେ ୧୦୦୦ ରନ୍ ପୂରା କରିଥିଲେ।



କ୍ୟାରିୟର ୩୬ତମ ଇନିଂସରେ ଗିଲ ୧୦୦୦ ରନ୍‌ର ମାଇଲ ଖୁଣ୍ଟ ଅତିକ୍ରମ କରିଛନ୍ତି। ୩ ବର୍ଷ ତଳେ ବକ୍ସିଂ ଡେ ଟେଷ୍ଟରେ ଗିଲ୍ ଅଷ୍ଟ୍ରେଲିଆ ବିପକ୍ଷରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ। ଟେଷ୍ଟ ଫର୍ମାଟ୍‌ରେ ଗିଲ୍‌ଙ୍କ ଆଭରେଜ ୩୦ ଉପରେ ରହିଛି। ଏଥିରେ ସେ ଦୁଇଟି ଅର୍ଦ୍ଧଶତକ ମାରିଥିବା ବେଳେ ଏସିଆ ବାହାରେ ସେ ଗୋଟିଏ ବି ଶତକ ହାସଲ କରିପାରି ନାହାନ୍ତି।

୨୦୨୦ ମେଲବୋର୍ଣ୍ଣରେ ଖେଳାଯାଇଥିବା ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟରେ ଗିଲ ଡେବ୍ୟୁ କରିଥିଲେ। ଏଥିରେ ସେ ୪୫ ଓ ୩୫ ରନ କରିଥିଲେ। ଏଥିରେ ୮ ୱିକେଟ୍‌ରେ ବିଜୟୀ ହୋଇଥିଲା। ସେହିପରି ଗାବା ଓ ବ୍ରିସ୍‌ବେନ୍‌ରେ ୯୧ ରନ୍ ଇନିଂସ ଖେଳିଥିଲେ, ଯେଉଁଥିରେ ଭାରତ ୪ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ୨-୧ରେ ଜିତି ନେଇଥିଲା। ଗିଲ୍ ୫୧.୮୦ ହାରରେ ୨୫୯ ରନ କରିଥିଲେ।

ତେବେ ଚଳିତ ଦକ୍ଷିଣ ଆଫ୍ରିକା ବିପକ୍ଷରେ ଗିଲ୍ ଭଲ ପ୍ରଦର୍ଶନ କରିପାରି ନାହାନ୍ତି। ସେଞ୍ଚୁରିଆନ ଟେଷ୍ଟରେ ସେ ଯଥାକ୍ରମେ ୨ ଓ ୨୬ ରନ କରିଥିଲେ। ସେହିପରି ଦ୍ୱିତୀୟ ଟେଷ୍ଟରେ ପ୍ରଥମ ଇନିଂସରେ ଗିଲ ୩୬ ରନ ହିଁ କରିପାରିଛନ୍ତି। ଇଏସ୍‌ପିଏନ୍‌କ୍ରିକ୍‌ଇନ୍‌ଫୋର ରିପୋର୍ଟ ଅନୁସାରେ, ଗିଲ ଭାରତରେ ମୋଟ ୮ଟି ମ୍ୟାଚ୍ ଖେଳିଥିବା ବେଳେ ୩୨.୦୭ ହାରରେ ଗିଲ ମୋଟ୍ ୪୧୭ ରନ କରିଛନ୍ତି। ଘରୋଇ ମାଟିରେ ଗିଲ୍‌ଙ୍କ ନାଁରେ ଗୋଟିଏ ଶତକ ଓ ଦୁଇଟି ଅର୍ଦ୍ଧଶତକ ରହିଛି। ସେହିପରି ବିଦେଶରେ ଖେଳିଥିବା ୧୦ଟି ମ୍ୟାଚ୍‌ରେ ଶୁଭମନ ଗିଲ ୩୪ରୁ ଅଧିକ ହାରରେ ୫୦୦ରୁ ଅଧିକ ରନ କରିଛନ୍ତି।

OFFICE OF THE NOTIFIED AREA COUNCIL,
PIPLI, DIST-PURI
Ph:06758-241442, E-mail ID- piplinac@gmail.com

INVITATION FOR BID
e-PROCUREMENT NOTICE
No.06/Dt.03.01.2024
C-2263
Bid Reference No:- PIPILI-NAC-1(2)/2024-25
Bid Identification No:- 2024_ORULB_99114

1. Type of Works:-Civil work as mentioned in DTCN
2. Total No of works:-2
3. Bid Value :- As per DTCN
4. Period of completion:- 6 Months.
5. Date and time Schedule:-
Submission Start:- From 12 hours of 05/01/2024
Submission End:- 17 Hrs. of 19/01/2024
6. Opening of Bid in Online:- From 11.00 A.M of 20/01/2024 onwards

Further details and necessary documents can be seen from the procurement portal i.e. www.tendersorissa.gov.in & www.piplinac.in

Yours Faithfully,
Executive Officer
Pipili N.A.C
OIPR-13107/11/0012/2324




# ଷଷ୍ଠତମ ଇଣ୍ଡୋ ନେପାଳ ଚାମ୍ପିଅନସିପ୍ ଦୌଡ଼ରେ ଭାଗ ନେବେ ଜିଲ୍ଲାର ୨ କନିଷ୍ଠ କ୍ରୀଡ଼ାବିତ୍

**କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ**

ଷଷ୍ଠତମ ଇଣ୍ଡୋ ନେପାଳ ଚାମ୍ପିଅନସିପ୍ ୨୦୨୪ ସ୍ପୋର୍ଟ୍ସ ଡେଭଲପମେଣ୍ଟ ଏବଂ ପ୍ରମୋସନ ଫେଡ଼େରେସନ ତରଫରୁ ନେପାଳ ଠାରେ ଆୟୋଜିତ ଆନ୍ତର୍ଜାତୀୟ ଦୌଡ଼ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଜିଲ୍ଲାରୁ ୨ଜଣ ମନୋନୀତ ହୋଇଛନ୍ତି। ଆସନ୍ତା ଜାନୁୟାରୀ ୭ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ନେପାଳ ଠାରେ ଆୟୋଜିତ ହେଉଥିବା ଏହି ଦୌଡ଼ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ କ୍ରୀଡାବିତ୍ ମନୋନିତ ହୋଇଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ବିଶ୍ୱଜିତ ପଣ୍ଡା ଓ ସର୍ବକନିଷ୍ଠ ଭାବେ ସାହାଦତ ଖାନ ମନୋନୀତ ହୋଇଛନ୍ତି। ଏହି ଦୁଇ ଜଣ କ୍ରୀଡ଼ାବିତ୍ ୫ ହଜାର ମିଟର ଦୌଡ଼ ପ୍ରତିଯୋଗିତା ରେ ଭାଗ ନେବେ ବୋଲି ଜଣାପଡ଼ିଛି। ଭାରତରୁ ୧୧୫ ଜଣ ଏହି ଆନ୍ତର୍ଜାତୀୟ ଦୌଡ଼ ପ୍ରତିଯୋଗିତା ରେ ଭାଗ ନେବାକୁ ମନୋନୀତ ହୋଇଥିବା ବେଳେ ଓଡ଼ିଶାର ୫ଜଣ ଏଥିରେ ଅନ୍ତର୍ଭୁକ୍ତ ଥିବାବେଳେ କେନ୍ଦ୍ରାପଡ଼ା ଜିଲ୍ଲାରୁ ୨ଜଣ କ୍ରୀଡ଼ାରେ ଅଂଶ ଗ୍ରହଣ କରିବାକୁ ଯିବେ ବୋଲି ଜଣାପଡିଛି।

# ମୂଲ୍ୟବୋଧ ରାଜନୀତିର ରାଜର୍ଷି ରାଜକିଶୋର ନାୟକ

**ନିରାକାର ଦାସ**
**ବରିଷ୍ଠ କବି ଓ ଲେଖକ**

ରାଜନୀତିରେ ମୂଲ୍ୟବୋଧ ଏବେ ସ୍ୱପ୍ନ। ଉଚ୍ଚ ସଂସ୍କୃତି ଓ ସଂସ୍କାର କଥା କହିଲେ ରାଜନୈତିକ ବ୍ୟକ୍ତିମାନେ କୁହନ୍ତି "ଏସବୁ ରାଜନୀତିରେ ଚଳିବନି ଆଶ୍ରମ ଖୋଲ।" ସଭ୍ୟତା ଯେତେଯେତେ ଆଗକୁ ଆଗକୁ ବଢ଼ିବଢ଼ି ଚାଲିଛି ଆମ ଭିତରୁ ବୌଦ୍ଧିକତା ସେତେସେତେ ଛିଡ଼ିଛିଡ଼ି ଯାଉଛି। ମାନବିକ ମୂଲ୍ୟବୋଧ ଓ ନୀତି ନୈତିକତା ଆମ ଜୀବନଚର୍ଯ୍ୟାରୁ ଦୂରେଇ ଦୂରେଇ ଯାଉଥିବା ବେଳେ ମୂଲ୍ୟବୋଧ ରାଜନୀତିର ରାଜର୍ଷି ତଥା ପାଟକୁରା ଗାନ୍ଧୀ ସ୍ୱର୍ଗତ ରାଜକିଶୋର ନାୟକଙ୍କ ନୀତିନିଷ୍ଠ ଜୀବନଚର୍ଯ୍ୟା, ସେବାମୟ ସଦ୍‌ଭାବନା ଓ ଜ୍ଞାନମୟ ଗୌରବ ଗାଥା ସ୍ୱତଃ ସ୍ମରଣକୁ ଆସିଯାଏ।

ରବୀନ୍ଦ୍ରନାଥ ଠାକୁର କହିଛନ୍ତି "ଜଣେ ମଣିଷ ସୁଖୀ ହେବା ଅତି ସରଳ କିନ୍ତୁ ସରଳ ହେବା ଖୁବ୍ କଠିନ।" ଭଲ ମଣିଷ ହେବା ଏକ ସାଧନା। ପୁଣି ରାଜନୀତିରେ ସରଳ ଓ ଭଲ ମଣିଷ ହୋଇ ତିଷ୍ଠିବା ତତ୍ତ୍ୱଧିକ ସାଧନା। ଅବଶ୍ୟ ସ୍ୱାଧୀନତା ସମୟରେ ଓ ଉତ୍ତର ସ୍ୱାଧୀନତାର କିଛିଦିନ ପାଇଁ ଯେଉଁମାନେ ରାଜନୀତି କରୁଥିଲେ ସେମାନେ ପ୍ରାୟତଃ ନୀତିନିଷ୍ଠ ଥିଲେ। ରାଜକିଶୋର ନାୟକ ଥିଲେ ସେମିତି ଜଣେ ସେବା ଓ ଆଦର୍ଶ ପାଇଁ ସମର୍ପିତ ବ୍ୟକ୍ତିତ୍ୱ। ସେ କୁହନ୍ତି- "ମଣିଷ ମଣିଷର ଶତ୍ରୁ ନୁହେଁ। ମଣିଷ ଜନ୍ମ ହେଇଛି ମଣିଷର ଉପକାର ପାଇଁ। ସଂକୀର୍ଣ୍ଣ ରାଜନୀତିରେ ଶତ୍ରୁମିତ୍ର ଥାଇ ପାରନ୍ତି, କିନ୍ତୁ ତା'ଠାରୁ ଉର୍ଦ୍ଧ୍ୱକୁ ଗଲେ ସାରା ଜଗତ ଗୋଟିଏ ପରିବାର।" ସେ ସଂକୀର୍ଣ୍ଣ ରାଜନୀତିର ବହୁ ଉର୍ଦ୍ଧ୍ୱରେ ଥାଇ ସମାଜର ପରିବର୍ତ୍ତନ କଥା ଭାବୁଥିଲେ। ଦେଶର ବିକାଶ ଗାନ୍ଧିଜୀଙ୍କ ପ୍ରଦର୍ଶିତ ମାର୍ଗରେ ହିଁ ସମ୍ଭବ ହେବ ବୋଲି ଅନୁଭବ କରିଥିଲେ। "ଅନ୍ୟର ସେବାରେ ହଜିଗଲେ ହିଁ ନିଜକୁ ପାଇ ହୁଏ" ଗାନ୍ଧିଜୀଙ୍କ ଏହି ଆଦର୍ଶରେ ଅନୁପ୍ରାଣିତ ହୋଇ ଆଜୀବନ ଅନ୍ୟରେ ସେବାରେ ନିଜକୁ ସମର୍ପଣ କରିଦେଇଥିଲେ। ଆଣ୍ଠୁ ଉପରକୁ ଧୋତି ଓ ଖଦଡ଼ ଚଦରଟିଏ ପିନ୍ଧି ଏହି ଖର୍ବକାୟ ବ୍ୟକ୍ତି ଯେତେବେଳେ ପାଟକୁରା ଗାଁଗାଁରେ ଭୂଦାନ ଓ ସର୍ବୋଦୟ କାମରେ ବାହାରି ପଡ଼ନ୍ତି, ସମସ୍ତଙ୍କ ପାଟିରୁ ସ୍ୱତଃ ବାହାରିଆସେ ପାଟକୁରାର ଗାନ୍ଧୀ ଆସିଗଲେ। ଗାନ୍ଧୀଙ୍କ ଆଦର୍ଶକୁ ଅକ୍ଷରେ ଅକ୍ଷରେ ପାଳନ କରୁଥିବା ଏହି ମହାତ୍ମା ଜୀବନରେ କେବେ ଅନ୍ୟାୟ, ଅନୀତି ନିକଟରେ ମୁଣ୍ଡ ନୁଆଁଇ ନାହାନ୍ତି କି କେବେ ବି ଦୁର୍ନୀତିର ଛାଇ ସୁଦ୍ଧା ମାଡ଼ି ନାହାନ୍ତି।

ସେ ଖଦୀବୋର୍ଡ଼ର ଚେୟାରମ୍ୟାନ୍ ଥା'ନ୍ତି। ଦିନେ ତାଙ୍କ ଶାଳକ ସାନ ଭଣଜା (ବର୍ତ୍ତମାନର ମାନ୍ୟବର ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ)ଙ୍କୁ ଧରି ମିଳିଥିବା ସରକାରୀ ଗାଡ଼ିରେ ମିଠା କିଣିବାକୁ ଚାଲିଯାଇଥିଲେ। ଫେରି ଆସିଲା ପରେ ରାଜକିଶୋର ପ୍ରଚଣ୍ଡ ବିରକ୍ତି ହୋଇ କହିଥିଲେ- "ସରକାରୀ ଗାଡ଼ି କ'ଣ ହୋଇଛି ବ୍ୟକ୍ତିଗତ କାମରେ ଲାଗିବା ପାଇଁ।" ଦୁଇଜଣ ଖୁବ୍ ଗାଳି ଖାଇଥିଲେ। ଚାଣକ୍ୟଙ୍କ ଦୁଇଟି ବତୀ ଭଳି ଗୋଟିଏ ସରକାରୀ କାର୍ଯ୍ୟ ଅନ୍ୟଟିରେ ବ୍ୟକ୍ତିଗତ କାର୍ଯ୍ୟ ପରି ମହାତ୍ମା ରାଜକିଶୋର ବ୍ୟକ୍ତିଗତ କାର୍ଯ୍ୟରେ ଗଲେ ଚାଲିଚାଲି ବରଂ ଯିବେ ସରକାରୀ ଗାଡ଼ି କେବେ ବି ବ୍ୟବହାର କରିନାହାନ୍ତି। ଏମିତି ନିଷ୍ଠାପରତାର ବହୁ ଉଦାହରଣ ତାଙ୍କ ଜୀବନଚର୍ଯ୍ୟାରେ ରହିଛି। ସରକାରୀ ବ୍ୟବସ୍ଥାର କୌଣସି ଫାଇଦା ତାଙ୍କ ବ୍ୟକ୍ତିଗତ ଜୀବନ ପାଇଁ ସେ ଉଠାଇ ନାହାନ୍ତି। ପାଟକୁରାର ବିଧାୟକ ଥିବାବେଳେ ସେ ସାମାନ୍ୟତମ କ୍ଷମତାର ଅପବ୍ୟବହାର କରି ନାହାନ୍ତି। ବରଂ ତାଙ୍କର ଦରମା ଟଙ୍କାକୁ ଗରିବ, ନିଃସହାୟମାନଙ୍କୁ ନିଜ ପରିବାରର ଅଜାଣତରେ ଦେଇ ଦେଇଥା'ନ୍ତି। ସ୍ୱାଭାବତଃ ପିଲାଦିନୁ ସେ ଥିଲେ ଜଣେ ଅତ୍ୟନ୍ତ ଦରଦୀ ମନୋଭାବର ସ୍ୱତନ୍ତ୍ର ମଣିଷ। ଗ୍ରାମବାସୀଙ୍କ ମଧ୍ୟରୁ କେହି ବି ଦୁର୍ଗତ, ଦରିଦ୍ର, ନିଃସହାୟ ନିଃସଂକୋଚରେ ତାଙ୍କ ପାଖରେ ପହଞ୍ଚି ମନ ଖୋଲି ଜଣାଇ ପାରୁଥିଲେ ନିଜର ଦୁଃଖକଷ୍ଟ। ଘରୁ ଚାଉଳ ମାଣ ମାଣ ଲୁଚାଇ ଆଣି ଅଜାଡ଼ି ଦେଉଥିଲେ ଏମାନଙ୍କ ଅଣ୍ଟିରେ। ଶିକ୍ଷକତା ସମୟରେ ଦରମା ଟଙ୍କା ନିଃଶେଷ ହୋଇଯାଉଥିଲା ସେହିବାଟରେ। ଅନ୍ୟକୁ ଦେବାରେ ସେ ପରମ ତୃପ୍ତି ଲାଭ କରୁଥିଲେ। ଦିନେ ତାଙ୍କ ପୁତ୍ର ଅତନୁଙ୍କ ନିକଟରେ ଥିବା ଗୋଟେ ପିଲା ବ୍ୟସ୍ତ ହୋଇ କହିଲା – "ଆପଣ ଜାଣି ନାହାନ୍ତି ଜେଜେ ପ୍ରତି ମାସରେ ମୋ ହାତରେ ଗାଁର କିଛି ଲୋକଙ୍କ ପାଖକୁ ଟଙ୍କା ପଠାଉଛନ୍ତି। ସେଥିରୁ ଅଧିକାଂଶ ଲୋକ ଆମ ଦଳର ନୁହଁନ୍ତି।" ନିଜ ପେନ୍‌ସନ୍ ପଇସାରୁ କିଛି ଗରିବ ଲୋକଙ୍କ ପାଖକୁ ପ୍ରତିମାସରେ ସେ ପଇସା ପଠାନ୍ତି। ଦଳମତ ନିର୍ବିଶେଷରେ ସେ ଥିଲେ ଜଣେ ସର୍ବପ୍ରିୟ ବ୍ୟକ୍ତିତ୍ୱ, ଯାହାଙ୍କର କେହି ଶତ୍ରୁ ନଥିଲେ। ସେଥିଲେ ଅଜାତଶତ୍ରୁ। ସେ କାହାକୁ କେବେ ପର ଭାବୁ ନଥିଲେ। ଏତେ ମାତ୍ରାରେ ସିଏ ତ୍ୟାଗୀ ଓ ସଂସ୍କାରୀ ଥିଲେ ଯାହା ବର୍ତ୍ତମାନ ସମୟରେ ସ୍ୱପ୍ନରେ ଭାବି ହୁଏନି। ପୂଜା, ପାର୍ବଣରେ ତାଙ୍କ ପିଲାମାନେ ଯେତେବେଳେ ନୂଆ ପୋଷାକ ପାଇଁ ଅଳି କରନ୍ତି, ସେ ପିଲାଙ୍କୁ ବୁଝେଇ କୁହନ୍ତି – "ଗାଁରେ ସବୁ ଘରର ପିଲା ଯେଉଁ ଦିନ ନୂଆ ପୋଷାକ ପିନ୍ଧି ପାରିବେ, ତମେ ସେଦିନ ପିନ୍ଧିବ। ତୁମେ ନୂଆ ପିନ୍ଧିବ, ଅଥଚ ଗରିବ ପିଲାଟିଏ ଛିଣ୍ଡା ଫଟା ପିନ୍ଧିଥିବ, ତୁମକୁ ଭଲ ଲାଗିବ କି?" ଏପରିକି ଜଣେ ଗରିବ ମେଧାବୀ ଛାତ୍ରକୁ ପାଠପଢ଼େଇବା ପାଇଁ ନିଜ ପତ୍ନୀଙ୍କ ଅଳଙ୍କାର ମଧ୍ୟ ବିକି ଦେଇଥିଲେ। ସବୁଠୁ ବଡ଼କଥା ହେଉଛି ପତ୍ନୀ ନିର୍ମଳପ୍ରଭା ବିରୋଧ କରିବା ଦୂରର କଥା ସେ ମଧ୍ୟ ସହଯୋଗ କରିଥିଲେ। ଦଳିତ ଓ ଅସ୍ପୃଶ୍ୟମାନଙ୍କ ପ୍ରତି ତାଙ୍କର ଥିଲା ଅଶେଷ ଶ୍ରଦ୍ଧାଭାବ। ଜାତିଭେଦର ସଂକୀର୍ଣ୍ଣତା ଠାରୁ ସେ ଖୁବ୍ ଉର୍ଦ୍ଧ୍ୱରେ ଥିଲେ। ଅସ୍ପୃଶ୍ୟବ୍ୟକ୍ତିଟି ଆସିଲେ ତାଙ୍କୁ ଘରେ ବସାଉଥିଲେ ଏବଂ ନିଜେ ସେମାନଙ୍କ ଘରେ ଖାଉଥିଲେ ଏବଂ ସବୁ ଜାଗାରେ ତାଙ୍କୁ ସମାନଭାବେ ସମ୍ମାନ ଦେବାକୁ ସମସ୍ତଙ୍କୁ ପ୍ରୋତ୍ସାହିତ କରୁଥିଲେ। ମଣିଷ ପଣିଆର ଏହି ଉତୁଙ୍ଗ ବ୍ୟକ୍ତିତ୍ୱ ଜୀବନର ପ୍ରତିଟି ମୁହୂର୍ତ୍ତକୁ ଜନକଲ୍ୟାଣ କାର୍ଯ୍ୟରେ ନିୟୋଜିତ ରଖୁଥିଲେ। ପାଟକୁରାର ଆର୍ଥିକ ବିକାଶରେ ଯେତିକି ଧ୍ୟାନ ଦେଉଥିଲେ ତା'ଠାରୁ ଅଧିକ ସେ ଆତ୍ମିକ ବିକାଶରେ ଲାଗି ପଡ଼ିଥିଲେ। ଗାନ୍ଧୀ, ବିନୋବାଙ୍କ ବାଣୀକୁ ଘରେ ଘରେ ପ୍ରଚାର କରି ସେ ମଣିଷ ଭିତରେ ଥିବା ଜଡ଼ତାକୁ ଭାଙ୍ଗି, ଉଚ୍ଚ ସଂସ୍କୃତି ଓ ସଂସ୍କାରର ଭାବାବେଗ ସୃଷ୍ଟି କରିବାକୁ ଚାହୁଁଥିଲେ। ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ରମାଦେବୀଙ୍କ ପରି ସ୍ୱାଧୀନତା ସଂଗ୍ରାମୀଙ୍କ ସହ ସର୍ବୋଦୟ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ।


୧୪ତମ ଶ୍ରାଦ୍ଧ ବାର୍ଷିକ ଉପଲକ୍ଷେ

ତାଙ୍କ ଜୀବନ ଥିଲା ଆରମ୍ଭରୁ ପ୍ରେମ ଓ କରୁଣାର ଅନବଦ୍ୟ କାବ୍ୟ। ବାଲ୍ୟକାଳରୁ ଏହି ସ୍ୱାଧୀନ ଚେତା ମଣିଷ, ତ୍ୟାଗ ତିତୀକ୍ଷାର ମୂର୍ତ୍ତିମନ୍ତ ପ୍ରତୀକ ୧୯୪୫ ମସିହାପରେ ଶିକ୍ଷକତା ଜୀବନକୁ ଶ୍ରେୟ ମଣିଥିଲେ। ଜଣେ ଆଦର୍ଶ ଶିକ୍ଷକର ସମସ୍ତ ଗୁଣାବଳୀ ପ୍ରତିବିମ୍ବିତ ହେଉଥିଲା ତାଙ୍କ ଜୀବନରେ। ଯାହା ଛାତ୍ରଛାତ୍ରୀଙ୍କୁ ଖୁବ୍ ଆକୃଷ୍ଟ କରୁଥିଲା। ମହାତ୍ମା ଗାନ୍ଧୀଙ୍କ ଭଳି ଅତି କଠୋର ଥିଲା ତାଙ୍କ ନୀତି, ନିୟମ ଯାହା ଉତ୍ତମ ଛାତ୍ର ଗଠନରେ ସହାୟକ ହେଉଥିଲା। ସେ ଥିଲେ ଗାନ୍ଧୀଯୁଗର ଶେଷ ସନ୍ଥ। ଦେବତା ପର୍ଯ୍ୟାୟର ଏହି ମହାମାନବ କେବଳ ରାଜନୀତିଜ୍ଞ କି ସ୍ୱାଧୀନତା ସଂଗ୍ରାମୀ ନଥିଲେ, ଜଣେ ସମାଜ ସଂସ୍କାରକ ଭାବେ ସେ ବହୁ ଘାତ ପ୍ରତିଘାତକୁ ସାମ୍ନା କରି ନିଜର ଆଦର୍ଶକୁ ଅକ୍ଷୁଣ୍ଣ ରଖି ସମସ୍ତଙ୍କ ଭିତରେ ସ୍ୱତନ୍ତ୍ର ସ୍ଥାନ ନେଇ ପାରିଥିଲେ। ପାରମ୍ପରିକ ବ୍ୟୟବହୁଳ ବିବାହର ସେଥିଲେ ପ୍ରଚଣ୍ଡ ବିରୋଧୀ। ନିଜ ବିବାହ ବିନା ଯୌତୁକ ସହ ନିରାଡ଼ମ୍ବର ଭାବେ ପାଲିଙ୍କିରେ ନ ବସି ଚାଲି ଚାଲି ଆସି ସମସ୍ତଙ୍କୁ ଚମତ୍କୃତ କରିଥିଲେ। ସେହିପରି ନିଜ ପୁତ୍ରକନ୍ୟାଙ୍କ ବିବାହ ବିନା ଯୌତୁକରେ କରିଥିଲେ। ଜାତି, ଯୌତୁକ, ଜାତକର ସେ ଥିଲେ ଘୋର ବିରୋଧୀ।

ଆଜି ଯେତେବେଳେ ବଣ, ପାହାଡ଼, ସବୁଜିମା ଧ୍ୱଂସ ହୋଇ ପଶୁ ପକ୍ଷୀଙ୍କ ଅକାଳ ମୃତ୍ୟୁ ଘଟୁଛି। ପ୍ରତିଟି ମଣିଷ ବର୍ତ୍ତମାନ ଋଷି ପ୍ରତୀମ ରାଜକିଶୋରଙ୍କ ଜୀବନକୁ ନିଦର୍ଶନ କରି ଦେଖିବା ଉଚିତ୍, ସେ କେମିତି ପିଲାଦିନୁ ପଶୁପକ୍ଷୀଙ୍କୁ ପାଳିବାରେ ଖୁବ୍ ଆନନ୍ଦ ପାଉଥିଲେ। କୁକୁର, ବିଲେଇ, ଗାଈଗୋରୁ, ବଣି, ପାରା ଆଦି ପଶୁ ପକ୍ଷୀଙ୍କୁ ସେ ପାଳୁଥିଲେ। ସେ କାଉ ଓ ଘୁ'କାଳିକା ମଧ୍ୟ ପୋଷିଥିଲେ। ଏମାନଙ୍କ ସଂଖ୍ୟାଥିଲା ଶହେରୁ ଅଧିକ। ଯେଉଁ ଦିନ ତାଙ୍କ ଘରେ ଥିବା ମେଣ୍ଢାଛୁଆ ମରିଯାଇଥିଲା ବାଳକ ରାଜକିଶୋର ଆଖିରୁ ଦୁଇଦିନ ଯାଏ ଲୁହ ଶୁଖି ନଥିଲା। ତାଙ୍କର ଏହି ଅନନ୍ୟ ପ୍ରେମ ଓ ଭଲ ପାଇବା ଅଶୁରେଶ୍ୱର ଗୋରକ୍ଷଣୀ ସ୍ଥାପନା କରିବାକୁ ପ୍ରେରଣା ଯୋଗାଇଥିଲା। ଗୋରୁଗାଈମାନଙ୍କୁ ଅଚଳ ବୃଦ୍ଧବୃଦ୍ଧା ହୋଇ ଗଲାପରେ ତାଙ୍କୁ ପରିତ୍ୟକ୍ତ କରିଦିଏ ଆମ ସମାଜ। ଏମାନଙ୍କର ଦୟନୀୟ ଜୀବନ ବ୍ୟଥିତ କରୁଥିଲା କିଶୋର ରାଜକିଶୋରଙ୍କୁ। ଯେଉଁଥି ପାଇଁ ଏହି ପରିତ୍ୟକ୍ତ ଗାଈଗୋରୁଙ୍କୁ ଗୋରକ୍ଷଣୀ କରି ତାଙ୍କ ସେବା ସୁଶ୍ରୁଷାରେ ଲାଗିପଡ଼ିଲେ। ଘର ଘର ବୁଲି ମୁଠି ଚାଉଳ ସଂଗ୍ରହ କରି ଏହି ଦୁଃସ୍ଥ ପ୍ରାଣୀଙ୍କ ପୋଷଣ କରୁଥିଲେ। ଆଜି ସେହି ଗୋରକ୍ଷଣୀ ତାଙ୍କ ସୁଯୋଗ୍ୟ ପୁତ୍ର ଅତନୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଆଦର୍ଶ ପୀଠରେ ପରିଣତ ହୋଇ ଶହ ଶହ ଦୁସ୍ଥ ଗୋରୁଗାଈଙ୍କ ସେବା କରାଯାଉଛି।

ପ୍ରବାଦ ପୁରୁଷ ବିଜୁବାବୁଙ୍କ ଅନୁରୋଧରେ ଶିକ୍ଷକତା ଛାଡ଼ି ରାଜନୀତିରେ ପାଦ ଦେଇଥିବା ଏହି ଆଜୀବନ ସନ୍ଥ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ ନୀତିଭ୍ରଷ୍ଟ ହୋଇ ନଥିଲେ, ନିଜ ଆଦର୍ଶରେ ଅଟଳ ଥିଲେ। ୧୯୨୫ ନଭେମ୍ବର ୧୨ରେ ଜନ୍ମିତ ଏହି ମହାନ୍ ଦେଶପ୍ରେମୀ ଓ ପ୍ରଚଣ୍ଡ ପ୍ରତିଭାଶାଳୀ ବ୍ୟକ୍ତିତ୍ୱ ୮୫ ବର୍ଷ ବୟସରେ ୨୦୧୦ ମସିହା ଆଜିର ଦିନରେ ଇହଧାମ ତ୍ୟାଗ କରିଥିଲେ। ଏବେ ବି ପାଟକୁରା ମାଟି ଓ ଅସୁରେଶ୍ୱର ଗୋରକ୍ଷଣୀ ଝୁରୁଛି ତା' ମାଟିର ମହାତ୍ମାଙ୍କୁ।

ମୋ : ୯୪୩୭୦ ୧୩୧୩୯





# ଏନ୍‌ଏଲ୍‌ସି ପକ୍ଷରୁ କମ୍ବଳ, ମଶାରୀ ଓ ପାଣିବୋତଲ ବଣ୍ଟନ



**ସମ୍ବଲପୁର, ନ୍ୟୁଜ୍ ବ୍ୟୁରୋ**
ରେଙ୍ଗାଲି ବ୍ଲକ୍ ଅର୍ନ୍ତଗତ ଖିଣ୍ଡା ପଞ୍ଚାୟତର ବୃଦ୍ଧ, ଭିନ୍ନକ୍ଷମ ଓ ବିକଳାଙ୍ଗମାନଙ୍କୁ ଏନ୍‌ଏଲ୍‌ସି ଇଣ୍ଡିଆର ସିଏସ୍‌ଆର୍ ତରଫରୁ ମଙ୍ଗଳବାର ଦିନ କମ୍ବଳ, ମଶାରୀ ଓ ପାଣିବୋତଲ ବଣ୍ଟନ କରାଯାଇଛି । ଏହା ଖିଣ୍ଡା ପଞ୍ଚାୟତର ୬୪୦ ଜଣ ଭତ୍ତା ପାଉଥିବା ଲୋକଙ୍କ ପାଇଁ ପ୍ରଦାନ କରାଯାଇଛି । ପ୍ରଥମେ ବରିଷ୍ଠ ବୃଦ୍ଧମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ମାନୀତ କରାଯିବା ପରେ କମ୍ବଳ, ମଶାରୀ ଓ ପାଣିବୋତଲ ଖିଣ୍ଡା ଗ୍ରାମ ପଞ୍ଚାୟତର ସରପଞ୍ଚ ସନ୍ଧ୍ୟାରାଣୀ ପ୍ରଧାନଙ୍କ ଉପସ୍ଥିତିରେ ଖିଣ୍ଡା ପଞ୍ଚାୟତ ସମ୍ମୁଖରେ ବଣ୍ଟନ କରିଥିଲେ । ଏହି ଅବସରରେ ଏନ୍‌ଏଲ୍‌ସିର ଜିଏମ୍‌ଏଚ୍‌ଆର୍ ନିରଜ ସିହ୍ନା, ଡିଜିଏମ ଏଚ୍‌ଆର୍ ସୁବ୍ରତ ବିଶ୍ୱାଳ ବଣ୍ଟନ ପ୍ରକ୍ରିୟା ଶୁଭାରମ୍ଭ କରିବା ସହିତ ଅଞ୍ଚଳ ପାଇଁ ଉତ୍ସର୍ଗୀକୃତ କରିଥିଲେ । ଜିଏମ୍‌ଏଚ୍‌ଆର କହିଥିଲେ ଅଞ୍ଚଳର ଭିନ୍ନକ୍ଷମ ଲୋକଙ୍କ ଯଦି କାହାର ଟ୍ରାଇସାଇକେଲ, ମେଡିକାଲ ପାଇଁ କିଛି ଦରକାର ତେବେ ପଞ୍ଚାୟତ କିମ୍ବା ସିଧାସଳଖ କମ୍ପାନୀକୁ ଦରଖାସ୍ତ କଲେ ଆମ୍ଭେ ବ୍ୟବସ୍ଥା କରିବୁ ବୋଲି କହିଥିଲେ ।

# ବାଜ୍ୟାପ୍ତି ହେବ ଅର୍ଥତତ୍ତ୍ୱର ସମ୍ପତି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଚିଟଫଣ୍ଡ ସଂସ୍ଥା ଅର୍ଥତତ୍ତ୍ୱର ସ୍ଥାବର ଅସ୍ଥାବର ସମ୍ପତି ବାଜ୍ୟାପ୍ତ କରିବାକୁ କଟକ ସ୍ୱତନ୍ତ୍ର ଚିଟଫଣ୍ଡ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି । ସଂସ୍ଥାର ଭୁବନେଶ୍ୱର, ଖୋର୍ଦ୍ଧା, ପୁରୀ, ଗଞ୍ଜାମ ଓ ଅନୁଗୋଳ ଆଦି ସ୍ଥାନରେ ଥିବା ପ୍ରାୟ ୧୧୦ ଏକରରୁ ଅଧିକ ଜମି ବାଜ୍ୟାପ୍ତି ହେବ। ଏହାସହ ବିଭିନ୍ନ ବ୍ୟାଙ୍କରେ ଥିବା ୨ କୋଟି୧୭ ଲକ୍ଷରୁ ଅଧିକ ଟଙ୍କା ଏବଂ ୧୧ଟି ମୂଲ୍ୟବାନ ଗାଡ଼ି ବାଜ୍ୟାପ୍ତି ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ଏହି ସବୁ ସମ୍ପତି ବାଜ୍ୟାପ୍ତି କରି ସାଧାରଣରେ ନିଲାମ କରିବାକୁ କୋର୍ଟ କହିଛନ୍ତି। ନିଲାମରୁ ମିଳିବାକୁ ଥିବା ଅର୍ଥ କ୍ଷତିଗ୍ରସ୍ତ ଜମାକାରୀଙ୍କ ମଧ୍ୟରେ ବାଂଟିବା ପାଇଁ କୋର୍ଟ ତାଙ୍କ ରାୟରେ କହିଛନ୍ତି।

# ପୂର୍ବତଟ ରେଳପଥ ମହାପ୍ରବନ୍ଧକଙ୍କ ଦ୍ୱାରା ଖୋର୍ଦ୍ଧା ରୋଡ୍-ଦଶପଲ୍ଲା ରେଳ ସେକ୍ସନ ନିରୀକ୍ଷଣ



**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ବୁଧବାର ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ଖୋର୍ଦ୍ଧା ରୋଡ-ଦଶପଲ୍ଲା ରେଳ ସେକ୍ସନ ନିରୀକ୍ଷଣ କରି ଚାଲୁରହିଥିବା ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟ ସହିତ ନିରାପତ୍ତା ଏବଂ ଯାତ୍ରୀ ସୁବିଧା ଗୁଡିକର ସମୀକ୍ଷା କରିଛନ୍ତି ।
ଶ୍ରୀ ଶର୍ମା ତାଙ୍କ ନିରୀକ୍ଷଣ ସମୟରେ ବିଭିନ୍ନ ଯାତ୍ରୀ ସୁବିଧା, ପାର୍କିଂ କ୍ଷେତ୍ରର ବିକାଶ, ଚଳପ୍ରଚଳ ଅଞ୍ଚଳ, ଲ୍ୟାଣ୍ଡସ୍କିପିଙ୍ଗ ଇତ୍ୟାଦିର ଅଗ୍ରଗତି ସମ୍ବନ୍ଧରେ ଅବଗତ ହୋଇଥିବାବେଳେ ଦଶପଲ୍ଲା ରେଳ ଷ୍ଟେସନରେ ବିଭିନ୍ନ ଭିତ୍ତିଭୂମି ସମ୍ବନ୍ଧୀୟ କାର୍ଯ୍ୟର ସ୍ଥିତି ସମୀକ୍ଷା କରିଥିଲେ ।
ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପ ହେଉଛି ଏକ ଜନ କୈନ୍ଦ୍ରିକ ପ୍ରକଳ୍ପ ଯାହାକୁ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ନିୟମିତ ଭାବେ ତଦାରଖ କରୁଛନ୍ତି । ଏହି ପ୍ରକଳ୍ପ ଉକ୍ତ ଅଞ୍ଚଳର ଅର୍ଥନୀତିକୁ ବୃଦ୍ଧି କରିବା ସହିତ ପଶ୍ଚିମ ଓଡ଼ିଶା ଏବଂ ଉପକୂଳ ଓଡ଼ିଶା ମଧ୍ୟରେ ସାମାଜିକ-ସାଂସ୍କୃତିକ ସଂଯୋଗକୁ ବୃଦ୍ଧି କରିବ ।
ଖୋର୍ଦ୍ଧା ରୋଡ୍-ବଲାଙ୍ଗୀର ରେଳ ଲାଇନ ପ୍ରକଳ୍ପର ୩୦୧ କିଲୋମିଟର ଦୈର୍ଘ୍ୟ ମଧ୍ୟରୁ ମୋଟ ୧୫୨.୮ କିଲୋମିଟର କାର୍ଯ୍ୟ ସମାପ୍ତ ହୋଇଛି । ସେଥିମଧ୍ୟରୁ ଖୋର୍ଦ୍ଧା ରୋଡରୁ ଦଶପଲ୍ଲା ପର୍ଯ୍ୟନ୍ତ ୧୦୫.୮ କିଲୋମିଟର ଏବଂ ବଲାଙ୍ଗୀରରୁ ସୋନପୁର ପର୍ଯ୍ୟନ୍ତ ପ୍ରାୟ ୪୭ କି.ମି. ପର୍ଯ୍ୟନ୍ତ କାର୍ଯ୍ୟ ସମାପ୍ତ ସରିଛି । ୨୦୨୪ରେ ସୋନପୁରରୁ ପୁରୁଣାକଟକ ପର୍ଯ୍ୟନ୍ତ ୭୩ କିଲୋମିଟର ରେଳ ଲାଇନ ମଧ୍ୟ ସଂପୂର୍ଣ୍ଣ କରିବାକୁ ପୂର୍ବତଟ ରେଳପଥ ଲକ୍ଷ୍ୟ ଧାର୍ଯ୍ୟ ରଖିଛି ।

# ବି.ଏସ୍.କେ.ୱାଇ ନବୀନ କାର୍ଡ ରେଜିଷ୍ଟ୍ରେସନ୍ ପାଇଁ ପ୍ରସ୍ତୁତି ବୈଠକ

**ଜଗତସିଂହପୁର, ନ୍ୟୁଜ ବ୍ୟୁରୋ**
ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଲକ୍ଷ୍ୟ ରେ ସରକାରୀ ଓ ବେସରକାରୀ ହସ୍ପିଟାଲ ମାନଙ୍କରେ ଉପଲବ୍ଧ ସୁବିଧା ର ସର୍ବାଧିକ ଉପଯୋଗ କରିବା ପାଇଁ ବି ଏସ୍ କେ ୱାଇ ପରିସର କୁ ସମ୍ପ୍ରସାରିତ କରାଯାଉଛି। ଏଥିରେ ରେଜିଷ୍ଟ୍ରେସନ୍ ପାଇଁ ପୋର୍ଟାଲ www. bskynabin. odisha. gov. in ଟି ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୧୬ ତାରିଖ ପର୍ଯ୍ୟନ୍ତ ଖୋଲା ରହିବ।ଏହି ବିଷୟରେ ଜନସାଧାରଣଙ୍କୁ ସଚେତନ କରାଇବା ନିମନ୍ତେ ଆଜି ଜିଲ୍ଲା ପରିଷଦ ର ମୁଖ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ରବିନାରାୟଣ ଜେଠୀଙ୍କ ଅଧ୍ୟକ୍ଷତାରେ, ଆଭାସୀ ମାଧ୍ୟମରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଜେଠୀ ସମସ୍ତ ବ୍ଲକ୍‌ର ବି ଡି ଓ ମାନଙ୍କୁ ଏଥିପ୍ରତି ଧ୍ୟାନ ଦେଇ ପ୍ରତ୍ୟେକ ବ୍ୟକ୍ତି ପାଖରେ ଏହି ସୂଚନା ପହଞ୍ଚାଇବାକୁ ପରାମର୍ଶ ଦେଇଥିଲେ ।ଆଗାମୀ ୬ ତାରିଖ ଠାରୁ କାର୍ଡ ପାଇଁ ରେଜିଷ୍ଟ୍ରେସନ୍ ଆରମ୍ଭ ହେଉଥିବାରୁ , ୧ରୁ ୬ ତାରିଖ ପର୍ଯ୍ୟନ୍ତ ସଚେତନତା ଜାରି ରଖି ସମସ୍ତ ହିତାଧିକାରୀ ମାନଙ୍କୁ ଏହି ସୁବିଧା ରେ ଅନ୍ତର୍ଭୁକ୍ତ କରିବା ପାଇଁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବିଦ୍ୟାଳୟ ଗୁଡିକ ରେ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ସଚେତନ କରି ପିଲା ମାନଙ୍କ ମାଧ୍ୟମରେ ପିତା ମାତା ଙ୍କ ପାଖରେ ସୂଚନା ପହଞ୍ଚାଇବା , ଅଙ୍ଗନବାଡି କର୍ମୀ ତଥା ଆଶା କର୍ମୀ, ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ମଧ୍ୟ ଏହି ସଚେତନତା ଅଭିଯାନରେ ସାମିଲ କରିବା ପାଇଁ ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଶ୍ରୀ ଜେଠୀ। ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଶ୍ରୀ କ୍ଷେତ୍ରବାସୀ ଦାଶ ବି ଏସ୍ କେ ୱାଇ ନବୀନ କାର୍ଡର ବିସ୍ତୃତ ବିବରଣୀ ଦେଇଥିଲେ। ଏହା ଅନୁଯାୟୀ, ପୂର୍ବରୁ ବି ଏସ୍ କେ ୱାଇ କାର୍ଡ ପାଇଥିବା ଏବଂ ରେସନ୍ କାର୍ଡ ଅନ୍ତର୍ଭୁକ୍ତ ପରିବାରଙ୍କ ନିମନ୍ତେ କାର୍ଡ ପାଇବାର ଯୋଗ୍ୟତା ବା ଅର୍ଥ ରାଶି ରେ କୌଣସି ପରିବର୍ତ୍ତନ ହେବନାହିଁ, ତେଣୁ ସେମାନେ ଏଥିପାଇଁ ଆବେଦନ କରିବାର ଆବଶ୍ୟକତା ନାହିଁ।

# ଓଡ଼ିଶାର ୮ ଉତ୍ପାଦକୁ ମିଳିଲା ଜିଆଇ ଟ୍ୟାଗ୍

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଓଡ଼ିଶାର ୮ ଉତ୍ପାଦକୁ ଜିଆଇ ଟ୍ୟାଗ୍ ମିଳିଛି। ରାଜ୍ୟର ଉତ୍ପାଦିତ ଜିନିଷକୁ ଜିଆଇ ଟ୍ୟାଗ୍ ମିଳିଥିବା ନେଇ ଜଣାପଡ଼ିଛି। ରାଜ୍ୟ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ବିଭାଗ ପକ୍ଷରୁ ସୋସିଆଲ ମିଡିଆ ଏକ୍ସରେ ସୂଚନା ଦିଆଯାଇଛି। ଜିଆଇ ଟ୍ୟାଗ୍ ମାନ୍ୟତା ତାଲିକାରେ ରହିଛି ଖଜୁରୀ ଗୁଡ଼, ଢେଙ୍କାନାଳ ମଗଜି ଓ ମୟୂରଭଞ୍ଜ କାଇ ଚଟଣୀ। ସେହିପରି ନୟାଗଡ଼ କଂଟେଇମୁଣ୍ଡି ବାଇଗଣ, ଡଙ୍ଗରିଆ କନ୍ଧ ଏମ୍ବ୍ରୋଡରୀ ସାଲ୍‌କୁ ମଧ୍ୟ ଜିଆଇ ଟ୍ୟାଗ୍ ମାନ୍ୟତା ମିଳିଛି। କେନ୍ଦ୍ରାପଡ଼ା ରସାବଳି, କୋରାପୁଟ କଳାଜିରା ଧାନକୁ ଜିଆଇ ଟ୍ୟାଗ୍ ମିଳିଥିବାବେଳେ ଲାଞ୍ଜିଆ ସୌରା ଚିତ୍ରକଳାକୁ ବି ମିଳିଲା ଜିଆଇ ଟ୍ୟାଗ୍ ମାନ୍ୟତା। ଗତ ଅକ୍ଟୋବର ୩ ତାରିଖ ୨୦୨୩ରେ କେନ୍ଦ୍ରାପଡ଼ା ରସାବଳିକୁ ଜିଆଇ ଟ୍ୟାଗ୍ ମିଳିବା ନେଇ ସୂଚନା ମିଳିଥିଲା।

# ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ କାର୍ଯ୍ୟାଳୟ ଖୋର୍ଦ୍ଧାର ନୂତନ କାର୍ଯ୍ୟାଳୟ ଉଦ୍‌ଘାଟିତ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭାରତୀୟ ଷ୍ଟେଟ ବ୍ୟାଙ୍କ କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ ଖୋର୍ଦ୍ଧା ଜେମାଦେଇ ସ୍ଥିତ ମା'ବରୁଣେଇ ହୋଟେଲ, ପ୍ରଥମ ମହଲାକୁ ସ୍ଥାନାନ୍ତରିତ ହୋଇଛି । ବୁଧବାର ଷ୍ଟେଟ ବ୍ୟାଙ୍କ ଭୁବନେଶ୍ୱର ମଣ୍ଡଳର ମୁଖ୍ୟ ମହାପ୍ରବନ୍ଧକ ଦିନେଶ ପରୁଥୀ ଏହି କାର୍ଯ୍ୟାଳୟକୁ ନେଟୱାର୍କ -୧ ମହାପ୍ରବନ୍ଧକ ପୋନ୍ନମବଲମ ମୁରୁଗନ, ଭୁବନେଶ୍ୱର ଅଞ୍ଚଳର ଉପ ମହାପ୍ରବନ୍ଧକ ସଞ୍ଜୟ କୁମାର ଝା ଓ କ୍ଷେତ୍ରୀୟ ପ୍ରବନ୍ଧକ ନରେନ୍ଦ୍ର କୁମାର ଜେନାଙ୍କ ଉପସ୍ଥିତିରେ ଉଦ୍‌ଘାଟନ କରିଥିଲେ । ସେବା, ଷ୍ଟେଟ ବ୍ୟାଙ୍କ ଅଧିକାରୀ ଓ



କର୍ମଚାରୀ ସଂଗଠନର ନେତୃବୃନ୍ଦ ଓ ଅନ୍ୟ କାର୍ଯ୍ୟକର୍ତ୍ତାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ।

# ଭୁବନେଶ୍ୱର ମହାନିଗମ ସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
ଭୁବନେଶ୍ୱର ମହାନିଗମ ସ୍ତରୀୟ ବିଦ୍ୟାଳୟ ଜମିପଟ୍ଟା ବଂଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ୫୦ଟି ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ଏବଂ ୫୬ଟି ମାଧ୍ୟମିକ ଓ ଉଚ୍ଚମାଧ୍ୟମିକ ମୋଟ ୧୦୬ଟି ବିଦ୍ୟାଳୟକୁ ଜମିପଟ୍ଟା ପ୍ରଦାନ କରାଯାଇଛି। ଏହି ଅବସରରେ କ୍ୟାପିଟାଲ ହାଇସ୍କୁଲରେ ଅନୁଷ୍ଠିତ ପଟ୍ଟା ବଂଟନ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ ବିଜ୍ଞାନ ଓ ବୈଷୟିକ, ସାଧାରଣ ଉଦ୍ୟୋଗ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା କହିଲେ ଯେ ବହୁଦିନର ଦାବିକୁ ବିଚାରକୁ ନେଇ ସରକାର ବିଦ୍ୟାଳୟ ଗୁଡ଼ିକୁ ପଟ୍ଟା ପ୍ରଦାନ କରିଛନ୍ତି। ଏହାଦ୍ୱାରା ବିଦ୍ୟାଳୟ ଜମିକୁ ନେଇ ଥିବା ବିବାଦ ସମାଧାନ ହୋଇପାରିବା ସହ ଉନ୍ନୟନ ମୂଳକ କାର୍ଯ୍ୟ ତ୍ୱରାନ୍ୱିତ ହୋଇପାରିବ ବୋଲି ଶ୍ରୀ ପଣ୍ଡା କହିଥିଲେ। ସେହିଭଳି ବିଏମସି ମେୟର ଶ୍ରୀମତୀ ସୁଲୋଚନା ଦାସ, ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଓଡିଶା କୋଠାବାଡି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ଅଧ୍ୟକ୍ଷା ତଥା ଖୋର୍ଦ୍ଧା ଜିଲ୍ଲା ଆମ ଓଡିଶା ନବୀନ ଓଡିଶା ଉପଦେଷ୍ଟା ଶ୍ରୀମତୀ ଶ୍ରୀମୟୀ ମିଶ୍ର ପ୍ରମୁଖ ଯୋଗ ଦେଇ ସରକାରଙ୍କ ଏହି ପଦକ୍ଷେପକୁ ଭୂୟସୀ ପ୍ରଶଂସା କରିଥିଲେ। ବିଦ୍ୟାଳୟ ଗୁଡିକର ନିଜସ୍ୱ ପଟ୍ଟା ଦ୍ୱାରା ଆବଶ୍ୟକୀୟ ସମ୍ପ୍ରସାରଣ ନିର୍ମାଣ କାର୍ଯ୍ୟରେ ଅଗ୍ରଗତି ହାସଲ ହୋଇପାରିବ। ତ୍ୱରିତ ସେବା ପ୍ରଦାନରେ ବିଭିନ୍ନ ସଂସ୍ଥା ଗୁଡିକୁ କୌଣସି ସମସ୍ୟା ହେବ ନାହିଁ ବୋଲି ସେମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନେ ସେମାନଙ୍କ ବିଦ୍ୟାଳୟ ପଟ୍ଟା ଗ୍ରହଣ କରିବା ସହ ଖୁସିବ୍ୟକ୍ତ କରିଥିଲେ ।ଏହି ଅବସରରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, ଉପ ଜିଲ୍ଲାପାଳ ଚିନ୍ମୟ ଆଚାର୍ଯ୍ୟ, ଭୁବନେଶ୍ୱର ତହସିଲଦାର ମାନସ କୁମାର ସ୍ୱାଇଁ, ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ବିଶ୍ୱନାଥ ତରାଇ ପ୍ରମୁଖ ଯୋଗ ଦେଇଥିଲେ। ଅତିରିକ୍ତ ଶିକ୍ଷାଧିକାରୀ ଶ୍ରୀମତୀ ସ୍ମିତା ମିଶ୍ର ଧନ୍ୟବାଦ ଅର୍ପଣ କରିଥିବା ବେଳେ ବ୍ଲକ ଶିକ୍ଷାଧିକାରୀ ଶ୍ରୀମତୀ ପ୍ରଜ୍ଞା ପାରମିତା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଓଡ଼ିଶାରେ ବିଷାକ୍ତ ତୃଣନାଶକ ପାରାକ୍ୱାଟକୁ ସଂପୂର୍ଣ୍ଣ ନିଷିଦ୍ଧ ପାଇଁ କେନ୍ଦ୍ର ସରକାରଙ୍କୁ ଚିଠି

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**
କୀଟନାଶକର ନିରାପଦ ବ୍ୟବହାର ନେଇ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ରାଜ୍ୟରେ ତୃଣନାଶକ ଭାବରେ ବ୍ୟବହୃତ ଅତ୍ୟନ୍ତ ବିଷାକ୍ତ ହର୍ବିସାଇଡ୍ ପାରାକ୍ୱେଟ୍ ଏବଂ ଏଥିରୁ ଉତ୍ପନ୍ନ ଅନ୍ୟ ଦ୍ରବ୍ୟର ବିକ୍ରିକୁ ସଂପୂର୍ଣ୍ଣ ରୂପେ ନିଷିଦ୍ଧ କରିବା ପାଇଁ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ କେନ୍ଦ୍ର ସରକାରଙ୍କୁ ପତ୍ର ଲେଖିଛନ୍ତି। ଆଜି ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ବିଭାଗର ସଚିବଙ୍କୁ ଏହି ପରିପ୍ରେକ୍ଷୀରେ ପତ୍ର ଲେଖି ଜଣାଇଛନ୍ତି ଯେ ସଂପ୍ରତି ପାରାକ୍ୱାଟ ତୃଣନାଶକର ବ୍ୟବହାର ରାଜ୍ୟରେ ଏକ ସାର୍ବଜନିକ ଚିନ୍ତାର ବିଷୟ ହୋଇପଡ଼ିଛି। ମନୁଷ୍ୟ ଓ ପ୍ରାଣୀଙ୍କ ସ୍ୱାସ୍ଥ୍ୟ ଉପରେ ଏହାର କୁପ୍ରଭାବକୁ ରୋକିବା ପାଇଁ ଆଜି ପର୍ଯ୍ୟନ୍ତ କୌଣସି ନିରୋଧକ ଔଷଧ ଉପଲବ୍ଧ ନୁହେଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏହି ବିଷାକ୍ତ ରସାୟନିକ ପଦାର୍ଥର ବିକ୍ରୟ/ ମହଜୁଦ/ ବିତରଣ/ ଉତ୍ପାଦନ ଓ ବ୍ୟବହାରକୁ ୨୦୨୩ ମସିହା ଅକ୍ଟୋବର ୫ ତାରିଖରୁ ୯୦ ଦିନ ନିମନ୍ତେ ନିଷିଦ୍ଧ ଘୋଷଣା କରିଛନ୍ତି ।
ଡ. ପାଢ଼ୀ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱରର ରିପୋର୍ଟ ଅନୁସାରେ ପାରାକ୍ୱାଟ ଏବଂ ଏଥିରୁ ଉତ୍ପନ୍ନ ପଦାର୍ଥ ଅତ୍ୟନ୍ତ ବିଷାକ୍ତ ଓ କ୍ଷତିକାରକ ରାସାୟନିକ ଦ୍ରବ୍ୟ ଅଟେ । ମଣିଷର ସ୍ୱାସ୍ଥ୍ୟ ଉପରେ ଏହାର ଅତ୍ୟନ୍ତ କୁପ୍ରଭାବ ରହିଛି । ବର୍ତ୍ତମାନ ପର୍ଯ୍ୟନ୍ତ ପାରାକ୍ୱାଟ ବ୍ୟବହାର ଦ୍ୱାରା ମୃତ୍ତିକାର ସ୍ୱାସ୍ଥ୍ୟ, ମଣିଷର ସ୍ୱାସ୍ଥ୍ୟ ଏବଂ ପରିବେଶ ଉପରେ ଏହାର ପ୍ରଭାବ ସଂପର୍କରେ କୌଣସି ବୈଜ୍ଞାନିକ ଗବେଷଣା କରାଯାଇନାହିଁ।
ସେହିପରି ରାଜ୍ୟର ଅଗ୍ରଣୀ ଭେଷଜ ଅନୁଷ୍ଠାନ ଭୀମ୍‌ସାର, ବୁର୍ଲାଙ୍କ ରିପୋର୍ଟ ଅନୁଯାୟୀ ପାରାକ୍ୱାଟ ଯୋଗୁ ମଣିଷର ନିଃଶ୍ୱାସପ୍ରଶ୍ୱାସ, ବୃକକ୍ ଏବଂ ଯକୃତଜନିତ ସମସ୍ୟା ଉପୁଜି ଉଚ୍ଚ ମୃତ୍ୟୁହାର ଘଟୁଛି। ରିପୋର୍ଟ ଅନୁଯାୟୀ ୨୦୧୭ ସେପେଟମ୍ବର ମାସରୁ ୨୦୧୯ ଅଗଷ୍ଟ ମଧ୍ୟରେ ମେଡିକାଲରେ ଚିକିତ୍ସା ପାଇଁ ଭର୍ତି ହୋଇଥିବା ୧୪୯ ଜଣ ରୋଗୀଙ୍କ ମଧ୍ୟରୁ ୧୪୦ ଜଣଙ୍କର ମୃତ୍ୟୁ ଘଟିଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବଲାଙ୍ଗୀରର ବିକାଶରେ...

ନାହିଁ । ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ କୃଷକ ରାଜ୍ୟ ଅର୍ଥନୀତିର ସାରଥି। ଚାଷୀ ଭାଇମାନଙ୍କୁ ସାଥିରେ ଧରି ଆମେ ଆଗକୁ ବଢୁଛୁ। ମୁଁ ସବୁବେଳେ ଚାଷୀ ଭାଇମାନଙ୍କ ସାଥିରେ ଅଛି। ସେମାନଙ୍କ ପାଇଁ କାଳିଆ, ଏକ ଲକ୍ଷ ଟଙ୍କାର ବିନା ସୁଧରେ ଋଣ, ମାଗଣା ଫସଲ ବୀମା, ଚାଷୀ ଘର ପିଲାଙ୍କ ପାଇଁ ବୃତ୍ତି ଏବଂ ଆହୁରି ଅନେକ ଯୋଜନା ଜାରି ରହିଛି।

ବିସ୍ଥାପିତ ଗାଁର ଲୋକମାନଙ୍କ ତ୍ୟାଗକୁ ମନେ ପକାଇ ମୁଖ୍ୟମନ୍ତ୍ରୀ କହିଲେ ଯେ ଏହି ପ୍ରକଳ୍ପ ପାଇଁ ୨୯ଟି ଗାଁର ଲୋକମାନେ ବହୁତ ବଡ଼ ତ୍ୟାଗ କରିଛନ୍ତି। ସେମାନଙ୍କ ତ୍ୟାଗକୁ ମୁଁ ସମ୍ମାନ ଜଣାଉଛି। ବଲାଙ୍ଗୀର ବିକାଶ ପାଇଁ ସେମାନଙ୍କ ତ୍ୟାଗ ସବୁଦିନ ମନେ ରହିବ।

ବଲାଙ୍ଗୀର ଜିଲ୍ଲାର ବିକାଶ ପାଇଁ ଅନେକ କାମ ଆରମ୍ଭ ହେଲା । ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତି, ପର୍ଯ୍ୟଟନର ଉନ୍ନତି, ଯୋଗାଯୋଗର ଉନ୍ନତି, କ୍ରୀଡ଼ାର ଉନ୍ନତି ସହିତ ଐତିହ୍ୟର ବିକାଶ ଓ ସୁରକ୍ଷା ପାଇଁ ଅନେକ ପ୍ରକଳ୍ପ ଆରମ୍ଭ ହେଲା ବୋଲି ସେ କହିଥିଲେ।

ସୂଚନାଯୋଗ୍ୟ ଯେ ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ପାଇଁ ୨୫୨୫ କୋଟି ଟଙ୍କାର ପ୍ରକଳ୍ପର ଶୁଭାରମ୍ଭ କରିଥିଲେ। ୨୨୨୦ କୋଟି ଟଙ୍କା ବ୍ୟୟରେ ୧୧୨ଟି ଭିତ୍ତିଭୂମି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ରଖାଯାଇଥିବା ବେଳେ, ୩୦୫ କୋଟି ଟଙ୍କା ବ୍ୟୟରେ ୬୯ଟି ଭିତ୍ତିଭୂମି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଥିଲା।

ମୁଖ୍ୟମନ୍ତ୍ରୀ ପୁଣି କହିଲେ ଯେ ୫-ଟି ଅଧ୍ୟକ୍ଷ ମୋ ନିର୍ଦ୍ଦେଶରେ ଅଗଷ୍ଟ ମାସରେ ଆସିଥିଲେ। ଆପଣମାନଙ୍କୁ ଭେଟିଥିଲେ। ଆପଣମାନଙ୍କ ସହିତ ବିକାଶ କାମ ବିଷୟରେ ଆଲୋଚନା କରିଥିଲେ। ଆପଣମାନଙ୍କ ମତକୁ ସମ୍ମାନ ଜଣାଇ ଆମେ କାମ କରୁଛୁ।

ବଲାଙ୍ଗୀରର ବିକାଶ ଉପରେ ଆଲୋକପାତ କରି ସେ କହିଲେ ଯେ, ଏବେ ବଲାଙ୍ଗୀର ଜିଲ୍ଲା ଶିକ୍ଷା, ସ୍ୱାସ୍ଥ୍ୟ ଓ ଭିତ୍ତିଭୂମି କ୍ଷେତ୍ରରେ ଜୋର୍‌ଦାର୍ ଉନ୍ନତି କରୁଛି। ହରିଶଙ୍କର ପୀଠ ସହିତ ଜିଲ୍ଲାର ମଠ ମନ୍ଦିରର ରୂପାନ୍ତର କାମ ଚାଲିଛି। ଏବେ କୃଷି କ୍ଷେତ୍ରରେ ଉନ୍ନତି ସହିତ ଜିଲ୍ଲାରେ ରୂପାନ୍ତରର ଏକ ନୂଆ ଯୁଗ ଆସିବ। ମୋର ବିଶ୍ୱାସ, ଆପଣମାନଙ୍କ ସହଯୋଗରେ, ବଲାଙ୍ଗୀର ରାଜ୍ୟର ବିକାଶରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବ ବୋଲି ସେ କହିଥିଲେ।

ଏହି ଅବସରରେ ଜଳସଂପଦ ବିଭାଗ ମନ୍ତ୍ରୀ ଟୁକୁନି ସାହୁ କହିଲେ ଯେ ବଲାଙ୍ଗୀର ଜିଲ୍ଲାର ଜନସାଧାରଣଙ୍କ ବହୁ ଦିନର ସ୍ୱପ୍ନକୁ ମୁଖ୍ୟମନ୍ତ୍ରୀ ଆଜି ପୂରଣ କରିଛନ୍ତି । ଲୋୟର ସୁକତେଲ ଆଜି ବଲାଙ୍ଗୀରବାସୀଙ୍କ ପାଇଁ ସୁଖର ସୁକତେଲରେ ପରିଣତ ହୋଇଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା କ୍ଷେତ୍ରରେ ୫-ଟି ଅଧ୍ୟକ୍ଷଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ସେ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀଙ୍କ ସହିତ ୫-ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଭି.କେ. ପାଣ୍ଡିଆନ ଉପସ୍ଥିତ ଥିଲେ।

ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ନିରଞ୍ଜନ ପୂଜାରୀ, ବଲାଙ୍ଗୀର ସାଂସଦ ସଙ୍ଗୀତା କୁମାରୀ ସିଂହଦେଓ, ରାଜ୍ୟସଭା ସାଂସଦ ନିରଞ୍ଜନ ବିଶି, ବଲାଙ୍ଗୀର ବିଧାୟକ ନରସିଂହ ମିଶ୍ର, ପାଟଣାଗଡ ବିଧାୟକ ତଥା ବଲାଙ୍ଗୀର ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ସରୋଜ ମେହେର, ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ, ରାଜ୍ୟ ଗୃହ ନିର୍ମାଣ ବୋର୍ଡର ଅଧ୍ୟକ୍ଷ କଳିକେଶ ନାରାୟଣ ସିଂହଦେଓ, ବଲାଙ୍ଗୀର ଜିଲ୍ଲା ପରିଷଦ ସଭାପତି ଦେବକୀ ସାହୁ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ। ଉନ୍ନୟନ କମିଶନର ଅନୁ ଗର୍ଗ ସ୍ୱାଗତ ଭାଷଣ ଦେଇଥିଲେ ଏବଂ ଜିଲ୍ଲାପାଳ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଜସ୍ୱ ଆଦାୟ ନେଇ ବିଏମ୍‌ସି...

ଡିମାଣ୍ଡ ପ୍ରାୟ ୮୪ କୋଟି ରହିଛି। ଧାର୍ଯ୍ୟ ଲକ୍ଷ୍ୟର ୨୬ ପ୍ରତିଶତ ଆଦାୟ ହୋଇଥିବାବେଳେ ଡିମାଣ୍ଡର ୩୫ ପ୍ରତିଶତ ହୋଇଛି। ଲୋକଙ୍କୁ ସଚେତନ କଲେ ଅଧିକ ଟ୍ୟାକ୍ସ ଆଦାୟ ହୋଇପାରିବ ବୋଲି କହିଛନ୍ତି ରାଜଧାନୀବାସୀ।

## ଏଣିକି ଏସ୍‌ସିବି ମେଡିକାଲରେ...

ରେଫରାଲ ହସ୍ପିଟାଲ ହେବା ସାଙ୍ଗକୁ ଏଠାରେ ଚିକିତ୍ସା ସେବା ସମ୍ପୂର୍ଣ୍ଣ ମାଗଣା ହୋଇଥିବାରୁ କେବଳ ଓଡ଼ିଶା ନୁହେଁ ପଡ଼ୋଶୀ ରାଜ୍ୟର ରୋଗୀ ମଧ୍ୟ ନିର୍ଭର କରୁଛନ୍ତି। ପ୍ରତି ମାସରେ ୧୫ ଶହରୁ ୨ ହଜାର ଲିଭର ରୋଗୀ ଏସ୍‌ସିବି ଆସୁଛନ୍ତି। ୬୦ ପ୍ରତିଶତ ରୋଗୀ ନିଶା ପାନୀୟ ପାଇଁ ରୋଗର ଶିକାର ହୋଇଥିବା ଜଣାପଡୁଛି। ସେମାନଙ୍କ ମଧ୍ୟରୁ ବି କାଟାଗୋରୀ ଅର୍ଥାତ ପ୍ରତିରୋପଣ ସମ୍ଭବ ଥିବା ରୋଗୀଙ୍କ ସଂଖ୍ୟା ୧୦ ରୁ ୧୨ ପ୍ରତିଶତ। ତେବେ ଏହି ପକ୍ରିୟା ଉଭୟ ଲିଭର ଦାନ କରୁଥିବା ଓ ପ୍ରତିରୋପଣ ହେଉଥିବା ବ୍ୟକ୍ତିଙ୍କ ପାଇଁ ବେଶ ଜଟିଳ ଓ ବିପଦପୂର୍ଣ୍ଣ। ତେଣୁ ସ୍ଥିତିକୁ ଦେଖି ଏସସିବିରେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ ପରେ ଯାଇ ଏହାକୁ ଆରମ୍ଭ କରାଯିବ ବୋଲି କହିଛନ୍ତି ଡାକ୍ତର।

## ରାଜ୍ୟରେ ୫ ନୂଆ କୋଭିଡ...

ପେସେଣ୍ଟ ଅଛନ୍ତି ସମସ୍ତେ ହୋମ୍ ଆଇସୋଲେସନରେ ରହିଛନ୍ତି, ମେଡିକାଲରେ କେହି ନାହାନ୍ତି। ତେଣୁ ଆତଙ୍କିତ ହେବାର ନାହିଁ। ଆଗକୁ ବଢ଼ିବା ନେଇ ସ୍ଥିତି ଅନୁଧ୍ୟାନ କରାଯାଉଛି। ଜାତୀୟସ୍ତରୀୟ ତଥ୍ୟ ଅନୁସାରେ ଯେଉଁମାନେ ଆକ୍ରାନ୍ତ ହେଉଛନ୍ତି ୯୨%ରୁ ଉର୍ଦ୍ଧ୍ୱ ହୋମ୍ ଆଇସୋଲେସନରେ ଅଛନ୍ତି, ଆଉ ଯେଉଁମାନେ ମେଡିକାଲରେ ଆଡମିଟ ହେଉଛନ୍ତି ଓ ମେଜରିଟି ଡେଥ୍ ମଧ୍ୟ କୋମଅର୍ବିଟ କଣ୍ଡିସନ ପାଇଁ ହୋଇଛି। କୋଭିଡ ପାଇଁ ମେଡିକାଲରେ ଆଡ୍‌ମିଟ୍ ହେବା ବହୁତ କମ୍। ବଢ଼ିବ ନ ବଢ଼ିବ ଏବେ କହିହେବନି। ସ୍ଥିତି ଉପରେ ନଜର ରଖାଯାଇଛି। ଯଦି ବଢ଼େ, ତେବେ ଭୟାବହତା ଆଶଙ୍କା କମ୍।

## କିରେଇରେ ୫-ଟି...

ମଞ୍ଜୁର କରିଛନ୍ତି। ଟାଙ୍ଗରପାଲି ପାଇଁ ୧ କୋଟି ୭୦ ଲକ୍ଷ, ସମଲେଇ ମନ୍ଦିର ପାଇଁ ୧ କୋଟି ୪୦ ଲକ୍ଷ, ସୁନ୍ଦରଗଡ଼ରେ ଅଘରିଆ ଭବନ ପାଇଁ ୧ କୋଟି, ଏହାସହ ହେମହିରି ଉଚ୍ଚ ମାଧ୍ୟମିକ ସ୍କୁଲର ରୂପାନ୍ତର ପାଇଁ କୋଟିଏ ଟଙ୍କା ଅନୁମୋଦନ କାରାଯାଇଛି। ବିଗତ ୮ ମାସ ମଧ୍ୟରେ ସୁନ୍ଦରଗଡ଼ ନିର୍ବାଚନମଣ୍ଡଳୀ ପାଇଁ ୩୫୦ କୋଟି ଟଙ୍କା ଅନୁମୋଦନ କରାଯାଇଛି। କିରେଇରେ ନଗର ବନ ପ୍ରକଳ୍ପ ପାଇଁ ୩ କୋଟିରୁ ଅଧିକ ଟଙ୍କା ମଞ୍ଜୁର କରାଯାଇଛି। ଜନତା ଦେଇଥିବା ଗୋଟିଏ ଦରଖାସ୍ତ ବି ଛାଡିକି ଯିବିନାହିଁ ବୋଲି ସେ କହିଛନ୍ତି। ମନ୍ଦିର, ମସ୍‌ଜିଦ୍, ଚର୍ଚ୍ଚ, ଓ କମ୍ୟୁନିଟ ସେଣ୍ଟର ପାଇଁ ଦେଇଥିବା ଆବେଦନର ୧୦ ଦିନରେ ଖୁସି ଖବର ପାଇବେ ଲୋକେ। ଅନ୍ୟ ବିଷୟକୁ ନେଇ ହୋଇଥିବା ଆବେଦନର ମାସେ ଭିତରେ ଜିଲ୍ଲାପାଳଙ୍କଠାରୁ ଉତ୍ତର ପାଇବେ। ପ୍ରତି ଦରଖାସ୍ତରେ ଜିଲ୍ଲାପାଳଙ୍କ ଠାରୁ ଉତ୍ତର ପାଇବେ ଲୋକେ। ଆଗକୁ ପ୍ରତି ପଞ୍ଚାୟତରେ ମିଳିବି ବ୍ୟାଙ୍କ ସୁବିଧା। ୨ ମାସ ମଧ୍ୟରେ ମିଳିବ ଏହି ବ୍ୟାଙ୍କ ସୁବିଧା। ମିଶନ ଶକ୍ତି ମା' ଓ ଭତ୍ତା ପାଉଥିବା ହିତାଧିକାରୀ ଉପକୃତ ହେବେ।

ଫେବ୍ରୁଆରୀ ମାସରେ ସୁନ୍ଦରଗଡ଼ରେ ଆରମ୍ଭ ହେବ ଲକ୍ଷ୍ମୀ ଯୋଜନା। ଆସନ୍ତା ୬ ତାରିଖରୁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ-ନବୀନ କାର୍ଡର ଆବେଦନ ଆରମ୍ଭ ହେଉଛି। ଗ୍ରାମାଞ୍ଚଳରେ ଯେଉଁମାନେ ବିଏସକେୱାଇ ଯୋଜନାରୁ ବଞ୍ଚିତ ହେଉଛନ୍ତି ସେମାନେ ଆବେଦନ କରିପାରିବେ। ସୁନ୍ଦରଗଡ଼ରେ ହକିର ବିକାଶ ଲାଗି ଅନେକ କାର୍ଯ୍ୟ କରାଯାଇଛି। ବିଶ୍ୱର ସବୁଠାରୁ ବଡ଼ ଷ୍ଟାଡିୟମ ଉରକେଲାରେ କରାଯାଇଛି। ପ୍ରତି ବ୍ଲକରେ ଆଷ୍ଟ୍ରୋଟର୍ଫ ଷ୍ଟାଡ଼ିୟମ ପାଇଁ ମୁଖ୍ୟମନ୍ତ୍ରୀ ଉଦ୍ୟମ କରୁଛନ୍ତି ବୋଲି କହିଛନ୍ତି ୫-ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ ଶ୍ରୀ ପାଣ୍ଡିଆନ।

## ନର୍ସିଂ, ଫାର୍ମାସୀ ଓ ଆଲାଏଡ୍ ମେଡିକାଲ ...

ଏମଫିଲ୍ ପାଇଁ ୭୦୦୦/- ଟଙ୍କା ଏବଂ ମାନସିକ ସାମାଜିକ କାର୍ଯ୍ୟରେ ଏମଫିଲ୍ ପାଇଁ ୭୦୦୦/- ଟଙ୍କା ହିସାବରେ ଷ୍ଟାଇପେଣ୍ଡ ରାଶି ପ୍ରଦାନ କରାଯାଉଥିଲା। ଏହି ଷ୍ଟାଇପେଣ୍ଡ ଅଭିବୃଦ୍ଧି ଛାତ୍ରଛାତ୍ରୀଙ୍କୁ ଲୋକଙ୍କ ଉନ୍ନତ ସେବା ଯୋଗାଇବା ପାଇଁ ଉତ୍ସାହିତ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହା ଦ୍ୱାରା ଓଡ଼ିଶାରେ ସ୍ୱାସ୍ଥ୍ୟ ସେବା ଆହୁରି ସୁଦୃଢ଼ ହେବ ବୋଲି ସେ ଆଶାବ୍ୟକ୍ତ କରିଛନ୍ତି।


**ପୂର୍ବ ତଟ ରେଳପଥ**
Tender Notice No.: Sr.DMM/KUR/EP/ 2023-24/11, ତା.28.12.2023ରିଖ
Tender No.: 81236065
ବିବରଣୀ: ମାଇକ୍ରୋପ୍ରୋସେସର୍ କଣ୍ଟ୍ରୋଲର
ପରିମାଣ : 34 ସେଟ୍ସ
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ
ତା.30.01.2024 ରିଖ 1500 ଘଣ୍ଟିକାରେ।
ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବସାଇଟ୍: www.ireps.gov.in ରେ ଅପ୍‌ଲୋଡ୍ କରାଯାଇଛି।
ବରିଷ୍ଠ ମଣ୍ଡଳ ସାମଗ୍ରୀ ପ୍ରବନ୍ଧକ
ଖୋର୍ଦ୍ଧା ରୋଡ
PR-944/O/23-24

**ପୂର୍ବ ତଟ ରେଳପଥ**
e-Tender Notice No.: ST-OT-ART-KUR-DIVN-365, ତାରିଖ : 27.12.2023
କାର୍ଯ୍ୟର ନାମ : ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ମଣ୍ଡଳ ଅନ୍ତର୍ଗତ ଖୋର୍ଦ୍ଧାରୋଡ୍ ଜଙ୍କସନ, ଭଦ୍ରକ, ତାଳଚେର, ପଳାସାରେ ୪ଗୋଟି ଏଆରଟି (ଆକ୍ସିଡେଣ୍ଟ ରିଲିଫ୍ ଟ୍ରେନ୍) ଟେଲିକମ୍ ଉପକରଣର ବ୍ୟବସ୍ଥା।
ଟେଣ୍ଡର ମୂଲ୍ୟ : ଟ.37,44,321.76, EMD : ଟ.74,900/-
ଟେଣ୍ଡର ବନ୍ଦ ହେବା ତାରିଖ ଏବଂ ସମୟ :
ତା.18.01.2024 ରିଖ 1100 ଘଣ୍ଟିକାରେ।
ବିଡିଙ୍ଗ୍ ଆରମ୍ଭ ତାରିଖ : 04.01.2024
ଏହି ଇ-ଟେଣ୍ଡରଗୁଡିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ସହିତ ଇ-ଟେଣ୍ଡର ନଥିପତ୍ର ୱେବ୍‌ସାଇଟ୍ : www.ireps.gov.in ରେ ଉପଲବ୍ଧ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 ଦିନ ପୂର୍ବରୁ ୱେବସାଇଟ୍‌କୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ୱେବସାଇଟ୍: www.ireps.gov.in.
ମଣ୍ଡଳ ସିଗ୍ନାଲ୍ ଏବଂ ଟେଲିକମ. ଇଞ୍ଜିନିୟର, ଖୋର୍ଦ୍ଧା ରୋଡ
PR-946/O/23-24

O-2083
**Government of Odisha "e" Procurement Notice**
Bid Identification No.: Online-AGL-27 of 2023-2024
1. Name of the Work : Building Work
2. Estimated Cost. : Rs. 36.98 Lakhs
3. Period of Completion : 06 [Six] Calendar Months
4. Date & time of availability of bid document in the portal : From 12.01.2024 to 19.01.2024 upto 5.00 P.M
5. Last Date/time for receipt of bids In the portal : 19.01.2024 upto 5.00 P.M.
6. Name & Address of the OIT : Executive Engineer, Rural Works Division, Angul
Further details can be seen from the Govt, website www.tendersorissa.gov.in
OIPR-25096/11/0024/2324
Executive Engineer
R.W.Division,Angul.

OFFICE OF THE SUPERINTENDING ENGINEER
BHUBANESWAR (R&B) DIVISION NO III
BHUBANESWAR
B-1539
Estg.No - 18 bbsrrandb03@yahoo.com Date- 3/1/2024
Government or Odisha "e"-Procurement Short Tender Call Notice No ( 66 ) of 2023-24
Bid Identification No: - C.C. (R&B) 03

| 1 | Name of the Work | Road Works |
|---|---|---|
| 2 | Total No of works | 2 nos work |
| 3 | Estimated Cost | 1) Rs. 90,46,000.00, 2) Rs. 59,17,100.00 |
| 4 | Class of Contractor | "B" Class |
| 5 | Period of Completion | 2 (two ) Calendar Month |
| 6 | Type of Tender | Double Cover System (Online) |
| 7 | Date & time of availability of bid document in the portal | From 04/01/2024 at 1.30 P.M. to 10/01/2024 at 5.30 P.M |
| 8 | Last Date & Time for Receipt of bids in the Portal | 10/01/2024 at 05.30 P.M. |
| 8 | Name & Address of the Officer inviting Bid | Er. Gayatri Patel, Superintending Engineer, Bhubaneswar (R&B) Division No III, Bhubaneswar |

Further details can be seen from the e-procurement portal https://tendersorissa.gov.in
N.B: Subsequent corrigendum / addendum if required shall be available in the website as indicated above
OIPR-34089/11/0036/2324
Superintending Engineer
BBSR (R&B) Division No.III, BBSR

OFFICE OF THE EXECUTIVE ENGINEER, L.I. DIVISION, NAYAGARH
E-mail - eeolicnayagarh@gmail.com
e-Procurement Notice
Bid Identification No.06 /2023-24 Dt. 02.01.2024
CAD-3545
The Executive Engineer, L.I. Division, Nayagarh, At: College Road, PO/Dist: Nayagarh, PIN – 752069, invites Percentage Rate bids in online mode for balance work "Electrification, Energisation and Commissioning of successfully installed cluster Bore Wells in different block of Nayagarh District" on Turnkey basis from reputed contractors/firms having valid HT license issued by E.L.B.O., Odisha or PWD license of required class with *Registered Joint venture.* Proof of registrations, experience from appropriate authorities are to be uploaded along with the bid/bids. The GST @18% on tender paper will be paid to *GST No. 21AAACO5986G1ZF* on reverse charge basis.

| | | |
|---|---|---|
| 1. | Numbers of Package | 01 No |
| 2. | Estimated Cost | Rs. 206.12 (in Lakh) |
| 3. | Cost of tender paper | Rs. 10000.00 (in on-line mode) +18% GST as reverse charge basis vide GST No.*21AAACO5986G1ZF* of OLIC |
| 4. | Date & time of publication | Dt.09.01.2024 from 10.00 A.M. |
| 5. | Date & time of closing | Dt.16.01.2024 at 5.00 P.M. |
| 6. | Date & time of opening of bid | Dt.17.01.2024 at 11.00 A.M. |
| 7. | The bidders have to participate in online bidding only. | |

Further details can be seen from the website www.tendersorissa.gov.in. Addendum/corrigendum/cancellation of tender if any, can be seen in the said website
OIPR-32453/11/0010/2324 EXECUTIVE ENGINEER

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION-II, JAJPUR
'E' PROCUREMENT NOTICE NO.RWD-II/JJPR-13/23-24, DTD -
rwdivision-jaraka@yahoo.co.in
O-2077
1. Name of work : Special Repair to Road works in the District of Jajpur for the year 2023-24.
2. Total No of Work : 11 nos. of works.
3. Estimated Cost(Approx.) : As indicated against each work in the NIT
4. Period of Completion : As indicated against each work in the NIT
5. Class of contractors : As indicated against each work in the NIT
**Other details as follows:**
a) Procurement officer : Superintending Engineer Rural Works Division-II, Jajpur at Jarka
b) Availability of tender online & submission of bid : 05.01.2024 at 11.00 AM to 16.01.2024 upto 5.00 PM
c) Last date & time of seeking of tender clarification : 12.01.2024 upto 5.00 PM
d) Opening of Tender : 17.01.2024 at 11.30 AM
Further details can be seen from the Govt, website www.tendersodisha.gov.in
OIPR-25080/11/0024/2324
Executive Engineer
Rural Works Division-II,
Jajpur at Jaraka

ଭୁବନେଶ୍ୱର
୪ ଜାନୁଆରୀ
ଗୁରୁବାର, ୨୦୨୪
RNI Regd. No. : 52640/94
Postal Regd. No. : BN/60/22-24











ସୁନ୍ଦରଗଡ ଜିଲ୍ଲା ଗସ୍ତ ଅବସରରେ '୫-ଟି ଓ ନବୀନ ଓଡ଼ିଶା' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଜନସଭାରେ ଉଦ୍‌ବୋଧନ ଦେବା ସହ ସାଧାରଣ ଜନତାଙ୍କୁ ଭେଟି ସେମାନଙ୍କ ସମସ୍ୟା ବୁଝୁଛନ୍ତି ଏବଂ ବିଭିନ୍ନ ବିକାଶ କାର୍ଯ୍ୟର ଅଗ୍ରଗତି ଅନୁଧ୍ୟାନ କରୁଛନ୍ତି ।

(ଫଟୋ : ସମ୍ବାଦ କଳିକା)

## ଏସସିବି ଟ୍ରମା କେୟାରରେ ଚାଲୁନି ଲିଫ୍ଟ

**କଟକ, ୦୩/୦୧ ନ୍ୟୁଜ ବ୍ୟୁରୋ**

ପୁଣି ଅଚଳ ହେଲା କଟକ ଏସସିବି ମେଡ଼ିକାଲ କଲେଜ ଟ୍ରମା କେୟାରର ଲିଫ୍ଟ । ଯାହା ଫଳରେ ହନ୍ତ ସନ୍ତ ହେଉଛନ୍ତି ରୋଗୀ ମାନେ । ଯାହାକୁ ବିରୋଧ କରି ଟ୍ରମା କେୟାର ସମ୍ମୁଖରେ ଲୋକେ ଧାରଣାରେ ବସିଥିଲେ । ଦୀର୍ଘ ବର୍ଷ ଧରି କାର୍ଯ୍ୟରତ ଥିବା ଲିଫ୍ଟର ଯାନ୍ତ୍ରିକ ତ୍ରୁଟି ରହିଛି ଓ କାଲି ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ଏସସିବି କୂଳ ସଚିବ ।

# ୫ରୁ କିଟ୍‌ରେ ୪୦ତମ ସର୍ବଭାରତୀୟ ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ



**ଭୁବନେଶ୍ୱର,୩।୧ ନ୍ୟୁଜ ବ୍ୟୁରୋ**

ଦୀର୍ଘ ୧୮ ବର୍ଷ ପରେ ଦ୍ୱିତୀୟ ଥର ପାଇଁ ଓଡ଼ିଶାକୁ ଆସିଛି ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ। ଜାନୁଆରୀ ୫ରୁ ୭ ତାରିଖ ପର୍ଯ୍ୟନ୍ତ କିଟ୍‌ରେ ଅନୁଷ୍ଠିତ ହେବ ୪୦ତମ ସର୍ବଭାରତୀୟ ରୋଜ୍ କନଭେସନ୍ ଓ ଗୋଲାପ ପ୍ରଦର୍ଶନୀ। ୨୦୦୬ରେ ଏହା ଓଡ଼ିଶାରେ ଅନୁଷ୍ଠିତ ହୋଇଥିଲା। କିଟ୍ ଗୋଲାପ ସୋସାଇଟି, ଓଡ଼ିଶା ଗୋଲାପ ସୋସାଇଟି, ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଓଡ଼ିଶା ଉଦ୍ୟାନ କୃଷି ସୋସାଇଟି ଏବଂ ଉଦ୍ୟାନ କୃଷି ନିର୍ଦ୍ଦେଶାଳୟ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ମିଳିତ ସହଯୋଗରେ କିଟ୍ ବିଶ୍ୱବିଦ୍ୟାଳୟରେ ପ୍ରଥମ ଥର ପାଇଁ ଏଭଳି ସମ୍ମିଳନୀ ଓ ମେଗା ସର୍ବଭାରତୀୟ ପୁଷ୍ପ ପ୍ରଦର୍ଶନୀ ଆୟୋଜିତ ହେଉଛି। ଜାନୁଆରୀ ୫ ତାରିଖରେ ଗୋଲାପ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଥିବା ବେଳେ ଅପରାହ୍ନ ୪ଟାରୁ ୮ଟା ଓ ୬ ଓ ୭ ତାରିଖ ସକାଳ ୯ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ସାଧାରଣ ଲୋକଙ୍କ ପାଇଁ 'ଗୋଲାପ ପ୍ରଦର୍ଶନୀ' ଖୋଲା ରହିବ। 'ଗୋଲାପ ପ୍ରଦର୍ଶନୀ'ରେ ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗୋଲାପ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ପ୍ରଜାତିର ଗୋଲାପ ପ୍ରଦର୍ଶିତ ହେବ। ଗୋଲାପ ସମ୍ମିଳନୀରେ ଦେଶର କୃଷିବୈଜ୍ଞାନିକ, ନର୍ସରୀମ୍ୟାନ, କୃଷକ ଏବଂ ଉଦ୍ୟୋଗୀଙ୍କ ଭଳି ପ୍ରାୟ ୪ଶହ ପ୍ରତିନିଧି ଅଂଶଗ୍ରହଣ କରିବେ। ଏହି ଅବସରରେ ଉନ୍ନତ ଗୋଲାପ ଫୁଲ ଚାଷର କଳା, ବିଜ୍ଞାନ ଓ ଉଦ୍ୟୋଗୀ ପ୍ରଶିକ୍ଷଣ ଉପରେ ବିଶେଷଜ୍ଞମାନେ ନିଜ ମତାମତ ରଖିବେ। ଏଥି ସହିତ ୪ଟି ନୂଆ ଗୋଲାପ ପ୍ରଜାତିର ନାମକରଣ କରାଯାଇ ସେଗୁଡ଼ିକୁ ଲୋକାର୍ପଣ କରାଯିବ। କାର୍ଯ୍ୟକ୍ରମରେ ବିଭିନ୍ନ ଲେଖକଙ୍କ ଦ୍ୱାରା ଗୋଲାପ ଉପରେ ଲେଖାକୁ ନେଇ ଏକ ସ୍ମରଣିକା ମଧ୍ୟ ଉନ୍ମୋଚିତ ହେବା ସହ ଓଡ଼ିଶା ଉଦ୍ୟାନ କୃଷି ସୋସାଇଟିର ସାଇଣ୍ଟିଫିକ୍ ଜର୍ଣ୍ଣାଲ ଉନ୍ମୋଚନ ହେବ।





ଭୁବନେଶ୍ୱର : ବିଜୁ ପଟ୍ଟନାୟକ ପାର୍କରେ ଗତ ୨୦୦୩ ମସିହାରୁ ଚାଲିଆସୁଥିବା ଓମ୍ ପ୍ରାଣାୟାମ କେନ୍ଦ୍ର ବୁଧବାର ଦିନ ୨୨ବର୍ଷରେ ପଦାର୍ପଣ କରିଛି। ଓମ୍ ପ୍ରାଣାୟାମ କେନ୍ଦ୍ରର ସମସ୍ତ ସଦସ୍ୟ ମହା ଆଡମ୍ବରରେ ୨୨ତମ ପ୍ରତିଷ୍ଠା ଦିବସକୁ ପାଳନ କରିଥିଲେ। ଯୋଗଗୁରୁ ଶ୍ୟାମସୁନ୍ଦର ଅଗ୍ରୱାଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଯୋଗଗୁରୁ ଶ୍ରୀ ଅଗ୍ରୱାଲ ଏକ କେକ୍ କାଟି ଉତ୍ସବର ଶୁଭାରମ୍ଭ କରିଥିଲେ। ଉତ୍ସବର ପ୍ରାରମ୍ଭରେ 'ସମ୍ବାଦ କଳିକା'ର ସମ୍ପାଦକ ଜୟାଶୀଷ ରାୟ, ବିଶିଷ୍ଟ ପ୍ରାବନ୍ଧିକ ଡ. ମନ୍ମଥ ଶତପଥୀ ଓ ଶ୍ରୀ ଅମ୍ବିକା ଦାସ ପ୍ରମୁଖ ଭାଷଣ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ପ୍ରଫୁଲ୍ଲ କୁମାର ରଥ, ପ୍ରମୋଦ କୁମାର ରଥ, ସୌରେନ୍ଦ୍ର ଦାସ, ମହେନ୍ଦ୍ର ମହାନ୍ତି, ମିରାଜ ମହମ୍ମଦ, ସ୍ୱଦେଶ କୁମାର ରାଲହାନ, ଅଲେଖ ନାୟକ, କିଶୋର ଭାଇ ଖେମଜୀ, ଗୋପବନ୍ଧୁ ନାୟକ, ରାମଚନ୍ଦ୍ର ସାମନ୍ତରାୟ, ସୁରେଖା ଜୀ, ବିରଞ୍ଚି ମହାନ୍ତି, ଡ. ବିଷ୍ଣୁଚରଣ ଦାସ, ହେମନ୍ତ କୁମାର ସାହୁ, ଯଶବୀର ସିଙ୍ଗଲା ପ୍ରମୁଖ ଯୋଗ ଦେଇଥିଲେ। (ଫଟୋ : ସମ୍ବାଦ କଳିକା)



ପାରାଦ୍ୱୀପ ବନ୍ଦର ପ୍ରାଧିକରଣ (ପିପିଏ)ର ୬୩ତମ ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ୧୯ତମ ପାରାଦ୍ୱୀପ ମାରାଥନକୁ ପତାକା ଦେଖାଇ ଶୁଭାରମ୍ଭ କରୁଛନ୍ତି ମୁଖ୍ୟଅତିଥି ପିପିଏ ଅଧ୍ୟକ୍ଷ ପି.ଏଲ୍.ହାରାନାଦ । ଏହି ଅବସରରେ ଉପସ୍ଥିତ ଅଛନ୍ତି ପିପିଏର ଉପାଧ୍ୟକ୍ଷ ନୀଳାଭ୍ରା ଦାସଗୁପ୍ତା, ଡିଜି ସ୍ଥାନୀୟ କୋଷ୍ଟଗାର୍ଡ ୟୁନିଟ୍ ୱାଇ.କେ. ସିଂହ ପ୍ରମୁଖ। ଏହି ମାରାଥନରେ ୩୫୮ ପ୍ରତିଯୋଗୀ ଯୋଗ ଦେଇଥିଲେ। (ଫଟୋ : ସମ୍ବାଦ କଳିକା)

## ରାଜ୍ୟରେ ଆହୁରି ଦୁଇ ଦିନ କଲବଲ କରିବ ଘନ କୁହୁଡ଼ି

**ଭୁବନେଶ୍ୱର,୩।୧ ନ୍ୟୁଜ୍‌ବ୍ୟୁରୋ**

ଆହୁରି ଦୁଇ ଦିନ କଲବଲ କରିବ ଘନ କୁହୁଡ଼ି। ରାଜ୍ୟକୁ ବର୍ତ୍ତମାନ ଜଳୀୟ ବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଥିବାରୁ ରାଜ୍ୟର ଅନେକ ସ୍ଥାନରେ ଘନକୁହୁଡ଼ି ସୃଷ୍ଟି ହେଉଛି। କୁହୁଡ଼ି ଯୋଗୁଁ ଗତ ୨୪ ଘଣ୍ଟାରେ ବିଭିନ୍ନ ସ୍ଥାନରେ ଦୃଶ୍ୟମାନ ଦୂରତା ଯଥେଷ୍ଟ ହ୍ରାସ ପାଇଥିଲା। ଢେଙ୍କାନାଳରେ ଦୃଶ୍ୟମାନ ଦୂରତା ସର୍ବନିମ୍ନ ୩୦ ମିଟର ଥିବା ବେଳେ ତାଳଚେର ୪୦ ମିଟର, ସୋନପୁର, ଫୁଲବାଣୀ, କୋରାପୁଟ ଓ ଖୋର୍ଦ୍ଧାରେ ୫୦ମିଟର ଲେଖାଏଁ, କଟକରେ ୮୦ ମିଟର, ଅନୁଗୁଳରେ ୧୦୦ ମିଟର କେନ୍ଦ୍ରାପଡ଼ାରେ ୧୫୦ମିଟର ରହିଥିବା ପାଣିପାଗ କେନ୍ଦ୍ର କହିଛି। ଏହାବ୍ୟତୀତ ଆଉ କିଛି ସ୍ଥାନରେ ବି ମଧ୍ୟମ ଧରଣର କୁହୁଡ଼ି ହୋଇଥିବା ଜଣାପଡ଼ିଛି। ଏହି ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି।

## ଇରାନ୍‌ରେ ସ୍ମୃତିସଭା ବେଳେ ଭୟଙ୍କର ବିସ୍ଫୋରଣ : ୭୩ ମୃତ

**ନୂଆଦିଲ୍ଲୀ,୩।୧**

ଇରାନରେ ଭୟଙ୍କର ବିସ୍ଫୋରଣ ଘଟିଛି । ଏଥିରେ ୭୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ୫୦ରୁ ଅଧିକ ଆହତ ହୋଇଛନ୍ତି । ୨୦୨୦ରେ ଆମେରିକା ଡ୍ରୋନ୍ ଆକ୍ରମଣରେ ମୃତ୍ୟୁ ହୋଇଥିବା ଇରାନ ସେନା ମୁଖ୍ୟ କ୍ୱାସିମ ସୁଲୋମାନୀ ବାର୍ଷିକୀ ପାଳନ ପାଇଁ ଶ୍ମଶାନ ଘାଟରେ ସ୍ମୃତି ସଭା ଆୟୋଜିତ ହୋଇଥିଲା। ଏହି ସମୟରେ ଦୁଇଟି ଭୟଙ୍କର ବିସ୍ଫୋରଣ ହୋଇଛି ବୋଲି ବୁଧବାର ଇରାନ ମିଡିଆ ଖବର ପ୍ରକାଶ କରିଛି। ମୃତ୍ୟୁ ସଂଖ୍ୟା ଆହୁରି ବଢ଼ିପାରେ ବୋଲି କୁହାଯାଉଛି ।

ଇରାନର ଦକ୍ଷିଣାଞ୍ଚଳରେ ଥିବା ସହର କେରମାନରେ ଏହି ସ୍ମୃତିସଭା ଆୟୋଜିତ ହୋଇଥିଲା। ପ୍ରଥମେ ଗୋଟିଏ ବିସ୍ଫୋରଣ ପରେ କିଛି ସମୟ ଛାଡ଼ି ଆଉ ଏକ ବିସ୍ଫୋରଣ ହୋଇଥିଲା। ଜଣେ ସରକାରୀ ଅଧିକାରୀଙ୍କ କହିବା ଅନୁସାରେ, ଶ୍ମଶାନ ଘାଟ ଆଡ଼େ ନିଆଯାଉଥିବା ବେଳେ ଏକାଧିକ ଗ୍ୟାସ୍ କାନିଷ୍ଟର ହଠାତ୍ ବିସ୍ଫୋରଣ ହୋଇଥିଲା। ତେବେ ବିସ୍ଫୋରଣ ଗ୍ୟାସ୍ ସିଲିଣ୍ଡର ଦ୍ୱାରା ହୋଇଛି କିମ୍ବା ଆତଙ୍କବାଦୀ ଆକ୍ରମଣ କରିଛନ୍ତି ତାହା ସ୍ପଷ୍ଟ ହୋଇ ନାହିଁ ବୋଲି ସେ କହିଛନ୍ତି। ଘଟଣା ପରେ ରେଡ୍ କ୍ରିସେଣ୍ଟର ଉଦ୍ଧାରକାରୀ ଦଳମାନେ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଏହି ବିସ୍ଫୋରଣରେ ୫୦ ଜଣ ଆହତ ହୋଇଥିବା କୁହାଯାଉଛି। ଘଟଣା ପରେ ଭିଡ଼ ହେଉଥିବାରୁ ଉଦ୍ଧାର କାର୍ଯ୍ୟରେ ସମସ୍ୟା ହେଉଛି ବୋଲି କେରମାନ ରାଜ୍ୟର ରେଡ ଗ୍ରିସେଣ୍ଟ ମୁଖ୍ୟ ରେଜା ଫଲ୍ଲାହ ସୂଚନା ଦେଇଛନ୍ତି।

ଏବେ ବଜାରରେ ଉପଲବ୍ଧ...

'କଥାକଳିକା' ଜାନୁଆରୀ -୨୦୨୪ ସଂଖ୍ୟା



ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ସତସତ ଲାଗୁଥିବା ମିଛ କାହାଣୀ- ଗଙ୍ଗାଧର ବିଶ୍ୱାଳ।

**ସମକାଳର କଥା :** ଉତ୍ତର ଦାୟାଦ-କାର୍ତ୍ତିକ ଚନ୍ଦ୍ର ବାରିକ, ସୁଦୃଶ୍ୟ ସୂର୍ଯ୍ୟାସ୍ତ-ବୀରେଶ୍ୱର ମହାନ୍ତି, ସମାହାର-ଶଶିଭୂଷଣ ମହାନ୍ତି, ଗୋଟେ ଛଳ ପ୍ରେମର କାହାଣୀ- ସଚିଦାନନ୍ଦ କର, ମୁଠାଏ ଆଶା- ଭାନୁମତୀ ସାହୁ, ପାଣ୍ଡୁର ପୃଥିବୀ- କାର୍ତ୍ତିକ ଚନ୍ଦ୍ର ସ୍ୱାଇଁ, ସୁନାମିରେ ଉଡୁଥିବା ସିନ୍ଦୁର-ଚୌଧୁରୀ ବରଦା ପ୍ରସନ୍ନ ଦାସ।

**ଅନ୍ୟ ଭାଷାର କଥା :** ଚୋର-ପୋଲିସ : ନଗେନ୍ଦ୍ର ନାଥ ପଟ୍ଟନାୟକ।

**ଯୁବ ମାନସର କଥା :** ଜୀବନ ଯମୁନାରେ-ପ୍ରଦ୍ୟୁମ୍ନ ପଟ୍ଟନାୟକ, ଏକରୋମାଞ୍ଚକର ବିବରଣୀ-ଜାକିର ଖାନ୍, ଦୃଷ୍ଟି- କିରଣ ମିଶ୍ର, ଶିଡି-ବିଦ୍ୟାଧର ଗୁରୁ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

# କ୍ୟାନସର ଔଷଧରେ ହେବ ଡାଇବେଟିସ୍ ଚିକିତ୍ସା

**ମେଲବୋର୍ଣ୍ଣ,୩।୧**

ଏବେ କ୍ୟାନସର ଔଷଧରେ ଡାଇବେଟିସ ଚିକିତ୍ସା କରାଯିବ। ଅଷ୍ଟ୍ରେଲିଆର ବେକର୍ ହାର୍ଟ ଇନଷ୍ଟିଚ୍ୟୁଟର ବୈଜ୍ଞାନିକମାନେ ସେମାନଙ୍କର ଅନୁସନ୍ଧାନ ସମୟରେ ଅଗ୍ନାଶୟ ଷ୍ଟେମ କୋଷରେ ଏପରି ପରିବର୍ତ୍ତନ ଆଣିବାରେ ସଫଳ ହୋଇଛନ୍ତି। ଏହା ପରେ କୋଷଗୁଡ଼ିକ ଅଧିକ ଇନସୁଲିନ ଉତ୍ପାଦନ ଆରମ୍ଭ କରିଛନ୍ତି। ନେଚର ପତ୍ରିକାରେ ପ୍ରକାଶିତ ଏକ ଅନୁସନ୍ଧାନ ରିପୋର୍ଟ ଅନୁଯାୟୀ, ଅନୁସନ୍ଧାନକାରୀମାନେ ଦୁଇଟି କ୍ୟାନସର ଔଷଧ ବ୍ୟବହାର କରିଥିଲେ ଯାହା ଆମେରିକାର ଖାଦ୍ୟ ଏବଂ ଔଷଧ ପ୍ରଶାସନ ଦ୍ୱାରା ଅନୁମୋଦିତ ହୋଇଥିଲା।

ମୋନାଶ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏହି ଦିଗରେ ଗବେଷଣା କରିସାରିଛନ୍ତି, ଯାହାକୁ ବେକର ହାର୍ଟ ଇନଷ୍ଟିଚ୍ୟୁଟର ବୈଜ୍ଞାନିକମାନେ ଆଗକୁ ନେଇଛନ୍ତି। ବୈଜ୍ଞାନିକମାନଙ୍କର ପରବର୍ତ୍ତୀ ପଦକ୍ଷେପ ହେଉଛି ପ୍ରାଣୀମାନଙ୍କ ଉପରେ ଏହି ଔଷଧ ପରୀକ୍ଷା କରିବା। କିନ୍ତୁ, ବେକର ଇନଷ୍ଟିଚ୍ୟୁଟର ବୈଜ୍ଞାନିକ ସାମ ଅଲ-ଓସ୍ତା କହିଛନ୍ତି, ଏହି ଚିକିତ୍ସା ଉଭୟ ମଣିଷ ଏବଂ



ପ୍ରାଣୀମାନଙ୍କ ପାଇଁ ଲାଭଦାୟକ ହୋଇପାରିବ।

ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ବିଶ୍ୱରେ ୪୨ କୋଟିରୁ ଅଧିକ ଡାଇବେଟିସ ରୋଗୀ ଅଛନ୍ତି। ଏମାନଙ୍କ ମଧ୍ୟରୁ ଅଧିକାଂଶ ଗରିବ ଦେଶରେ ଅଛନ୍ତି। ପ୍ରତିବର୍ଷ ଏହି ରୋଗ ୧୫ ଲକ୍ଷରୁ ଅଧିକ ଜୀବନ ନେଇଥାଏ। ଗତ କିଛି ଦଶନ୍ଧି ଧରି ରୋଗୀଙ୍କ ସଂଖ୍ୟା କ୍ରମାଗତ ଭାବେ ବୃଦ୍ଧି ପାଉଛି। ଡାଇବେଟିସ ଦୃଷ୍ଟିରୁ ଭାରତ ଦଶଟି ଦେଶ ମଧ୍ୟରେ ରହିଛି। ଇଣ୍ଡିଆନ କାଉନସିଲ ଅଫ ମେଡିକାଲ ରିସର୍ଚ୍ଚର ୨୦୨୨ ରିପୋର୍ଟ ଅନୁଯାୟୀ, ଦେଶରେ ୯୫,୦୦୦ ଲୋକଙ୍କର ଟାଇପ-୧ ଡାଇବେଟିସ ହୋଇଥିଲା। ପ୍ରଫେସର ଅଲ-ଓସ୍ତା କହିଛନ୍ତି ଗବେଷଣାରେ ବୈଜ୍ଞାନିକମାନେ ଏକ ପ୍ଲେଟରେ ଟାଇପ-୧ ଡାଇବେଟିସ ରୋଗୀଙ୍କ ଦାନକାରୀ ଟିସୁ ରଖିଥିଲେ ଏବଂ ତାହା ଉପରେ କ୍ୟାନସର ଔଷଧ ବ୍ୟବହାର କରିଥିଲେ। କିଛି ଦିନ ମଧ୍ୟରେ ସେଗୁଡିକ ଇନସୁଲିନ ଉତ୍ପାଦନ ଆରମ୍ଭ କରିଥିଲେ। ଏଥିରେ ଉଭୟ ଶିଶୁ ଏବଂ ବୟସ୍କଙ୍କ ଟିସୁ ଅନ୍ତର୍ଭୁକ୍ତ ଥିଲା। ମୋନାଶ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ରୋଗୀର ଅବଶିଷ୍ଟ ଅଗ୍ନାଶୟ କୋଷକୁ ପ୍ରଭାବିତ କରିବାର ଏକ ଉପାୟ ଆବିଷ୍କାର କରିଛନ୍ତି। ଏହା ସହିତ ବିଟା ସେଲ ପରି ଇନସୁଲିନ ଉତ୍ପାଦନ ହେବ । ଏହି ଚିକିତ୍ସା ଟାଇପ-୧ ଡାଇବେଟିସର ଗତି ବଦଳାଇପାରେ ଏବଂ ସବୁବେଳେ ଇନସୁଲିନ ଗ୍ରହଣ କରିବାର ଆବଶ୍ୟକତାକୁ ଦୂର କରିପାରିବ ବୋଲି ଅଲ-ଓସ୍ତା କହିଛନ୍ତି।

## ଆଜିଠୁ +୨ କଲେଜରେ ଆରମ୍ଭ ହେବ ନିଟ୍ ଓ ଜେଇଇ କୋଚିଂ

**ଭୁବନେଶ୍ୱର,୩।୧ ନ୍ୟୁଜ୍‌ବ୍ୟୁରୋ**

ଗୁରୁବାରଠୁ ଆରମ୍ଭ ହେବ ଯୁକ୍ତ ଦୁଇ କଲେଜରେ ନିଟ୍ ଓ ଜେଇଇ କୋଚିଂ। ଭର୍ଚ୍ୟୁଆଲରେ ଯୁକ୍ତ ଦୁଇ ଛାତ୍ରଛାତ୍ରୀ ପାଇବେ କୋଚିଂ। ସବୁ ସରକାରୀ ଓ ଅନୁଦାନପ୍ରାପ୍ତ ବେସରକାରୀ କଲେଜରେ ଆରମ୍ଭ ହେବ କୋଚିଂ । ଏଥିଲାଗି କଲେଜରେ ସ୍ମାର୍ଟ ଟିଭି ଓ interactive panel install କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସର୍ବ ଭାରତୀୟ ମେଡିକାଲ ପ୍ରବେଶିକା ପରୀକ୍ଷା ନିଟ୍ ଓ ଇଞ୍ଜିନିୟରିଂ ପ୍ରବେଶିକା ପରୀକ୍ଷା ଜେଇଇରେ ଓଡ଼ିଆ ଛାତ୍ରଛାତ୍ରୀଙ୍କ ସଫଳତା ହାର ବଢ଼ାଇବାକୁ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଯୋଜନା ଆରମ୍ଭ ହୋଇଛି। ପ୍ରତିଦିନ କୋଚିଂ କ୍ଲାସର ଉପସ୍ଥାନ ସମ୍ପର୍କରେ ନୋଡାଲ ଅଫିସର ନିର୍ଦ୍ଦେଶାଳୟକୁ ଅବଗତ କରାଇବେ ।